# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 109 ଭାଗ ୩୪ | ସଂଖ୍ୟା ୧୦୯ | Friday 10 July 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର, ୧୦ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ମା’ ହତ୍ୟା ପାଇଁ ଝିଅ ଦେଇଥିଲା ସୁପାରି — ପୃଷ୍ଠା ୫


ଇସ୍କନର କେଡ଼େ ବହପ

## ଗଜପତିଙ୍କ ଅନୁରୋଧକୁ ବେଖାତିର୍





- ଅଦିନରେ ରଥଯାତ୍ରା ନ କରିବାକୁ କରିଥିଲେ ଅପିଲ
- ପ୍ରସଙ୍ଗରେ ଆଲୋଚନାରୁ ଓହରିଲା ଇସ୍କନ

**ପୁରୀ,୯।୭(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାର ତିଥି ଓ ପରମ୍ପରାକୁ ନେଇ ବିଶ୍ୱବ୍ୟାପୀ ଚାଲିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ବିଦେଶରେ ମନଇଚ୍ଛା ଓ ଅଦିନରେ ରଥଯାତ୍ରା ଆୟୋଜନ କରିବାକୁ ନେଇ ଗଜପତି ମହାରାଜାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛି ଇସ୍କନ। ଗତ ୪ ତାରିଖରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଇସ୍କନ ଗଭର୍ଣ୍ଣିଂ ବଡି କମିଶନ ଅଧ୍ୟକ୍ଷ ମଧୁସେବିତ ଦାସଙ୍କୁ ଏକ ଜରୁରୀ ପତ୍ର ଲେଖିଥିଲେ। ଏଥିରେ ସେ ୨୦୨୫ ଅକ୍ଟୋବର ୧୯ର ଇସ୍କନ ଗଭର୍ଣ୍ଣିଂ ବଡି କମିଟି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ବିଦେଶରେ ମନଇଚ୍ଛା ତାରିଖରେ ଅଦିନିଆ ରଥଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଗତ ୭ ତାରିଖରେ ଇସ୍କନ ଅଧ୍ୟକ୍ଷ ଶ୍ରୀ ଦାସ ଏକ ଇମେଲ୍ ଜରିଆରେ ଗଜପତିଙ୍କ ଏହି ଆବେଦନକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି।

ସେ ଦୃଢ଼ତାର ସହ ଜଣାଇଛନ୍ତି ଯେ ଏହି ବିଷୟରେ ଅଧିକ ➪ପୃଷ୍ଠା-୬

# ଓଡ଼ିଶା ମାଟିରୁ ନୀଳ ବିପ୍ଳବ

- ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ
- ଜାହାଜଗୁଡ଼ିକ ପାଇଁ ‘ଏଲଓଏ’ ବାଧ୍ୟତାମୂଳକ
- ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବେ ଓଡ଼ିଆ ମତ୍ସ୍ୟଜୀବୀ
- ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ସ୍ୱଚ୍ଛତା ଆସିବ
- ସୁଦୃଢ଼ ହେବ ୫୦ ନିୟୁତ ମତ୍ସ୍ୟଜୀବୀଙ୍କ ଜୀବିକା
- ନୂଆ ଉଚ୍ଚତା ଛୁଇଁବ ସାମୁଦ୍ରିକ ଖାଦ୍ୟ ରପ୍ତାନୀ: ଉପରାଷ୍ଟ୍ରପତି
- ପୂର୍ବ ଭାରତର ‘ମେରାଇନ୍ ହବ୍’ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ
- ଓଡ଼ିଶା ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ ମିଶନ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ ‘ନୀଳ ଅର୍ଥ ବ୍ୟବସ୍ଥା’ ଇତିହାସରେ ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍ ମୁକ୍ତ ସାଗରରେ ଦୀର୍ଘସ୍ଥାୟୀ ମତ୍ସ୍ୟ ଉତ୍ପାଦନ ଲାଗି ଉଦ୍ଦିଷ୍ଟ ‘ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର (ଏଲଓଏ)’ର ଜାତୀୟ ଶୁଭାରମ୍ଭ କରିଛନ୍ତି।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ ପ୍ରାୟ ୭୩,୮୯୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ମାଛଧରା କାର୍ଯ୍ୟ ଉପକୂଳର ୪୦-୫୦ ନଟିକାଲ ମାଇଲ ମଧ୍ୟରେ ସୀମିତ ଥିବା ବେଳେ ଗଭୀର ସମୁଦ୍ରର ଅନ୍ତର୍ଜାତୀୟ ଜଳସୀମାରେ ଟୁନା ଭଳି ଉଚ୍ଚମୂଲ୍ୟର ମାଛ ଧରିବା ପାଇଁ ଏହି ନୂତନ ନୀତି ବିରାଟ ସୁଯୋଗ ଆଣିଦେବ ଏବଂ ଖାଦ୍ୟ ସୁରକ୍ଷା ଓ ପୋଷଣ କ୍ଷେତ୍ରକୁ ସୁଦୃଢ଼ କରିବ। ଏହି ଅବସରରେ ଉପରାଷ୍ଟ୍ରପତି ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା ‘ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ଡକ୍ୟୁମେଣ୍ଟ (୨୦୨୬-୨୦୩୬)’କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି।

କେନ୍ଦ୍ର ସରକାରଙ୍କ ମତ୍ସ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଜାତୀୟ ସମବାୟ ରପ୍ତାନୀ ଲିମିଟେଡ୍ (ଏନସିଇଏଲ) ସମେତ ବିଭିନ୍ନ ପ୍ରମୁଖ ମତ୍ସ୍ୟ ସମବାୟ ସମିତି ଓ ମାଛଧରା ଜାହାଜର ମାଲିକଙ୍କୁ ସ୍ୱତନ୍ତ୍ର ଅନୁମୋଦନ ପତ୍ର ବଣ୍ଟନ କରାଯାଇଛି, ଯାହାଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡ଼ିକୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ) ବାହାରେ ଥିବା ଗଭୀର ଅନ୍ତର୍ଜାତୀୟ ସାମୁଦ୍ରିକ ଜଳସୀମାରେ ନିୟନ୍ତ୍ରିତ ଓ ଦାୟିତ୍ୱପୂର୍ଣ୍ଣ ଭାବେ ଉଚ୍ଚ-ମୂଲ୍ୟବାନ ମାଛ ଧରିବା ପାଇଁ ଅନୁମତି ମିଳିପାରିବ। ➪ପୃଷ୍ଠା-୬

ଅଷ୍ଟ୍ରେଲିଆରେ ମୋଦି, ଏକାଧିକ ଚୁକ୍ତି ସ୍ୱାକ୍ଷରିତ

## ମଜବୁତ ହେବ ଭାରତର ଆଣବିକ ଶକ୍ତି

ଭାରତକୁ ଘନିଷ୍ଠ ବନ୍ଧୁ କହିଲେ ଆଲବାନିଜ୍



**ମେଲବୋର୍ଣ୍ଣ/ନୂଆଦିଲ୍ଲୀ,୯।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୬ଦିନିଆ ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ଚରଣରେ ଯାଇ ଦ୍ୱୀପ ମହାଦେଶ ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଆନ୍ଥୋନୀ ଆଲବାନିଜଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଗୁରୁବାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷରିତ ହୋଇଛି। ଗୋଟିଏ ଚୁକ୍ତି ଅନୁଯାୟୀ, ପରମାଣୁ ଶକ୍ତି ଶିଳ୍ପରେ ବ୍ୟବହାର କରିବା ପାଇଁ ଅଷ୍ଟ୍ରେଲିଆ ଭାରତକୁ ୟୁରାନିୟମ୍ ରପ୍ତାନୀ କରିବ। ଏଥିସହ ନବୀକରଣୀୟ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଓ ସବୁଜ ➪ପୃଷ୍ଠା-୬

## ହୀରାକୁଦ ଛାଡ଼ିଲା ପ୍ରଥମ ବନ୍ୟାଜଳ



- ଖୋଲିଲା ଡ୍ୟାମ୍‌ର ୧୦ ଗେଟ୍
- ଏବେ ବନ୍ୟା ଭୟ ନାହିଁ: ମୁଖ୍ୟମନ୍ତ୍ରୀ
- ନୂଆ ରୁଲ କର୍ଭ ପାଇଁ ଚାଲିଛି ବିଚାର

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ହୀରାକୁଦ ଡ୍ୟାମରୁ ଆଜି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଟି, ମୋଟ ୧୦ଟି ସ୍ଲୁଇସ୍ ଗେଟ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ➪ପୃଷ୍ଠା-୬

ପଞ୍ଚାୟତ-ପୌର ନିର୍ବାଚନ ପାଇଁ ପ୍ରସ୍ତୁତି

## ଘରକୁ ଘର ବୁଲି ହେବ ଭୋଟର ସର୍ଭେ

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ୨୦୨୭ ଜାନୁୟାରୀ-ଫେବ୍ରୁଆରୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଓ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପାଇଁ ୱାର୍ଡ ଓ ବୁଥସ୍ତରୀୟ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ‘ଘରକୁ ଘର ବୁଲି ସର୍ଭେ’ କରାଯିବା ସହ



ସୀମା ନିର୍ଦ୍ଧାରଣ ଓ ସିଟ୍ ସଂରକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ବିସ୍ତୃତ ପରିଚାଳନା ଓ ରଣନୀତି ଉପରେ ଚୂଡ଼ାନ୍ତ ମୋହର

- ୱାର୍ଡ ଅନୁଯାୟୀ ଭୋଟର ମ୍ୟାପିଙ୍ଗ୍ କରାଯିବ
- ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ଆଲୋଚନା

ପାଇଁ ଆସନ୍ତା ୨୧ ତାରିଖରେ ଜିଲ୍ଲାପାଳମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ➪ପୃଷ୍ଠା-୬

## ଯୁଦ୍ଧ ପୋତରେ ଓଡ଼ିଶା ଛାପ



**ନୂଆଦିଲ୍ଲୀ,୯।୭:** ଦେଶର ଭାରତୀୟ ନୌସେନା ଶତ୍ରୁପକ୍ଷକୁ ମାତ୍ ଦେବା ସକାଶେ ନିୟମିତ ଭାବେ ଶକ୍ତିଶାଳୀ ଅସ୍ତ୍ର ଓ ଯୁଦ୍ଧପୋତ କମିଶନ୍ କରିଆସିଛି। ଏହି କ୍ରମରେ ଆସନ୍ତା ୧୧ରେ ଭାରତୀୟ ନୌସେନାରେ ସାମିଲ ହେବ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ମହେନ୍ଦ୍ରଗିରି (ଏଫ୍-୩୮)। ମାଜାଗନ୍ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ ଦ୍ୱାରା ନିର୍ମିତ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ହେଉଛି ବିଶାଖାପାଟନମ୍ ➪ପୃଷ୍ଠା-୬

## ଆମ୍ବୁଲାନ୍ସ ପଙ୍କ୍‌ଚର, ଚାଲିଗଲା କୁନି ଝିଅର ଜୀବନ



**ଭବାନୀପାଟଣା,୯।୭(ସଂଚାର ବ୍ୟୁରୋ):** ଗରିବଗୁରୁବାଙ୍କ ଜୀବନ ଏବେ ଧତଡ଼ା ଆମ୍ବୁଲାନ୍ସ ହାତରେ। ଅସୁସ୍ଥ ୧୦୮ ଆମ୍ବୁଲାନ୍ସ ରୋଗୀ ସେବାରେ ଥାଇ ବି କେବେ ଜୀବନ ଜୀଇଁବାର ସମ୍ଭାବନା ଭିତରେ ମରଣ ମୁହଁକୁ ଠେଲି ଦେଉଛି ତ କେବେ ପୁଣି ରୋଗୀଙ୍କୁ ମାରିଦେଉଛି। ➪ପୃଷ୍ଠା-୬

କେଏମସି ଅଧିକାରୀଙ୍କୁ ସୂଚନା କମିଶନ୍‌ଙ୍କ ଛାଟ

## ତଥ୍ୟ ଦେଲେନି, ୨୦ ହଜାର ଜରିମାନା

**କଟକ,୯।୭(ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ (କେଏମ୍‌ସି)ରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନାହିଁ। କିଛି ଅଧିକାରୀ ଦୀର୍ଘ ବର୍ଷ ହେବ ଗାଦି ମାଡ଼ି ବସିଛନ୍ତି। ସେଥିମଧ୍ୟରୁ ବର୍ତ୍ତମାନ ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅତନୁ ସାମନ୍ତ ଅନ୍ୟତମ। ଶ୍ରୀ ସାମନ୍ତ ପୂର୍ବରୁ କେଏମ୍‌ସିରେ ନଗରଯନ୍ତ୍ରୀ ଦାୟିତ୍ୱରେ ଥିବା ବେଳେ ଉନ୍ନତିମୂଳକ କାର୍ଯ୍ୟ ନାମରେ ବ୍ୟାପକ ଦୁର୍ନୀତି, ଅନିୟମିତତା କରିଥିବା ଅଭିଯୋଗ ହେଉଥିଲା। ମାତ୍ର ଗତ ୨୦୨୩ ଜୁଲାଇ ୧୦ରେ କଟକରେ ୩୫ କୋଟି ଟଙ୍କାର ୧୬ଟି ପ୍ରକଳ୍ପର ଭୂମିପୂଜନ ତତ୍କାଳୀନ କମିଶନର ନିଖିଲ ପୱନ କଲ୍ୟାଣ, ନଗର ଯନ୍ତ୍ରୀ ଶ୍ରୀ ସାମନ୍ତ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ହୋଇଥିଲା। କିନ୍ତୁ ପ୍ରକଳ୍ପ ନାମରେ ବିଭାଗୀୟ ଅଧିକାରୀ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରୁଥିବା ନେଇ ଉକ୍ତ ୩୫ କୋଟି ପ୍ରକଳ୍ପ ସମ୍ପର୍କିତ ବାବଦରେ ତଥ୍ୟ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କେଏମସି ଜନସୂଚନା ଅଧିକାରୀଙ୍କୁ ମାଗିଥିଲେ। କିନ୍ତୁ ତଥ୍ୟ ନ ମିଳିବାରୁ ଗତ ୨୦୨୪ ଫେବ୍ରୁଆରୀରେ ଶ୍ରୀ ସାହୁ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲ




ଅର୍ଡର ପରେ ମଧ ଶ୍ରୀ ସାମନ୍ତ ଜାଣିଶୁଣି ତଥ୍ୟ ଦେଇନଥିବା ଶ୍ରୀ ଅଭିଯୋଗ କରିଥିଲେ। ଏଥିସହ ସେ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ କରିଥିଲେ। କିନ୍ତୁ ଏହାକୁ ବି ବେଖାତିର୍ କରି ଶ୍ରୀ ସାମନ୍ତ କୌଣସି ତଥ୍ୟ ଦେଇନଥିଲେ।

ପାଖାପାଖି ୨ ବର୍ଷ ପରେ ଅର୍ଥାତ୍ ଗତ ଜୁନ୍ ୯ ତାରିଖରେ ରାଜ୍ୟ ସୂଚନା କମିଶନ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଦ୍ୱିତୀୟ ➪ପୃଷ୍ଠା-୬

# ସୁଜାତାଙ୍କ ଟିମ୍‌କୁ ନେଇ ବିଜେଡିରେ ଛକାପଞ୍ଝା

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ବିଜେଡିରେ ଯୋଗ ଦେଇଥିବା ସୁଜାତା ରାଉତଙ୍କ ଟିମ୍‌ରେ ରହିବା ପାଇଁ ଏବେ ବିଜେଡିରେ ଛକାପଞ୍ଝା ଆରମ୍ଭ ହୋଇଛି। ଯୁବଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ନେତା ସୁଜାତାଙ୍କ ଗୁଡ୍ ବୁକ୍‌ରେ ରହିବାକୁ ଲାଗି ପଡ଼ିଥିବା ବେଳେ ସୁଜାତା ନିଜ ବାଟାଲିଅନ ପାଇଁ କାହାକୁ ବାଛୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ସୁଜାତା ରାଉତ ବିଜେଡିରେ ଯୋଗଦେବା ପରେ ଦଳୀୟ କାର୍ଯ୍ୟାଳୟରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଥିବା ବେଳେ ପରେ ପରେ ପୁରୀ ଗସ୍ତ ସମୟରେ ମଧ୍ୟ ବହୁ ନେତାଙ୍କୁ ତାଙ୍କ ନିକଟରେ ଦେଖିବାକୁ ମିଳିଥିଲା। ଏହାପରେ ଯଦିଓ ସୁଜାତା ସେତେଟା ସକ୍ରିୟ ହୋଇନାହାନ୍ତି, କିନ୍ତୁ ସେ ଶଙ୍ଖ ଭବନରେ ବିଭିନ୍ନ ନେତାଙ୍କ

> ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ସମାଲୋଚକ ଓ ବରିଷ୍ଠ
>
> ନୂଆ ବ୍ରିଗେଡ୍ ପାଇଁ ସବୁ ମହଲରେ ଲବି

ସହ ବୈଠକ କରିବା ସହ ଆଗାମୀ ଦିନରେ ଜିଲ୍ଲା ଗସ୍ତ କରିବେ ବୋଲି ସୂଚନା ମିଳିଛି। ତେବେ ଦଳ ପାଇଁ ଆଗକୁ ଯିବା ପୂର୍ବରୁ ସୁଜାତା ନିଜର ଏକ ବିଶ୍ୱସ୍ତ ଟିମ୍ ଗଠନ କରିବେ।

ସୁଜାତାଙ୍କର ଏହି ଟିମ୍‌ରେ ରହିବା



ପାଇଁ କେବଳ ଯୁବ ନେତା ନୁହଁନ୍ତି, ଦଳରେ ଥିବା କିଛି ପୁରୁଖା ନେତା ବି ନିଜଆଡୁ ଉଦ୍ୟମ ଚଳାଇଛନ୍ତି। ଯେଉଁ ନେତାମାନେ ସୁଜାତାଙ୍କ ବିଜେଡି ଆଗମନ ପୂର୍ବରୁ ତାଙ୍କୁ ସମାଲୋଚନା କରୁଥିଲେ, ସେମାନେ ଏବେ ଅକଳରେ ପଡ଼ିଛନ୍ତି। ସୁଜାତାଙ୍କ ସହ ରହିବେ କି ନାହିଁ, ଯଦି ରହିବେ ତେବେ କିଭଳି ଭାବେ ରହିବେ, ତାହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏହି ନେତାମାନଙ୍କ ମଧ୍ୟରେ ଦୁଇ ତିନି ଜଣ ବିଧାୟକ ବି ରହିଥିବା ଜଣାଯାଇଛି।

ଅନ୍ୟପକ୍ଷରେ ସମସ୍ତଙ୍କ ନଜର ଏବେ ଦଳର ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କ ଉପରେ ରହିଛି। ସୁଜାତାଙ୍କ ବିଜେଡି ପ୍ରବେଶ ଦିନ ପ୍ରଣବଙ୍କ ଅନୁପସ୍ଥିତି ଚର୍ଚ୍ଚାରେ ଥିବା ବେଳେ ପରଦିନ କିନ୍ତୁ ସେ ସୁଜାତାଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଥିଲେ। ବିଜେଡିରେ ବବିଙ୍କ ଦବଦବା ଥିବା ବେଳେ ପୂର୍ବରୁ ସଂଗଠନ ଉପରେ ମଧ୍ୟ ତାଙ୍କର ବେଶ୍ ପ୍ରଭାବ ରହିଥିଲା। ଦଳର ଟିକଟ ବଣ୍ଟନକୁ ନେଇ ବବି ଦଳ ଭିତରେ ଅସନ୍ତୋଷର ସମ୍ମୁଖୀନ ହୋଇଥିଲେ। ଏବେ ସୁଜାତା ଆଗକୁ ବଢୁଥିବା ➪ପୃଷ୍ଠା-୬




## ନ୍ୟାୟ ପାଇଁ ରାତିସାରା ବର୍ଷାରେ ଶୋଇ ରହିଲେ ଅସହାୟ ପରିବାର



**କେନ୍ଦ୍ରାପଡା,୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଅସହାୟ ପରିବାର ଖୋଲା ଆକାଶ ତଳେ ନ୍ୟାୟ ପାଇଁ ବର୍ଷାରେ ଶୋଇ ରହିଥିବା ସ୍ଥାନୀୟ ଲୋକଙ୍କୁ ବିସ୍ମିତ କରିଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନ ନଗର ବାଲିଆ ଅଂଚଳର ସଂଯୁକ୍ତା ନାଥ ତାଙ୍କ ପତ୍ନୀ ଓ ପିଲାଛୁଆ ବୁଧବାର ଦିନଠାରୁ ଗୁରୁବାର ପର୍ଯ୍ୟନ୍ତ ଧାରଣାରେ ବସି ରହିଛନ୍ତି । ତାଙ୍କ ଘରକୁ ସ୍ଥାନୀୟ କେତେକ ଖଳ ପ୍ରକୃତିର ବ୍ୟକ୍ତି ଭାଙ୍ଗିଦେବା ସହ ଜିନିଷ ପତ୍ର ନଷ୍ଟ କରିଦେଇଛନ୍ତି । ଦୀର୍ଘ ୭ ବର୍ଷ ହେଲା ରହୁଥିବା ଜାଗାର ପଟ୍ଟା ପାଉନଥିବାରୁ ଏହି ଅସହାୟ ପରିବାର ପଟ୍ଟାମୁଣ୍ଡାଇ ତହସିଲ୍, ଜିଲ୍ଲା କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶିବିରରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । କୌଣସି ନ୍ୟାୟ ନ ପାଇବାରୁ ଏହି ପରିବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଟାଉନ୍ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଁଚି ଧାରଣା ରତ ଅସହାୟ ପରିବାରକୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି ।

## ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ବ୍ୟାସନଗର ପୌରବାସୀ



**ଯାଜପୁର ରୋଡ଼,୯।୭ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ୨୬ ଗୋଟି ୱାର୍ଡରେ ୫ଦିନ ତଳେ ଲଗାଣ ବର୍ଷା ଯୋଗୁଁ ଏହି ସହରର ପ୍ରତ୍ୟେକ ୱାର୍ଡର ବହୁ ଅଂଚଳ ଜଳବନ୍ଦୀ ହୋଇଥିଲା। ଡ଼ାକବଙ୍ଗଳା ଛକ ଠାରୁ ପନିପରିବା ମାର୍କେଟ ରାସ୍ତା, ଗୋପବନ୍ଧୁ ଛକ ଠାରୁ ରେଲୱେ ଷ୍ଟେସନ ରାସ୍ତା, ଉମାପଦା ବସଷ୍ଟାଣ୍ଡ ରାସ୍ତା ଭଳି ଆଉ କିଛି ସ୍ଥାନରେ ଅଂଚଳବାସିନ୍ଦା ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ସ୍ଥାନୀୟ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଏ ସହରରେ ବର୍ଷାଜଳ ନିଷ୍କାସନ ସମସ୍ୟାର ସମାଧାନ ବିଷୟରେ କଳିଙ୍ଗନଗର ଏଡିଏମ୍, ପିଡ଼ି, ନଗରପାଳ ଓ ବ୍ୟାସନଗର ପୌର ପରିଷଦ ପ୍ରଶାସନିକଙ୍କ ଦୃଷ୍ଟି ଆକର୍ଷଣ କରିବା ଦ୍ୱାରା ଏବେ ପୌର କର୍ମଚାରୀ ଦିନରାତି ମେସିନ ସହାୟତାରେ ମୁଖ୍ୟ ରାସ୍ତା ଗୁଡ଼ିକର ରାସ୍ତାର ଡ୍ରେନକୁ ଖୋଲାଯାଇ ଅଳିଆ ଅବର୍ଜନାକୁ ବାହାର କରିବା ଦ୍ୱାରା ପାଣି ନିଷ୍କାସନ ଠିକ ଭାବେ ହୋଉଛି। ଜଳବନ୍ଦୀରୁ ୱାର୍ଡବାସୀ କିଛି ମାତ୍ରାରେ ଆଶ୍ୱସ୍ତିଲାଭ କରୁଛନ୍ତି । ତେଣୁ ଏହାକୁ ନେଇ ସ୍ଥାନୀୟ ବିଧାୟକ, କଳିଙ୍ଗନଗର ଏଡିଏମ୍, ପିଡି, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ, ନଗରପାଳ ଓ ସଫେଇ କର୍ମଚାରୀଙ୍କୁ ୱାର୍ଡବାସୀ କୃତଜ୍ଞତା ଜଣାଇଛନ୍ତି

## ବାଲିଘାଇ ସେତୁ ନିର୍ମାଣରେ ବିଳମ୍ବ, ଅଞ୍ଚଳବାସୀଙ୍କ ଅସନ୍ତୋଷ

**ସତ୍ୟବାଦୀ,୯।୭(ସଂଚାର ବ୍ୟୁରୋ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବନପୁରରୁ ଦାସବିଦ୍ୟାଧରପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ସଡ଼କର ଅବସ୍ଥା ବର୍ଷା ପରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦୁଇ ବର୍ଷ ତଳେ ମରାମତି ହୋଇଥିବା ସତ୍ତ୍ୱେ ସଡ଼କର ମଧ୍ୟଭାଗରେ ଅବସ୍ଥିତ ବ୍ରିଟିଶ୍ ଅମଳର 'ବାଲିଘାଇ ସେତୁ'କୁ ଭାଙ୍ଗି ଦିଆଯାଇଥିବା ବେଳେ



ଏହାର ସ୍ଥାନରେ କେବଳ ଏକ ଅସ୍ଥାୟୀ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଫଳରେ ଦାସବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଲୋକମାନେ ଯାତାୟାତରେ ନାନା ଅସୁବିଧା ଭୋଗୁଛନ୍ତି। ଏହି ସଡ଼କ ଦେଇ ପ୍ରତିଦିନ ବହୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟାତ କରୁଥିବା ବେଳେ ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକ୍ ମଧ୍ୟରେ ସଂଯୋଗର ଏହା ଏକ ପ୍ରମୁଖ ମାର୍ଗ। ରୋଗୀମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୪ କିଲୋମିଟର ଅଧିକ ବାଟ ବୁଲି ଯିବାକୁ ପଡୁଥିବାରୁ ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଛି।

# କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

**କେନ୍ଦ୍ରାପଡ଼ା, ୯।୭(ସଂଚାର ବ୍ୟୁରୋ):**କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କାରଣ ଆଗାମୀ କିଛି ଦିନ ମଧ୍ୟରେ ୩ ଜଣ ଅଧିକାରୀ ଅବସରଗ୍ରହଣ କରିବେ। ଏନେଇ ଶିକ୍ଷା ବିଭାଗରେ ସୂଚନା ରହିଛି। କିନ୍ତୁ ଏହି ଅଭାବ ପୁରଣ କରିବା ପାଇଁ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଆସନ୍ତା ଏକମାସ ମଧ୍ୟରେ ବିଇଓ ଏବଂ ଜଣେ ଏବିଇଓ ଅବସର ନେବେ।

ଶିକ୍ଷା ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟି ଏହି କାର୍ଯ୍ୟାଳୟର ବି.ଆର.ସି.ସି. ତଥା ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବଳଦେବ ପ୍ରସାଦ ଜେନା ଆସନ୍ତା ଅଗଷ୍ଟମାସ ୩୧ତାରିଖରେ ଅବସରଗ୍ରହଣ କରିବେ । ଏହାସହ ସହକାରୀ ମଣ୍ଡଳଶିକ୍ଷାଧିକାରୀ ରଞ୍ଜନ କୁମାର ରାଉତରାୟ ଏହାର ଦୁଇମାସ ପରେ ଅର୍ଥାତ ଆସନ୍ତା ଅକ୍ଟୋବରମାସ ୩୧ତାରିଖରେ ଅବସରଗ୍ରହଣ କରିବେ। ଏଥିସହିତ ମଣ୍ଡଳଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ମଧ୍ୟ ଆସନ୍ତା ଅଗଷ୍ଟମାସ ୩୧ତାରିଖରେ ଅବସରଗ୍ରହଣ କରିବେ।

ଏହାବ୍ୟତିତ ଅନ୍ୟତମ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନପୂର୍ଣ୍ଣା ପଣ୍ଡା ଭିଆରଏସ ଦରଖାସ୍ତ ଦେଇ ଗତ ଜୁନମାସରୁ ଛୁଟିରେ ଚାଲିଯାଇଛନ୍ତି । ଏହି ମଣ୍ଡଳଶିକ୍ଷା କାର୍ଯ୍ୟାଳୟ ଅଧିନରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଆଗକୁ ଏହି କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି । ସହକାରୀ ମଣ୍ଡଳଶିକ୍ଷାଧିକାରୀ ଶ୍ରୀ ଜେନାଙ୍କ ଠାରୁ ଦାୟିତ୍ୱ ନେବା ପାଇଁ ଅନ୍ୟତମ ସହକାରୀ ମଣ୍ଡଳଶିକ୍ଷାଧିକାରୀ ଶ୍ରୀ ରାଉତରାୟ ରାଜି ନଥିବା ବେଳେ ଅନ୍ୟ ଜଣେ ସହକାରୀ ମଣ୍ଡଳଶିକ୍ଷାଧିକାରୀ ଛୁଟିରେ ରହିଛନ୍ତି । ଏକାସାଙ୍ଗରେ ଶ୍ରୀ ଜେନାଙ୍କ ସହ ମଣ୍ଡଳଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀ ଅବସରଗ୍ରହଣ କରୁଥିବାରୁ ଏହି କାର୍ଯ୍ୟାଳୟ କିଭଳି ଚାଲିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସରକାରଙ୍କ ନିୟମ ଅନୁଯାୟି ଜଣେ ସରକାରୀ କର୍ମଚାରୀ ବା ଅଧିକାରୀ ଅବସରଗ୍ରହଣ ଦିନହିଁ ପେନସନ ପାଇବେ । ସେଥିନିମନ୍ତେ ଅବସରଗ୍ରହଣର ୬ମାସ ପୂର୍ବରୁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବା କଥା। କିନ୍ତୁ ଏଠାରେ ତାହା ସମ୍ଭବ ହେଉନାହିଁ । ଏହି ସମସ୍ୟା ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଜଣାବା ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏହି କାର୍ଯ୍ୟାଳୟରେ ଆଗକୁ ଅଚଳାବସ୍ଥା ସୃଷ୍ଟିହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ବିଭାଗୀୟ ଉଚ୍ଚ କୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ନିର୍ମାଣର ୧୦ଦିନ ପରେ ଦବିଗଲା ଆପ୍ରୋଚ ରୋଡ୍

**ଡେରାବିଶ, ୯।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମ ସ୍ଥିତ ୧୨ନଂ କେନାଲ ଉପରେ ସଦ୍ୟ ନିର୍ମାଣ କରାଯାଇଥିବା ଢଳେଇ ପୋଲର ଆପ୍ରୋଚ ରୋଡ଼ ଦବିଯାଇଥିବା ଦେଖିବାକୁ ମିଳିଛି।



ପୂର୍ବରୁ ସେହି ସ୍ଥାନରେ ଥିବା ଢଳେଇ ପୋଲଟି ଅଣଚଉଡ଼ା ଥିବା କାରଣରୁ ଓ ଚଉଡ଼ା ପୋଲର ଆବଶ୍ୟକତା ହେବାରୁ ପୁରୁଣା ପୋଲଟି ଭଙ୍ଗାଯାଇ ନୂଆ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ବେଳେ ପୋଲର ଡିଜାଇନ୍‌କୁ ବ୍ୟତିକ୍ରମ କରି ନିର୍ମାଣ କାର୍ଯ୍ୟ କରାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ଜଳସେଚନ ବିଭାଗ ପକ୍ଷରୁ ନିର୍ମାଣ ସମୟରେ କୌଣସି ଅଧିକାରୀ ଉପସ୍ଥିତ ରହିନଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ନିର୍ମାଣ ପରେ ରାସ୍ତା ସହିତ ପୋଲକୁ ସଂଯୋଗ କରିବା ପାଇଁ ଯେଉଁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇଥିଲା ତାହା ଏତେ ନିମ୍ନମାନର ହୋଇଥିଲା ଯେ ତାହା ଦବି ଯାଇଛି। ଫଳରେ ଏହି ରାସ୍ତାରେ ଚାରିଚକିଆ ଯାନ କିମ୍ବା ଅତ୍ୟାବଶ୍ୟକ ଆମ୍ବୁଲାନ୍ସ କିମ୍ବା ଫାୟାର ଗାଡ଼ି ଯିବା ସମ୍ଭବ ହେବ ନାହିଁ। ଏପରିକି ବାଇକ୍ ଆରୋହୀ ସାମାନ୍ୟ ଟିକେ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଗ୍ରସ୍ତ ହେବା ନିଶ୍ଚିତ |

ପୂର୍ବରୁ ଏହି ଆପ୍ରୋଚ ରୋଡ଼ ଗୋଟିଏ ପଟ ଦବିଯାଇଥିବା ବେଳେ ଏହାକୁ ଠିକାଦାର ଜଣକ ଅଧିକାରୀ ବିଜୟ ମହାନ୍ତିଙ୍କୁ ମୋଟା ଅଙ୍କର ପିସି ଦେଇ ମରାମତି କରିଥିବା ବେଳେ ଦ୍ୱିତୀୟ ଥର ଅନ୍ୟ ଏକ ଜାଗାରେ ଏହା ଦବିଯାଇଛି। ତୁରନ୍ତ ଏହି କାର୍ଯ୍ୟକୁ ସୁଦୃଢ଼ କରି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ୪ ବିଏଲଓଙ୍କ ଅବହେଳା

### ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ ସୁପାରିସ୍

**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟରେ ଗୁରୁତର ଅବହେଳା ଯୋଗୁଁ କେନ୍ଦ୍ରାପଡା ବ୍ଲକ ଅଧିନ ୪ଟି ବୁଥର ବୁଥ ଲେଭେଲ ଅଫିସର(ବିଏଲଓ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ କେନ୍ଦ୍ରାପଡା ବିଡିଓ ସୁପାରିଶ କରିଛନ୍ତି । ଏହି ବିଏଲଓମାନେ ହେଉଛନ୍ତି କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ବୁଥ ନମ୍ବର ୫୩ର ବୁଥ ଲେଭେଲ ଅଫିସର ତଥା କେଶପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହରପ୍ରିୟା ସିଆଳ, ବୁଥ ନମ୍ବର ୫୭ର ବୁଥ ଲେଭେଲ ଅଫିସର ତଥା ବାଘୁଆ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ବୁଥ ନମ୍ବର ୧୧୯ର ବୁଥ ଲେଭେଲ ଅଫିସର ତଥା ଶୁକଦେବ ବ୍ରହ୍ମଚାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବିଜୟ କୁମାର ନାୟକ ଓ ୧୨୧ନମ୍ବର ବୁଥର ବୁଥ ଲେଭେଲ ଅଫିସର ତଥା ଭରସିଂ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା କୋରୁଆ ଆଳିକ ସାଧନକେନ୍ଦ୍ରର ସିଆରସିସି ପ୍ରଜ୍ଞା ପ୍ରଗଲ୍ଭା ଚଇନୀ ପ୍ରମୁଖ। ଏମାନେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ କରିବା ପାଇଁ ସହ ଯୋଗ କଲେ ନାହିଁ । ଏପରିକି ବିଡିଓ ସେମାନଙ୍କୁ ତାଗିଦ କରିବା ପରେ ମଧ୍ୟ ସେମାନେ ବିଡିଓଙ୍କ ନିର୍ଦ୍ଦେଶକୁ ବେଖାତିର କରିଥିଲେ । ବିଡିଓ ସେମାନଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ସେମାନେ ଏହି ନିର୍ଦ୍ଦେଶକୁ ପାଳନ କରିନଥିଲେ । ତେଣୁ ଆଇନ ଉଲ୍ଲଙ୍ଘନକାରୀ ଏହି ବିଏଲଓମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ସୁପାରିଶ କରିଛନ୍ତି । ଯାହାଫଳରେ ଅନ୍ୟ ବିଏଲଓମାନେ କାମ କରିବା ପାଇଁ ଉତ୍ସାହିତ ହେବେ। ଏଠାରେ ସୂଚନା ଯୋଗ୍ୟ ଯେ ସି.ଆର.ସି.ସି. ପ୍ରଜ୍ଞା ପ୍ରଗଲ୍ଭା ଚଇନୀଙ୍କର ଜନଗଣନା(ସେନସସ) ଡ୍ୟୁଟି ପଡିଥିଲା । ସେ ଏସଆଇଆର ନିଯୁକ୍ତିପତ୍ର ଦେଖାଇ ସେନସସ ଡ୍ୟୁଟିକୁ ବାତିଲ କରିଦେଇଥିଲେ । କିନ୍ତୁ ଏବେ ଏସଆଇଆର ଡ୍ୟୁଟି ମଧ୍ୟ କରୁନଥିବା ବିଡିଓ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

## ଉସ୍ୱରପଡ଼ା କେନାଲରେ ପାଣି ନ ଆସିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ

**କେନ୍ଦ୍ରାପଡା,୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ବାରୁଅ ପଂଚାୟତ ଅନ୍ତର୍ଗତ ଜଳସେଚନ ବିଭାଗର ୧୨ ନମ୍ବର ଡି ଉସ୍ୱରପଡା ତ୍ରିଲୋଚନପୁର ମାଇନର କେନାଲ୍ କୋରୁଅ ଜଗନ୍ନାଥ ମନ୍ଦିର ନିକଟ ଦେଇ ବାହାରିଛି । ଏହି କେନାଲରେ ଦୀର୍ଘ ବର୍ଷ ହେଲା ଦଳ ଓ ବେଣା ଭର୍ତ୍ତି ହୋଇ ରହିଥିବାରୁ କେନାଲରେ ଜଳ ଆସିପାରୁନାହିଁ। ଫଳରେ ଚାଷୀମାନେ ଚାଷ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏହି ଶାଖା କେନାଲଟି ଚଉଦକୁଲାଟ ସେକ୍ସନ ଜେଇଙ୍କ ତତ୍ତ୍ୱାବଧାନରେ ପରିସରଭୁକ୍ତ ଅଛି । ଦୀର୍ଘ ୩ ବର୍ଷ ହେଲା କେନାଲଟି ଆଦୌ ସଫେଇ ହେଉନାହିଁ । କିନ୍ତୁ କାଗଜ କଲମରେ ଏହା ସଫେଇ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କେନାଲରେ ପାଣି ନ ଆସିବାରୁ ଖରିଫ୍ ଧାନ ଚାଷ ସମୟରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ଏ ବିଷୟରେ ଚାଷୀମାନେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଉକ୍ତ ଅଂଚଳର ଶହ ଶହ ଚାଷୀ ଚାଷ କରିପାରୁନାହାଁନ୍ତି । ତୁରନ୍ତ ଏହି କେନାଲକୁ ସଫା କରି ଚାଷୀମାନଙ୍କୁ ପାଣି ଯୋଗାଇ ଦେବା ପାଇଁ ସୁଦର୍ଶନ ବିଶ୍ୱାଳ, କୁଳମଣୀ ବିଶ୍ୱାଳ, ଭୈରବ ବିଶ୍ୱାଳ, କେଶବ ଚନ୍ଦ୍ର କର, ଚୈତନ୍ୟ ବିଶ୍ୱାଳ ପ୍ରମୁଖ ବାରୁଅ ସରପଂଚ ଗୋପୀନାଥ ମଲ୍ଲିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ



**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲାର ସମସ୍ତ ବିଡିଓ, ଏବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାର ବ୍ଲକ ଅଧିନରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇ ପ୍ରକଳ୍ପ ଗୁଡିକୁ ତୁରନ୍ତ ସାରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରୁ ମୁଖ୍ୟତଃ ବିଭିଜିରାମ୍‌ଜି (ବିକଶିତ ଭାରତ ଗ୍ୟାରେଂଟି ଫର୍ ରୋଜଗାର), ଆଜବିକା ମିଶନ୍, (ଗ୍ରାମୀଣ) ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପଂଚାୟତ ରାଜ ବିଭାଗ, କାଡା ପ୍ରଭୃତି ବିଭାଗ ଗୁଡିକରେ ଶ୍ରମିକମାନଙ୍କୁ ନିଯୁକ୍ତି କରି ସେମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଛି । ଜିଲ୍ଲାକୁ ଆସୁଥିବା ଧାର୍ଯ୍ୟଲକ୍ଷ୍ୟ ଗୁଡିକୁ ପୂରଣ କରିବା, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି । ମନରେଗା ଯୋଜନା ଓ ବିଭିଜି ରାମ୍‌ଜି ଯୋଜନାରେ ଥିବା ପାର୍ଥକ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଗ୍ରାମୀଣ ଗୃହ ଯୋଜନା ଓ ଅନ୍ତୋଦୟ ଯୋଜନାରେ ହିତାଧିକାରୀ ମାନେ ନେଇଥିବା ଘର ଗୁଡିକୁ ଯଥାଶୀଘ୍ର ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଛି । ଚାଲୁଥିବା ପ୍ରକଳ୍ପ ଗୁଡିକୁ ଶୀଘ୍ର ସାରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ୫୩ ନମ୍ବର ଜାତୀୟ ରାଜପଥ କାମ ନିମ୍ନମାନର

### କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲା ଯୁବ ସ୍ୱାଭିମାନ ମଞ୍ଚ

**କେନ୍ଦ୍ରାପଡ଼ା, ୯।୭ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲରୁ ପାରାଦ୍ୱୀପ ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ୫୩ ନଂ. ଜାତୀୟ ରାଜପଥ କାମ ନିମ୍ନମାନର ହେଉଥିବା ନେଇ କେନ୍ଦ୍ରାପଡ଼ାର ସାମାଜିକ ଅନୁଷ୍ଠାନ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି। ଅନୁଷ୍ଠାନ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ ରାଜପଥ ନିର୍ମାଣ କରିବା ପାଇଁ ଯେଉଁ ଠିକା ସଂସ୍ଥା ଦାୟିତ୍ୱ ନେଇଛି ସେ ନିମ୍ନମାନର କାର୍ଯ୍ୟ କରୁଛି । ଯାହା ଫଳରେ ରାସ୍ତାରେ ଫାଟ ସୃଷ୍ଟି ହେଲାଣି । ଏହାଦ୍ୱାରା ଜନସାଧାରଣଙ୍କ ଠାରୁ ଟିକସ ଆକାରରେ ଆଦାୟ ହେଉଥିବା ଅର୍ଥ ଅପଚୟ ହେଉଛି । ତେଣୁ ଏହାର ସ୍ୱାଧୀନ ଭାବେ ତଦନ୍ତ କରିବା ପାଇଁ ସ୍ୱାଭିମାନ ମଞ୍ଚର ସଭାପତି ଇଂ ସ୍ମୃତି ରଞ୍ଜନ ଜେନା ଦାବି କରିଛନ୍ତି ।




ସୂଚନା ଥାଉକି ଚଣ୍ଡିଖୋଲରୁ ପାରାଦ୍ୱୀପ ମଧ୍ୟରେ ୮ ଥାକିଆ ରାସ୍ତା ନିର୍ମାଣ ପାଇଁ ୩୬୦୦ କୋଟି ଟଙ୍କା ଅଟକଳ କରାଯାଇଛି । ହେଲେ ଯେଉଁ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ସେ ମନ ଇଚ୍ଛା କାର୍ଯ୍ୟ କରୁଛି । ଫଳରେ ଗତ କିଛି ମାସ ତଳେ ଶ୍ୟାମସୁନ୍ଦରପୁର ଠାରେ ରାସ୍ତାର ଏକ ବିରାଟ ଅଂଶ ଧସି ଯାଇଥିଲା । ତେଣୁ ସଂପୃକ୍ତ ଠିକାସଂସ୍ଥାକୁ ତାଗିଦ କରି ସଠିକ ମାନର କାର୍ଯ୍ୟ କରିବା ପାଇଁ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଓ ଜାତୀୟ ରାଜପଥ ସଚିବଙ୍କ ନିକଟରେ ଅନୁଷ୍ଠାନର ସଭାପତି ଶ୍ରୀ ଜେନା ଅଭିଯୋଗ କରିଛନ୍ତି ।

ଏଠାରେ ସୂଚନା ଯୋଗ୍ୟ ଯେ ଏହି ନିର୍ମାଣାଧିନ ଜାତୀୟ ରାଜପଥ ରାସ୍ତାର ବିଭିନ୍ନ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଜାତୀୟ ରାଜପଥ କତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଆସୁଛି । କିନ୍ତୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସଂପୃକ୍ତ ଠିକାସଂସ୍ଥା ସେହି ତୃଟୀକୁ ବାରମ୍ବାର ଦୋହରାଉଥିବା ଦେଖିବାକୁ ମିଳିଛି । ଏଦିଗରେ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

## ହୋଟେଲ ଓ ଜଳଖିଆ ଦୋକାନରେ ଘରୋଇ ଗ୍ୟାସର ବହୁଳ ବ୍ୟବହାର

### ଉପଭୋକ୍ତା ହଇରାଣ ହେଉଥିବା ବେଳେ ଏମାନଙ୍କୁ ଦେଉଛି କିଏ ?

**ବାଲିଆପାଳ, ୯।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ରେ ଏବେ ରନ୍ଧନ ଗ୍ୟାସ ଉପଭୋକ୍ତା ବେଶ ହଇରାଣ ହେଉଛନ୍ତି। ଗତ କିଛିଦିନ ହେବ ଉପଭୋକ୍ତାମାନେ ନିଜର ଗ୍ୟାସ ସିଲିଣ୍ଡର ବୁକିଂ କରିଥିବା ବେଳେ ସେମାନଙ୍କୁ ୧୫ ଦିନ ପରେ ସିଲିଣ୍ଡର ମିଳୁଛି। ଅନେକ ଜାଗାରେ ଉପଭୋକ୍ତାମାନେ ଗ୍ୟାସ ବିତରକ କେନ୍ଦ୍ର ଆଗରେ ଲାଇନ ଦେଇ ଛିଡା ହେଉଥିବା ଦେଖିବାକୁ ମିଳିଛି | ପ୍ରଶାସନ ରାଜ୍ୟରେ ଗ୍ୟାସ ସିଲିଣ୍ଡର ମହଜୁତ ଥିବା ପ୍ରକାଶ କରୁଥିବା ବେଳେ କେବଳ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପୁନଃଭରଣ ବନ୍ଦ ଥିବା ଅବଗତ କରାଇଛି। କିନ୍ତୁ ଅନେକ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟବସାୟିକ ସିଲିଣ୍ଡର ବ୍ୟବହାର କରିବାର ନିୟମ ଥିବାବେଳେ ସେମାନେ ଘରୋଇ ଗ୍ୟାସ ସିଲିଣ୍ଡର ଖୋଲାଖୋଲି ବ୍ୟବହାର କରୁଛନ୍ତି।

ପ୍ରଶ୍ନ ଉଠୁଛି ସେମାନଙ୍କୁ ଏହି ଗ୍ୟାସ ସିଲିଣ୍ଡର ଯୋଗାଇ ଦେଉଛି କିଏ। ସେମାନେ କେଉଁ ଉପଭୋକ୍ତା ନାମରେ ଏହି ଗ୍ୟାସ ସିଲିଣ୍ଡର ବୁକିଂ କରୁଛନ୍ତି । ଅନେକ ହୋଟେଲ ଓ ମିଠା ଦୋକାନରେ ଦିନକୁ ୨ଟି ଗ୍ୟାସ ଓ ମାସକୁ ହାରାହାରି ୬୦ରୁ ଉର୍ଦ୍ଧ୍ୱ ଗ୍ୟାସ ସିଲିଣ୍ଡର ଲାଗୁଥିବା ବେଳେ ବାଲିଆପାଳ ବ୍ଲକରେ ଦୈନିକ ହଜାର ହଜାର ଘରୋଇ ଗ୍ୟାସ ସିଲିଣ୍ଡର ଏମାନଙ୍କୁ ଦେଉଛି କିଏ ବୋଲି ଏବେ ପ୍ରଶ୍ନ ଉଠିଛି।

ବାଲିଆପାଳ, କାଳିପଦା, ଲଙ୍ଗଳେଶ୍ୱର, ସିମୁଳିଆ, ଜାମୁକୁଣ୍ଡା ଅଂଚଳରେ ବାହାର ରାଜ୍ୟରୁ ବିଭିନ୍ନ କମ୍ପାନୀରେ କାମ ସେମାନେ କରିବାକୁ ଆସୁଥିବା ଶ୍ରମିକମାନେ ଭଡାରେ ରହି ଜୀବିକା ନିର୍ବାହ କରୁଥିବା ବେଳେ ସେମାନେ ବ୍ୟବହାର କରୁଥିବା ଗ୍ୟାସ ସିଲିଣ୍ଡର ସେମାନଙ୍କୁ ଆଣି ଯୋଗାଉଛି କିଏ ବୋଲି ମଧ୍ୟ ପ୍ରଶ୍ନ ଉଠିଛି | କିଛି ଅସାଧୁ ବ୍ୟବସାୟୀ ଘରୋଇ ଗ୍ୟାସ ସିଲିଣ୍ଡର ଚୋରାରେ ବିକ୍ରି କରି ବେଶ ଭଲ ମୁନାଫା କମାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି | ବ୍ଲକରେ ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ କିଛି ଦଲାଲ ଜାଣିଶୁଣି ଅଭାବ ସୃଷ୍ଟି କରାଇ ସିଲିଣ୍ଡର ପିଛା ୨୫୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ପ୍ରଶାସନ ଆଖି ବୁଜି ଶୋଇଛି ଏମାନଙ୍କ ପ୍ରତି ଦୃଷ୍ଟି ଦେବା ସାଧାରଣରେ ଦାବି ହେଉଛି |

## ଶାରୀରିକ ଅକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

**ନିଶ୍ଚିନ୍ତକୋଇଲି,୯।୭(ସଂଚାର ବ୍ୟୁରୋ):** ବଡ଼କ୍ଷୀର ଗ୍ରାମ ପଞ୍ଚାୟତ ସଭାଗୃହରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, (ଖଣ୍ଡସାହି) ଓ ଆଲିମିକୋ ସହଯୋଗରେ ଏକ ଶାରୀରିକ ଅକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଅଛି। ସୁରରାଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼କ୍ଷୀର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ହିମାଂଶୁନାରାୟଣ ମଲ୍ଲ, ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ପ୍ରଦୋଷ କୁମାର ସାହୁ ଯୋଗଦାନ କରିଥିଲେ। ସଂସ୍ଥାର ସମ୍ପାଦକ ସତ୍ୟନାରାୟଣ ଦାସ, ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ରାମାଶ୍ୱରୀପ୍ରସାଦ ଦ୍ୱିବେଦୀ, ସଭ୍ୟ ବୈକୁଣ୍ଠ ସାହୁ, ନରେନ୍ଦ୍ର କୁମାର ସାହୁ, ଅଲେଖ ସାମଲ, ପ୍ରଣବ କୁମାର ମିଶ୍ର, ଦୁଲ୍ଲଭ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପଞ୍ଚାୟତର ୮୫ଜଣ ଶାରୀରିକ ଅକ୍ଷମ ଓ ବରିଷ୍ଠ ନାଗରିକ ମାନଙ୍କୁ ଟ୍ରାଇ ସାଇକେଲ, ଆଶାବାଡ଼ି, ଅଣ୍ଟା ବେଲ୍ଟ, ଗୋଡ଼ ବେଲ୍ଟ ଓ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଉପକରଣ ବଣ୍ଟନ କରାଯାଇଥିଲା।



### ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଆରା ପ୍ରୟାସ

## ଢେଙ୍କାନାଳରୁ ଭୁବନେଶ୍ୱର ଦଣ୍ଡବତ ଯାତ୍ରାରେ ରୁଦ୍ର

**ଢେଙ୍କାନାଳ,୯।୭(ସଂଚାର ବ୍ୟୁରୋ):** ଦୀର୍ଘ ୮ ବର୍ଷ ଧରି ନିଜର ପୁଲିସ ଚାକିରି ଫେରି ପାଇବା ଆଶାରେ ସଂଘର୍ଷ କରୁଥିବା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ସୋଗର ଗ୍ରାମର ଯୁବକ ରୁଦ୍ର ନାରାୟଣ ଦାସ ପୁଣିଥରେ ଏକ ନିଆରା ପ୍ରତିବାଦର ପଥ ବାଛିଛନ୍ତି। ନିଜର ଦାବି ପ୍ରତି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଭାରି ଭୁବନେଶ୍ୱର ପର୍ଯ୍ୟନ୍ତ ଦଣ୍ଡବତ ଯାତ୍ରା ଆରମ୍ଭ କରିଛନ୍ତି।



ରୁଦ୍ର ନାରାୟଣଙ୍କ କହିବା ଅନୁସାରେ, ସେ ଗତ ୮ ବର୍ଷ ଧରି ପୁଲିସ ଚାକିରି ଫେରି ପାଇବା ପାଇଁ ବିଭିନ୍ନ ସ୍ତରରେ ନିବେଦନ କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଦୀର୍ଘଦିନ ଧରି ନ୍ୟାୟ ପାଇଁ ଅପେକ୍ଷା କରିବା ପରେ ପ୍ରାୟ ଦୁଇ ମାସ ପୂର୍ବେ ସେ ମୋବାଇଲ ଟାୱାର ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ପ୍ରଶାସନ, ଜନପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀମାନେ ତାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୧୬ ଘଣ୍ଟା ପରେ ସେ ଟାୱାରରୁ ତଳକୁ ଓହ୍ଲାଇଥିଲେ ଏବଂ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

ତେବେ ରୁଦ୍ର ନାରାୟଣଙ୍କ ଅଭିଯୋଗ ହେଉଛି, ସେହି ପ୍ରତିଶ୍ରୁତି ପରେ ମଧ୍ୟ ତାଙ୍କ ଚାକିରି ସମ୍ପର୍କିତ ସମସ୍ୟାର କୌଣସି ସମାଧାନ ହୋଇନାହିଁ। ଏହାରି ମଧ୍ୟରେ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିବାରୁ ପରିବାର ଆର୍ଥିକ ଓ ମାନସିକ ସଙ୍କଟ ଦେଇ ଗତି କରୁଛି। ଚିକିତ୍ସା ପାଇଁ ଆବଶ୍ୟକ ସହାୟତା ଯୋଗାଡ଼ କରିବା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି।

ଏଭଳି ପରିସ୍ଥିତିରେ ଶେଷ ବିକଳ୍ପ ଭାବେ ସେ ଦଣ୍ଡବତ ଯାତ୍ରା ମାଧ୍ୟମରେ ସିଧାସଳଖ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଛନ୍ତି।

ରୁଦ୍ର ନାରାୟଣଙ୍କ ଏହି ନିଆରା ଦଣ୍ଡବତ ଯାତ୍ରା ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ ଦୀର୍ଘଦିନର ସଂଘର୍ଷ ଓ ଅଭିନବ ପ୍ରତିବାଦ ପଦ୍ଧତି ପ୍ରତି ପ୍ରଶାସନ ଓ ସରକାର କିଭଳି ପଦକ୍ଷେପ ନେଉଛନ୍ତି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

## ମଦନପୁର ପଞ୍ଚାୟତରେ ଆଲୋକୀକରଣର ଭିଜିଲାନ୍ସ ତଦନ୍ତ ଦାବି

**ଆନନ୍ଦପୁର, ୯।୭ (ସଂଚାର ବ୍ୟୁରୋ):** ସାରା ରାଜ୍ୟର ରାସ୍ତା ପାର୍ଶ୍ୱ ଓ ବିଭିନ୍ନ ଜନପଦମାନଙ୍କରେ ଲଗାଯାଇଥିବା ସରକାରଙ୍କ ଏଲ୍.ଇ.ଡି ଲାଇଟ୍ ସଂପ୍ରତି ଉଚ୍ଚ ସ୍ତରୀୟ ତଦନ୍ତ ପରିସରଭୁକ୍ତ ହେଉଥିବା ବେଳେ କେନ୍ଦୁଝରର ଜିଲ୍ଲାର ଘସିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ଗ୍ରାମପଞ୍ଚାୟତର ଆଲୋକୀକରଣ ବ୍ୟବସ୍ଥା ଏକ ଫାର୍ଶରେ ପରିଣତ ହୋଇଛି ବୋଲି ସଂପୃକ୍ତ ପଞ୍ଚାୟତବାସୀ ଗୁରୁତର ଅଭିଯୋଗ କରିଛନ୍ତି।

ଗ୍ରାମପଞ୍ଚାୟତ ସଦରମହକୁମାର ରାସ୍ତା ପାର୍ଶ୍ୱରେ ଏବଂ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ ମଦନପୁର ଦଳିତ ବସ୍ତିରେ ହୋଇଥିବା ଆଲୋକ ସଂଯୋଗୀକରଣରେ ବ୍ୟାପକ ହରିଲୁଟ୍ ହୋଇଛି । ଦଳିତ ଭାଇମାନଙ୍କ ଉଦ୍ଦେଶ୍ୟରେ ସରକାରୀ ଯୋଜନା ପ୍ରଣୟନ ହୋଇଥିଲା ତଥା ସ୍ଥାନୀୟ ବିଧାୟକ କେବଳ ହରିଜନ ବସ୍ତି ଭିତରେ ହିଁ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଘସିପୁରା ବ୍ଲକ୍ ପ୍ରଶାସନକୁ ଲିଖିତ ଭାବେ ପରାମର୍ଶ ଦେଇଥିଲେ। ମାତ୍ର ସଂପୃକ୍ତ ଠିକାଦାର ଜଣକ ଜନୈକ ସ୍ୱୟଂ ଘୋଷିତ ଶାସକଦଳ କୁଜୀ ନେତାଙ୍କ ସହ ମିଳି-ଭଗତ୍ ପ୍ରକ୍ରିୟାରେ ନିୟମ ଉଲ୍ଲଂଘନ ପୂର୍ବକ ମନ ଇଚ୍ଛା କାର୍ଯ୍ୟ କରି ଯେକୌଣସି ମତେ ବିଲ୍ ଉଠାଇ ଫେରାର୍ ହୋଇଯାଇଛନ୍ତି ବୋଲି ଆଲୋଚନା ହେଉଛି । ଏପରିକି, ସୌର ବତୀ ଗୁଡ଼ିକ ଅତି ନିମ୍ନମାନର ହୋଇଥିବାରୁ ଦି' ଦିନ ସରକାରୀ ଆଲୁଅରେ କୁରୁଳି ଉଠିଥିବା ଗ୍ରାମବାସୀମାନେ ଏବେ ଯେଉଁ ତିମିରେକୁ ସେହି ତିମିରେ ।



ଏବେ, ଜନସାଧାରଣ ନିରୁଦ୍ଦିଷ୍ଟ ଠିକାଦାରଙ୍କୁ ସେମାନଙ୍କ ନିଜ ଢଙ୍ଗରେ ସମ୍ବର୍ଦ୍ଧିତ କରିବା ଅପେକ୍ଷାରେ ଥିବାବେଳେ ଠିକାଦାର କୁଆଡ଼େ ଆଲୁଅ ଲଗାଇଥିବା ଫଟୋକୁ ସ୍ଥାନୀୟ ବିଜେପି ନେତାଙ୍କ ନିକଟକୁ ପଠାଇଦେଇ ତୁରନ୍ତ ବିଲ୍ କରାଇନେବାରେ ସଫଳ ହୋଇଗଲେ ବୋଲି ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ କ୍ଷୋଭର ସହ ପ୍ରକାଶ କରିଛନ୍ତି। ତେବେ ଏ' ନେଇ ଖୁବଶୀଘ୍ର ଭିଜିଲାନ୍ସଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୁଚନା ଦେଇଛନ୍ତି ।



ବିମାନ ବନ୍ଦରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରୁଛନ୍ତି।

# ୨୦୩୦ ସୁଦ୍ଧା ଖୁରା-ମୁହଁ ରୋଗମୁକ୍ତ ହେବ ଭାରତ

- ଡେୟାରୀ କ୍ଷେତ୍ରକୁ ମିଳିଲା ଡିଜିଟାଲ୍ ଗତି
- ଏକାଧିକ ଆପ୍, ପୋର୍ଟାଲ ଓ ଏସଓପି ଉଦ୍‌ଘାଟିତ



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଅଧୀନସ୍ଥ ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ପକ୍ଷରୁ ଏଠାରେଠାରେ ଖୁରା-ମୁହଁ ରୋଗ (ଏଫ୍‌ଏମଡି) ପାଇଁ କମ୍ପାର୍ଟମେଣ୍ଟାଲାଇଜେସନ୍ ଓ ଜୋନିଂ ସମ୍ପର୍କିତ ଏକ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଭାରତର ପଶୁ ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା, ଖୁରା- ମୁହଁ ରୋଗ ନିୟନ୍ତ୍ରଣ ଓ ନିର୍ମୂଳନ ପ୍ରଚେଷ୍ଟାକୁ ତ୍ୱରାନ୍ୱିତ କରିବା, ଗୃହପାଳିତ ପଶୁ ଓ ପଶୁଜାତ ଦ୍ରବ୍ୟର ସୁରକ୍ଷିତ ଘରୋଇ ତଥା ଅନ୍ତର୍ଜାତୀୟ ବାଣିଜ୍ୟକୁ ସୁଗମ କରିବା ଏବଂ ୨୦୩୦ ସୁଦ୍ଧା ଏଫ୍‌ଏମଡିମୁକ୍ତ ମାନ୍ୟତା ହାସଲ କରିବାର ଜାତୀୟ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ କମ୍ପାର୍ଟମେଣ୍ଟାଲାଇଜେସନ୍ ଏବଂ ଜୋନିଂ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା।

କେନ୍ଦ୍ର ମତ୍ସ୍ୟଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି ଅବସରରେ କେନ୍ଦ୍ର ମତ୍ସ୍ୟଚାଷ, ପଶୁପାଳନ ଏବଂ ଦୁଗ୍ଧଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂ ବଘେଲ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ମହାମାରୀ ପାଣ୍ଠି ଅଧୀନରେ 'ରେଟ୍ ମାଇଁ ଲାବୋରେଟୋରୀ ଆପ୍', 'ଡେୟାରୀ ବିକାଶ ପୋର୍ଟାଲ୍' ଓ 'ବିଦ୍ୟାପୀଠ ପୋର୍ଟାଲ'ର ଶୁଭାରମ୍ଭ କରିଥିଲେ। ଏଥିସହ ସେ ଦୁଗ୍ଧପ୍ରଦାୟୀ ପଶୁଙ୍କଠାରେ ଦେଖାଯାଉଥିବା ମାଷ୍ଟାଇଟିସର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ମାନକ ପରିଚାଳନା ପଦ୍ଧତି ଉପରେ ଆଧାରିତ ଏକ ଫୋଲ୍ଡର ଓ ଭିଡିଓ ଉନ୍ମୋଚନ କରିଥିଲେ।

ପରୀକ୍ଷାଗାରଗୁଡ଼ିକରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନିରନ୍ତର ଗୁଣବତ୍ତାର ସୁଧାରକୁ ପ୍ରୋତ୍ସାହିତ କରିବା ସହ ରିଅଲ୍-ଟାଇମ୍ ବ୍ୟବହାରକାରୀଙ୍କ ମତାମତ ମାଧ୍ୟମରେ ପ୍ରାଣୀ ଚିକିତ୍ସା ନିଦାନ ସେବାକୁ ମଜବୁତ କରିବା ପାଇଁ 'ରେଟ୍ ମାଇଁ ଲାବୋରେଟୋରୀ ଆପ୍' ବିକଶିତ କରାଯାଇଛି। ସେହିପରି ଦୁଗ୍ଧପ୍ରଦାୟୀ ପଶୁମାନଙ୍କଠାରେ ମାଷ୍ଟାଇଟିସର ପ୍ରତିରୋଧ ଏବଂ ନିୟନ୍ତ୍ରଣ ସମ୍ପର୍କିତ ମାନକ କାର୍ଯ୍ୟବିଧି ବା ଏସଓପିକୁ ବୈଜ୍ଞାନିକ ଦୁଗ୍ଧ ଚାଷ ପରିଚାଳନାକୁ ପ୍ରୋତ୍ସାହିତ କରିବା, ଦୁଗ୍ଧର ଗୁଣବତ୍ତା ବଢ଼ାଇବା ଓ ଦୁଗ୍ଧ ଉତ୍ପାଦନକ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିକଶିତ କରାଯାଇଛି। ପଶୁସମ୍ପଦ କ୍ଷେତ୍ର କୃଷିର ସାମଗ୍ରିକ ମୂଲ୍ୟ ବୃଦ୍ଧିରେ ପ୍ରାୟ ୩୧ ପ୍ରତିଶତ ଓ ଭାରତର ସାମଗ୍ରିକ ମୂଲ୍ୟ ବୃଦ୍ଧିରେ ପ୍ରାୟ ୫.୫ ପ୍ରତିଶତ ଯୋଗଦାନ ଦେଇଥାଏ। 'ବିକଶିତ ଭାରତ @୨୦୪୭' ସଂକଳ୍ପ ଅଧୀନରେ ୨୦୩୦ ସୁଦ୍ଧା ଭାରତକୁ ଏଫଏମଡିମୁକ୍ତ କରିବାର ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ ଇଅର୍-ଟ୍ୟାଗିଂ ଓ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ୍ ମାଧ୍ୟମରେ ଟ୍ରାକିଂ ବ୍ୟବସ୍ଥା ସହାୟତାରେ ଚାଲୁ ରହିଥିବା ନିରନ୍ତର ଟୀକାକରଣ ଅଭିଯାନ ଏଫଏମଡି ନିୟନ୍ତ୍ରଣ ପ୍ରୟାସକୁ ଯଥେଷ୍ଟ ମଜବୁତ କରିଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରାଥମିକତା ଭିତ୍ତିରେ ୯ଟି ରାଜ୍ୟକୁ ଚିହ୍ନଟ କରାଯାଇଛି।

■ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' ଆବଣ୍ଟନ

# ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦଳାଇବ ମିଶନ: ଧର୍ମେନ୍ଦ୍ର



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ' ଦ୍ୱାରା ବ୍ଲୁ-ଇକୋନୋମି ମାଧ୍ୟମରେ ରାଜ୍ୟର ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେବ ଓ ହଜାର ହଜାର ମତ୍ସ୍ୟଜୀବୀ ପରିବାର ପାଇଁ ଆଗାମୀ ଦିନରେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବ। ଆଜିର ପଦକ୍ଷେପ ମତ୍ସ୍ୟଜୀବୀଙ୍କ ଭାଗ୍ୟ ବଦାଇବା ସହ ଏହି ନୂତନ ବ୍ୟବସ୍ଥା ଦ୍ୱାରା ରାଜ୍ୟର ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକ ସିଧାସଳଖ ଉପକୃତ ହେବେ ବୋଲି ଆଜି ଏଠାରେ ଏ ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ସହ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ପ୍ରାଧିକରଣ ପତ୍ର' (ଏଲଓଏ) ଆବଣ୍ଟନ ଓ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ ୨୦୧୪ ପରେ ଦେଶରେ ମତ୍ସ୍ୟପାଳନ ଓ ଏହାର ଅନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିଛି। ବିଶ୍ୱର ବିଷମ ପରିସ୍ଥିତି ଓ ବହୁ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ମାତ୍ର ବର୍ଷକ ଭିତରେ ୧୧ ହଜାର କୋଟିରୁ ଅଧିକ ଟଙ୍କାର ମାଛ ରପ୍ତାନୀ ବୃଦ୍ଧି କରିବା ସହ ୨୧% ରପ୍ତାନୀ ଅଭିବୃଦ୍ଧି ହାସଲ କରିଛି। ଏହା ଦେଶର ଅର୍ଥନୀତିକୁ ମଜବୁତ କରିବା ସହ 'ବିକଶିତ ଭାରତ'ର ସଂକଳ୍ପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

● ସରକାରଙ୍କ ମାଗଣା ଶିକ୍ଷାନୀତି

# ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ବଡ଼ ସମସ୍ୟା



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ସରକାରଙ୍କ ମାଗଣା ଶିକ୍ଷାନୀତି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିବ ବୋଲି ୬୬୨ ବର୍ଗ କଲେଜ ସଂଘ ସଭାପତି ଗୋଲକ ନାୟକ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି।

ଗତକାଲି ସ୍କୁଲ ଓ ଗଣଶିକ୍ଷା ବିଭାଗର ଚିଠି ଅନୁଯାୟୀ ଛାତ୍ରଛାତ୍ରୀଙ୍କଠାରୁ ଆଡମିସନ ସମୟରେ କୌଣସି ଫି ଆଦାୟ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ସରକାରଙ୍କ ଏହି ନିର୍ଦ୍ଦେଶ ପରେ ୬୬୨ ବର୍ଗ କଲେଜ ସଂଘ ସଭାପତି କହିଛନ୍ତି ଯେ ରାଜ୍ୟର ବେସରକାରୀ ମହାବିଦ୍ୟାଳୟକୁ ସରକାର କୌଣସି ଅନୁଦାନ ଦିଅନ୍ତି ନାହିଁ। ଚକ୍ଷୁହିଡ଼ାରୁ ଆରମ୍ଭ କରି ବିଜ୍ଞାନାଗାର ପର୍ଯ୍ୟନ୍ତ ଯେତେ ଖର୍ଚ୍ଚ ସବୁକିଛି ଛାତ୍ରଛାତ୍ରୀଙ୍କ ଆଡମିସନ ଓ ରି-ଆଡମିସନ ଫିରୁ ହିଁ ଭରଣା କରାଯାଇଥାଏ। ଏପରିକି ଅବସର ପରେ ସଂଖ୍ୟାଧିକ ପଦବୀ ଖାଲି ପଡ଼ିବାରୁ ଅତିଥି ଅଧ୍ୟାପକ ଓ ମ୍ୟାନେଜମେଣ୍ଟ ଷ୍ଟାଫ ମଧ୍ୟ କଲେଜରୁ ହିଁ ଦରମା ନିଅନ୍ତି। ଏହି ଖର୍ଚ୍ଚ ମଧ୍ୟ ସରକାର ବହନ କରନ୍ତି ନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କର୍ମଚାରୀମାନଙ୍କୁ ଇପିଏଫ ପରିସରଭୁକ୍ତ କରାଯାଇଛି। ସେଥିପାଇଁ ମଧ୍ୟ ନିଯୁକ୍ତିଦାତା ହିସାବରେ ଅର୍ଥ ପଇଠ କରିବାକୁ ହୋଇଥାଏ। କଲେଜର ଲାବୋରେଟୋରୀ, ଲାଇବ୍ରେରୀ, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଏହି ଫିରୁ ବହନ କରାଯାଇଥାଏ। କାଉନସିଲ ବିଭିନ୍ନ ଫି ବାବଦରେ ପ୍ରାୟ ପିଲା ପିଛା ବାର୍ଷିକ ୧୫୦୦ ଟଙ୍କା ନେଇଥାଏ। ସ୍କାଉଟ୍ ଗାଇଡ୍, ଏନସିସି, ରେଡକ୍ରସ୍ ଫି ଇତ୍ୟାଦି ମଧ୍ୟ ଭରଣା କରିବାକୁ ପଡ଼ିଥାଏ। ଏପରି ସ୍ଥଳେ କୌଣସି ବିଚାର ନ କରି ହଠାତ୍ ଫି ଛାଡ଼ ଘୋଷଣା ସମସ୍ତ ମହାବିଦ୍ୟାଳୟଙ୍କୁ ଅସୁବିଧାରେ ପକାଇ ଦେଇଛି ବୋଲି ସେ କହିଛନ୍ତି। ଏଥିପାଇଁ ମଧ୍ୟ ସରକାର କୌଣସି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଜାରି କରିନାହାନ୍ତି। ଯାହା ଫଳରେ ଏହି କଲେଜଗୁଡ଼ିକ ଚାଲିବ ନା ତାଲା ପଡ଼ିଯିବ, ସେନେଇ ସଂଘ ସନ୍ଦିହାନ ରହିଛି। ଛାତ୍ରଛାତ୍ରୀଙ୍କ ଫି ଛାଡ଼ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏପରି କଲେଜ କିପରି ଚାଲିବ, ତାହା ମଧ୍ୟ ବିଚାର କରିବା ଆବଶ୍ୟକ।

ଆଶୀର୍ବାଦ ଯୋଜନାରେ ଆର୍ଥିକ ସହାୟତା ପ୍ରସଙ୍ଗ

# କୋଭିଡରେ ଅନାଥ ପିଲାଙ୍କୁ ମିଳୁନି ଭତ୍ତା: ବିଜେଡି



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଅଧିକ ବାପା-ମା' ଛେଉଣ୍ଡ ପିଲା ଗତ ମାର୍ଚ୍ଚରୁ ଆର୍ଥିକ ସହାୟତା ପାଉନାହାନ୍ତି। ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର ଛୋଟ ଛୋଟ ଅନାଥ ଶିଶୁଙ୍କ ପ୍ରତି ମଧ୍ୟ ଅମାନବୀୟ ଭାବେ ମାସିକ ଭତ୍ତା ଦେବାରେ ବିଫଳ ହେବାକୁ ନେଇ ବିଜେଡି ନିନ୍ଦା କରିଛି। ଏକ ପ୍ରେସ ବିବୃତିରେ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଅଧିକ ଛୋଟ ଶିଶୁ ସେମାନଙ୍କ ବାପାମା'ଙ୍କୁ ହରାଇ ଅନାଥ ହୋଇଥିଲେ। ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶୀର୍ବାଦ ଯୋଜନା ପ୍ରଚଳନ କରି ରାଜ୍ୟ ସରକାରଙ୍କ ତରଫରୁ ମାସିକ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରିଥିଲେ। କୋଭିଡରେ ଉଭୟ ବାପାମା'ଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କ ଲାଳନପାଳନ କରୁଥିବା ତାଙ୍କ ସମ୍ପର୍କୀୟ ବା ସେବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା। ଗତ ମାର୍ଚ୍ଚ ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରା ନ ଯିବାରୁ ଏହି ପିଲାମାନଙ୍କ ଲାଳନପାଳନରେ ଘୋର ସଂକଟ ସୃଷ୍ଟି ହେଉଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ସରକାର ତୁରନ୍ତ ବକେୟା ଅର୍ଥ ରାଶି ସହ ମାସିକ ଭତ୍ତା ପ୍ରଦାନ କରିବାକୁ ବିଜେଡି ଦାବି କରିଛି।

# ଗଜପତିଙ୍କ ଅନୁରୋଧକୁ ଇସ୍କନର ପ୍ରତ୍ୟାଖ୍ୟାନ ଦୁର୍ଭାଗ୍ୟଜନକ



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ବିଦେଶରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ପୁରୀ ଶ୍ରୀମନ୍ଦିରରେ ପାଳିତ ପାରମ୍ପରିକ ବୈଦିକ ତିଥି ଅନୁଯାୟୀ ଆୟୋଜନ କରିବା ପାଇଁ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କରିଥିବା ଅନୁରୋଧକୁ ଇସ୍କନ ପ୍ରତ୍ୟାଖ୍ୟାନ କରିଥିବା ଘଟଣାକୁ ନେଇ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି ଖଣ୍ଡପଡ଼ା ଗଡ଼ଜାତର ରାଜା, ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରର ବଂଶାନୁକ୍ରମିକ ଟ୍ରଷ୍ଟି ଏବଂ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ।

ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ମର୍ଦ୍ଦରାଜ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ପ୍ରାଚୀନ ପରମ୍ପରାର ଉଲ୍ଲଙ୍ଘନ କେବଳ ଓଡ଼ିଆ ଜାତି ପ୍ରତି ନୁହେଁ, ବରଂ ସମଗ୍ର ହିନ୍ଦୁ ସମାଜର ଧାର୍ମିକ ଭାବାବେଗ ପ୍ରତି ଅସମ୍ମାନ ସଦୃଶ। ପୁରୀ ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ ଓ ଚଳନ୍ତି ପ୍ରତିମା ଭାବେ ସର୍ବଜନବିଦିତ। ତେଣୁ ତାଙ୍କର ଅନୁରୋଧକୁ ଇସ୍କନ ଏଭଳି ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଅନୁଚିତ ଓ ଦୁର୍ଭାଗ୍ୟଜନକ। ବିଦେଶରେ ରଥଯାତ୍ରା ପାଳନ ସମ୍ପର୍କିତ ଏହି ପ୍ରସଙ୍ଗକୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ, ଓଡ଼ିଶା ସରକାର ଓ କେନ୍ଦ୍ର ସରକାର ଗୁରୁତ୍ୱର ସହ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରରେ ପୁରୀ ଶ୍ରୀମନ୍ଦିରର ସମସ୍ତ ନୀତିନିୟମ ଓ ପରମ୍ପରାକୁ ଅନୁସରଣ କରାଯାଇ ରଥଯାତ୍ରା ସହ ସମସ୍ତ ପର୍ବପର୍ବାଣୀ ପାଳନ କରାଯାଏ। ଏହି ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସମସ୍ତ ଜଗନ୍ନାଥପ୍ରେମୀଙ୍କ ଦାୟିତ୍ୱ। ବିଦେଶରେ ରଥଯାତ୍ରା ତିଥି ପରିବର୍ତ୍ତନ ପ୍ରସଙ୍ଗରେ ଗତ ୪ ତାରିଖରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଇସ୍କନର ଗଭର୍ଣ୍ଣିଂ ବଡି କମିଶନ (ଜିବିସି)କୁ ଚିଠି ଲେଖି ଏହାର ପୁନର୍ବିଚାର କରିବାକୁ ନିବେଦନ କରିଥିଲେ। କିନ୍ତୁ ଗତ ୭ରେ ଜିବିସି ଅଧ୍ୟକ୍ଷ ମଧୁସେବିତା ଦାସ ଇ-ମେଲ୍ ମାଧ୍ୟମରେ ଜଣାଇଥିଲେ ଯେ ଇସ୍କନ ତା'ର ନୀତିରେ କୌଣସି ପରିବର୍ତ୍ତନ କରିବ ନାହିଁ ଓ ଏହି ପ୍ରସଙ୍ଗରେ ଆଉ କୌଣସି ଆଲୋଚନାର ସୁଯୋଗ ନାହିଁ।

# ଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ

■ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ରଙ୍କ ଯୋଗଦାନ




ଭୁବନେଶ୍ୱର,୯।୮(ସଂଚାର ବ୍ୟୁରୋ): ୭୧ତମ ବନ ମହୋତ୍ସବ ଅବସରରେ "ଗଛ ଲଗାଅ, ଜୀବନ ବଞ୍ଚାଅ" ମହାନ ବାର୍ତ୍ତାକୁ ସାକାର କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ୭୧ତମ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଓ ବିଶିଷ୍ଟ ସମାଜସେବୀ ସ୍ୱାକ୍ଷର ମହାନ୍ତିଙ୍କ ସହ ଚାରା ରୋପଣ କରିଥିଲେ। ଏଥିସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପ୍ରଜାତିର ବୃକ୍ଷ ଚାରା ବଣ୍ଟନ କରାଯାଇ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା।

ଏହି ଅବସରରେ ଶ୍ରୀ ମହାପାତ୍ର କହିଥିଲେ ଯେ ପ୍ରକୃତି ହେଉଛି ଆମ ଜୀବନର ମୂଳ ଆଧାର। ବୃକ୍ଷ କେବଳ ଆମକୁ ଅମ୍ଳଜାନ ପ୍ରଦାନ କରେ ନାହିଁ, ବରଂ ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା, ଜୀବ ବିବିଧତାର ସୁରକ୍ଷା ଓ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସବୁଜ ପୃଥିବୀ ଗଢ଼ିବାରେ ବୃକ୍ଷର ଭୂମିକା ଅତୁଳନୀୟ। ଆଜିର ବୃକ୍ଷରୋପଣ କେବଳ ଏକ ଔପଚାରିକତା ନୁହେଁ, ବରଂ ପ୍ରକୃତି ପ୍ରତି ଆମର ଦାୟିତ୍ୱବୋଧ ଓ ସମର୍ପଣର ପ୍ରତୀକ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସମାଜସେବୀ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ରହି ଚାରା ରୋପଣ କରିବା ସହ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ।

# 'ନିମୁଡ଼ା ନିମୁଡ଼ା' କଣ ଓଡ଼ିଆ ଅସ୍ମିତା ?

● ଶିକ୍ଷାମନ୍ତ୍ରୀ ଜବାବ ଦିଅନ୍ତୁ: କଂଗ୍ରେସ




ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ପ୍ରଚଳିତ ପ୍ରଥମରୁ ଅଷ୍ଟମ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଓ ଏହାକୁ ନେଇ ଶିକ୍ଷାମନ୍ତ୍ରୀଙ୍କ ଦିଆଯାଇଥିବା ଯୁକ୍ତିକୁ ନେଇ ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କଂଗ୍ରେସର ଜାତୀୟ ମୁଖପାତ୍ର ଡ. ହମିଦ ହୁସେନ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ଡ. ମନିସା ଦାସ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ଡ. ହୁସେନ କହିଥିଲେ ଯେ ଏହା କେବଳ ଛାପା ଭୁଲ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ହୋଇଥିବା ଗୁରୁତର ଅବହେଳା। ଗୋଟିଏ କିମ୍ବା ଦୁଇଟି ଭୁଲକୁ ମାନବୀୟ ତ୍ରୁଟି କୁହାଯାଇପାରେ, କିନ୍ତୁ ହଜାର ହଜାର ତ୍ରୁଟି କେବଳ ଛାପା ଭୁଲ ନୁହେଁ, ବରଂ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାର ବିଫଳତା। ଯେଉଁ ସରକାର ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେଇପାରୁନାହିଁ, ସେ ଗୁଣାତ୍ମକ ଶିକ୍ଷାର କଥା କହିବାର ନୈତିକ ଅଧିକାର ହରାଇଛନ୍ତି।

ସେ ପ୍ରଶ୍ନ କରିଥିଲେ ଯେ ବହି ଛପା ପୂର୍ବରୁ ଅନ୍ତିମ ଅନୁମୋଦନ କିଏ ଦେଇଥିଲେ? ବିଷୟ ବିଶେଷଜ୍ଞଙ୍କ ଯାଞ୍ଚ କାହିଁକି ହୋଇ ନ ଥିଲା? ଗୁଣବତ୍ତା ପରିବର୍ତ୍ତେ ଟେଣ୍ଡରକୁ କାହିଁକି ପ୍ରାଧାନ୍ୟ ଦିଆଗଲା? କୋଟି କୋଟି ଟଙ୍କାର କ୍ଷତି ପାଇଁ ଦାୟୀ କିଏ? ଯଦି ଛାତ୍ରଛାତ୍ରୀମାନେ ଏହି ଭୁଲ ପାଠ୍ୟପୁସ୍ତକ ପଢ଼ି ପରୀକ୍ଷାରେ କ୍ଷତିଗ୍ରସ୍ତ ହୁଅନ୍ତି, ସରକାର ସେହି ଦାୟିତ୍ୱ ନେବେ କି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ଡ. ପଟ୍ଟନାୟକ ଶିକ୍ଷାମନ୍ତ୍ରୀଙ୍କ 'ନିମୁଡ଼ା' ଗୀତ ସମ୍ପର୍କିତ ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଥିଲେ ଯେ ଓଡ଼ିଆ ଅସ୍ମିତାର ନାରା ଦେଉଥିବା ସରକାର ଆଜି ଓଡ଼ିଶାର ପିଲାଙ୍କ ପାଠ୍ୟପୁସ୍ତକରେ ରାଜସ୍ଥାନୀ ଗୀତକୁ ଯୁକ୍ତିସଙ୍ଗତ ବୋଲି ଦର୍ଶାଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅବମାନନା କରୁଛନ୍ତି। ଯଦି ସେହି ଗୀତ ରାଜସ୍ଥାନର ସଂସ୍କୃତିର ଅଂଶ, ତେବେ ରାଜସ୍ଥାନର ପାଠ୍ୟପୁସ୍ତକରେ ରହୁ; ଓଡ଼ିଶାର ପିଲାଙ୍କ ଉପରେ ତାହା କାହିଁକି ଲଦାଯାଉଛି ବୋଲି ସେ କହିଥିଲେ।

# ପଥର ବୋଝେଇ ଟ୍ରକକୁ ୫ ରାଉଣ୍ଡ ଗୁଳିମାଡ଼

ସୁନ୍ଦରଗଡ଼,୯।୭ (ସଂଚାର ବ୍ୟୁରୋ) : ସୁନ୍ଦରଗଡ଼ କୁତ୍ରାରେ ଫୁଟିଲା ଗୁଳି । ଏକ ପଥର ବୋଝେଇ ଟ୍ରକ ଉପରକୁ ୫ ରାଉଣ୍ଡ ଗୁଳି ମାଡ କରି ଦୁର୍ବୃତ୍ତ ଫେରାର । ସୌଭାଗ୍ୟବଶତଃ ଗୁଳିମାଡ଼ରୁ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁସାରେ ଖଡକୁର ବାହାଲରୁ ପଥର ବୋଝେଇ ଟ୍ରକ ନେଇ ଡ୍ରାଇଭର ବନାରସି ଓରାମ (୨୩) ଆଜି ଭୋର ସକାଳୁ ଯାଉଥିଲେ। ଲିଟିବେଡା ଛକ ନିକଟର ଏକ ନିଛାଟିଆ ସ୍ଥାନରେ ଦୁଇଟି ବାଇକରେ ଆସିଥିବା ଚାରିଜଣ ଦୁର୍ବୃତ୍ତ ଟ୍ରକକୁ ଅଟକାଇ ଆନ୍ଧାଧୁନ ଭାବେ ଗୁଳି ଚଳାଇଥିଲେ । ଦୁର୍ବୃତ୍ତମାନେ ପ୍ରାୟ ୫ ରାଉଣ୍ଡ ଗୁଳି ଚଳାଇବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସୌଭାଗ୍ୟବଶତଃ ଏହି ଗୁଳିମାଡ଼ରେ ଡ୍ରାଇଭର ବନାରସି ଓରାମଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ କୁତ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ ଘଟଣାସ୍ଥଳରୁ ଗୁଳିର ଖୋକା ଜବତ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ୍‌କୁ ମଧ୍ୟ ଖବର ଦିଆଯାଇଛି ।

■ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀର 'ପରିଚୟ' କର୍ମଶାଳା

# ଭାଷାର ଉନ୍ନତି ସହ ଅର୍ଥନୀତିର ବିକାଶ ଜଡ଼ିତ



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଓଡ଼ିଶାର ବିଭିନ୍ନ ସ୍ଥାନ, ଜଣାଶୁଣା ବ୍ୟକ୍ତିତ୍ୱ, ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ଓ ପାରମ୍ପରିକ ଖାଦ୍ୟ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଡିଜିଟାଲ ମାଧ୍ୟମରେ ବିଶ୍ୱ ସ୍ତରରେ ପହଞ୍ଚାଇବାର ଗୁରୁତ୍ୱ ରହିଛି ବୋଲି ଖ୍ୟାତନାମା ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମତ ବ୍ୟକ୍ତ କରିଛନ୍ତି। ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ଆୟୋଜିତ ଦୁଇଦିନିଆ କର୍ମଶାଳା 'ପରିଚୟ'ର ଉଦ୍‌ଘାଟନ ଅବସରରେ ଡ. ପଟ୍ଟନାୟକ ଭାଷାକୁ ଜୀବନ୍ତ ଓ ପ୍ରାସଙ୍ଗିକ ରଖିବାର ଯଥାର୍ଥ ପ୍ରୟାସ କରୁଥିବାରୁ ଓଡ଼ିଆ ଭର୍ଚୁଆଲ ଏକାଡେମୀକୁ ପ୍ରଶଂସା କରିଥିଲେ। ଏକାଡେମୀ ସଚିବ ଡ. ପ୍ରଦୀପ କୁମାର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ ଓଡ଼ିଆ ଭାଷାର ଉନ୍ନତି ସହ ଆମ ଅର୍ଥନୀତିର ବିକାଶ ଜଡ଼ିତ। ଓଡ଼ିଶାର ବିଭିନ୍ନ ସ୍ଥାନ, ପ୍ରତିଷ୍ଠାନ, ଖାଦ୍ୟ, ବେଶପୋଷାକ ଆଦିର ପ୍ରଚାର ପ୍ରସାର ଦ୍ୱାରା ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବା ସହ ନୂଆ ପିଢ଼ିଙ୍କୁ ଆମ ଅର୍ଥନୈତିକ ବିକାଶର ଅଂଶୀଦାର କରାଯାଇପାରିବ।

# ପାଲଲହଡ଼ା ଅଗ୍ନିଶମ କେନ୍ଦ୍ରର ସଫଳ ଉଦ୍ଧାର କାର୍ଯ୍ୟ



ଅନୁଗୋଳ,୯।୭(ସଂଚାର ବ୍ୟୁରୋ): ଆଜି ସକାଳ ପ୍ରାୟ ୫ଟା ୩୭ ମିନିଟ୍ ସମୟରେ ଜରୁରୀକାଳୀନ ହେଲ୍ପଲାଇନ ନମ୍ବର ୧୧୨ (ଇଆର୍‌ଏସ୍‌ଏସ୍)ରୁ ଖବର ମିଳିଥିଲା ଯେ ପାଲଲହଡ଼ା ଅଞ୍ଚଳର ପ୍ରସିଦ୍ଧ ମାଲ୍ୟଗିରି ପାହାଡ଼କୁ ବୁଲିବାକୁ ଯାଇଥିବା ୭ ଜଣଙ୍କ ମଧ୍ୟରୁ ୩ ଜଣ ରାସ୍ତା ଭୁଲି ଉପରେ ଫସି ରହିଛନ୍ତି। ସେମାନେ ମାଲ୍ୟଗିରି ପାହାଡ଼ ପାଖରେ ଥିବା ସୁଲୁରୀ ଶିବ ମନ୍ଦିରକୁ ଆସିଥିଲେ ଓ ସେଠାରୁ ପାହାଡ଼ ଉପରକୁ ଚଢ଼ିଥିଲେ। ହଠାତ୍ ପ୍ରବଳ ବର୍ଷା ହେବା ଯୋଗୁଁ ସେମାନଙ୍କ ମଧ୍ୟରୁ ୪ ଜଣ ସାଙ୍ଗ ଧୀରେ ଧୀରେ ତଳକୁ ଓହ୍ଲାଇ ଆସିଥିବା ବେଳେ ୩ ଜଣ ଯୁବକ ଘନ ଜଙ୍ଗଲ ଓ କୁହୁଡ଼ି ଯୋଗୁଁ ବାଟବଣା ହୋଇଯାଇଥିଲେ। ପାଲଲହଡ଼ା ଅଗ୍ନିଶମ କେନ୍ଦ୍ରର ଓଆଇସି ରବିନ କୁମାର ସୋରେନଙ୍କ ନେତୃତ୍ୱରେ ଏକ ୭ଜଣିଆ ଅଗ୍ନିଶମ ଦଳ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପାହାଡ଼ ଉପରକୁ ଯାଇ ଖୋଜାଖୋଜି ଆରମ୍ଭ କରିଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟା ଯୋଗୁଁ ଉକ୍ତ ୩ ଯୁବକଙ୍କୁ ଖୁବ୍‌ଶୀଘ୍ର ଖୋଜି ବାହାର କରାଯିବା ସହ ସୁରକ୍ଷିତ ଭାବେ ପାହାଡ଼ ତଳକୁ ଅଣାଯାଇପାରିଛି।

କେଏମ୍‌ସିର ୧୫୦ ବର୍ଷ ପୂର୍ତ୍ତି ସମାରୋହ ପାଳିତ

# କଟକର ବିକାଶ ପାଇଁ ୫୦୦ କୋଟିର ପ୍ରସ୍ତାବ ରଖିଲେ ମେୟର

- ସଂସ୍କୃତିକୁ ବଞ୍ଚାଇ ରଖିଥିବା ସହରର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ
- ୧୨ ସମ୍ମାନିତ, ୬ ଗରିମା କର୍ମଚାରୀଙ୍କୁ ସ୍ମାର୍ଟ ଫୋନ୍



କଟକ,୯।୭)ସଂଚାର ବ୍ୟୁରୋ): ମହାନଦୀ ଓ କାଠଯୋଡ଼ି ନଦୀ ମଧ୍ୟରେ ଏକ ସୁନ୍ଦର ସହର କଟକ। ହଜାରେ ବର୍ଷର ଐତିହ୍ୟ ବହନ କରୁଥିବା ଏହି ସହର ରାଜ୍ୟର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ବିଶେଷ ଭୂମିକା ଗ୍ରହଣ କରିଛି। କଟକର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇବା ପାଇଁ ରାଜ୍ୟ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ କଟକକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି କହିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ସ୍ଥାନୀୟ ସହିଦ ଭବନରେ ଆୟୋଜିତ କଟକ ମହାନଗର ନିଗମ (କେଏମ୍‌ସି)ର ୧୫୦ ବର୍ଷ ପୂର୍ତ୍ତି ଉଦଘାଟନୀ ଉତ୍ସବକୁ ମନ୍ତ୍ରୀ ଡାକ୍ତର ମହାପାତ୍ର ଉଦଘାଟନ କରିଥିଲେ। ନିଗମ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କମିଶନର କୀରନଦୀପ୍ କୌର ସହୋତା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସ୍ୱାଗତ ଭାଷଣରେ ମେୟର ଶ୍ରୀ ସିଂହ ସିଏମ୍‌ସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ପାଖରେ ୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ରଖିଥିଲେ। ଏଥିରେ ସିଏମ୍‌ସିର ନୂଆ କାର୍ଯ୍ୟାଳୟ, ୩ଟି ଜୋନାଲ ଅଫିସ, ବିଜୁ ପଟ୍ଟନାୟକ ପାର୍କ ନିକଟରେ ୨ ହଜାର କ୍ଷମତାବିଶିଷ୍ଟ ଅଡିଟୋରିୟମ, ବସ୍ତି ଲୋକଙ୍କ ଥଇଥାନ ପାଇଁ ୧୦ଟି ନୂଆ କୋଠା, ୫ଟି ସ୍ମାର୍ଟ ପାର୍କ, ୩ଟି ନୂଆ ମାର୍କେଟ୍ କମ୍ପ୍ଲେକ୍ସ, ୩ଟି ନୂଆ କଲ୍ୟାଣ ମଣ୍ଡପ, ବୁଲା ଗୋରୁଗାଈଙ୍କ ପାଇଁ ଆଶ୍ରୟସ୍ଥଳ, ୨ଟି ସ୍ଥାୟୀ ଗେଟ୍, ବର୍ଷ ବ୍ୟାପୀ ବିଭିନ୍ନ ୱାର୍ଡରେ ହେବାକୁ ଥିବା ୧୫୦ ବର୍ଷ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମ, ୨୦ଟି ସ୍ଥାନରେ ୱାଟର କିଓସ୍କ, ନୂଆ ଟାଉନ ହଲ, କେଏମସିର ପୁରୁଣା କୋଠାକୁ ଐତିହ୍ୟ କୋଠା ଭାବେ ଉନ୍ନତିକରଣ ଆଦି ଅନୁମୋଦନକୁ ମିଶାଇ ମୋଟ୍ ୫୧୬ କୋଟି ଟଙ୍କାର ପ୍ରସ୍ତାବ ରାଜ୍ୟ ସରକାରଙ୍କ ପାଖରେ ରଖିଛନ୍ତି। କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି କେଏମସିର ଡେପୁଟି ମେୟର ଦମୟନ୍ତୀ ମାଝୀ ଅଭିଭାଷଣ ପ୍ରଦାନ କରିଥିଲେ।

କଟକର ୧୫୦ ବର୍ଷର ପୌର ପ୍ରଶାସନର ଯାତ୍ରା ମଧ୍ୟରେ ସହରକୁ ଏକ ଉନ୍ନତ ସହର ଭାବେ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କଟକ ମହାନଗର ନିଗମର ୧୨ ଜଣ ପୂର୍ବତନ ମେୟର, ଡେପୁଟି ମେୟର, ପୂର୍ବତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପ୍ରମୁଖଙ୍କୁ ୧୫୦ ବର୍ଷ ପୂର୍ତ୍ତି ସମୋରୋହରେ ବିଶେଷ ସମ୍ବର୍ଦ୍ଧନା ଦିଆଯାଇଥିଲା। ନଗର ଉନ୍ନୟନ ମନ୍ତ୍ରୀ, ମେୟର, କମିଶନର ସେମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ। କଟକ ପୌର ପ୍ରଶାସନକୁ ମଜବୁତ କରିବାରେ ନିର୍ବାଚିତ ଜନପ୍ରତିନିଧିଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ତେଣୁ ନିଗମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କେଏମ୍‌ସିର ସମସ୍ତ ୫୯ କର୍ପୋରେଟରଙ୍କୁ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ସରକାରଙ୍କ 'ଗରିମା' ଯୋଜନା ଅଧୀନରେ କାର୍ଯ୍ୟରତ ୬ କୋର୍ ସାନିଟେସନ ୱାର୍କରଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ ଓ ବାରବାଟୀ ଫୁଡ୍ କୋର୍ଟ ହିତାଧିକାରୀଙ୍କୁ ଦୋକାନଘର ଚାବି ବଣ୍ଟନ କରାଯାଇଛି। କେଏମସିର ଶିକ୍ଷା ଓ ଚିତ୍ତ ବିନୋଦନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ଧନ୍ୟବାଦ ଦେଇଥିଲେ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୧୦ ଜୁଲାଇ ୨୦୨୬, ଭୁବନେଶ୍ୱର

Friday 10 July 2026, Bhubaneswar

# ଭାରତୀୟ ଅର୍ଥନୀତିରେ ଅସ୍ଥିରତା



ପଶ୍ଚିମ ଏସିଆରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ହୋଇଥିବା ସାମରିକ ଆକ୍ରମଣ କେବଳ ଏକ ଆଞ୍ଚଳିକ ଯୁଦ୍ଧ ନୁହେଁ, ବରଂ ସମଗ୍ର ବିଶ୍ୱ ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଯୁଦ୍ଧର ପ୍ରଭାବରେ ଅଶୋଧିତ ତୈଳର ଦରରେ ଅସ୍ଥିରତା, ବିଶ୍ୱ ବାଣିଜ୍ୟରେ ବାଧା, ପୁଞ୍ଜି ବଜାରରେ ଅନିଶ୍ଚିତତା ଏବଂ ମୁଦ୍ରା ବିନିମୟ ହାରରେ ଉତଥାନ-ପତନ ଦେଖାଦେଇଛି। ଏହି ପରିସ୍ଥିତିରେ ଭାରତ ପରି ଏକ ଉଦୀୟମାନ ଅର୍ଥନୀତି ସ୍ୱାଭାବିକ ଭାବେ ଚାପରେ ପଡ଼ିଛି। ନିକଟତମ ସମୟରେ ତୈଳ ଦର ଓ ବଜାରରେ ଅସ୍ଥିରତା ଭାରତୀୟ ଟଙ୍କା, ସେୟାର ବଜାର ଏବଂ ବିକାଶ ଆଶାକୁ ପ୍ରଭାବିତ କରିଛି।

ଭାରତ ତାହାର ଆବଶ୍ୟକତାର ବହୁ ଅଂଶ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରେ। ପଶ୍ଚିମ ଏସିଆରେ ଯୁଦ୍ଧ ବଢ଼ିଲେ ତୈଳ ଯୋଗାଣ ଓ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବାର ଆଶଙ୍କା ବଢ଼େ। ଫଳରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ସାର ଏବଂ ପରିବହନ ଖର୍ଚ୍ଚ ବୃଦ୍ଧି ପାଇପାରେ। ଏହାର ପ୍ରଭାବ ଚାଷୀଠାରୁ ଆରମ୍ଭ କରି ଶିଳ୍ପପତି ଓ ସାଧାରଣ ଉପଭୋକ୍ତା ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ପଡ଼ିବ।

ତୈଳ ମହଙ୍ଗା ହେଲେ ମୁଦ୍ରାସ୍ଫୀତି ବଢ଼ିବା ସ୍ୱାଭାବିକ। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଲେ ମଧ୍ୟବିତ୍ତ ଓ ଗରିବ ବର୍ଗ ସବୁଠାରୁ ଅଧିକ କଷ୍ଟ ପାଇବେ। ସରକାରଙ୍କୁ ଏକପଟେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାକୁ ହେବ, ଅନ୍ୟପଟେ ବିକାଶ ଗତିକୁ ମଧ ବଜାୟ ରଖିବାକୁ ପଡ଼ିବ। ଏହି ଦୁଇଟି ଲକ୍ଷ୍ୟକୁ ସମାନ ଭାବେ ସନ୍ତୁଳିତ କରିବା ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଏକ ବଡ଼ ପରୀକ୍ଷା।

ଏହି ଯୁଦ୍ଧର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହେଉଛି ବିଦେଶୀ ପୁଞ୍ଜିନିବେଶରେ ଅନିଶ୍ଚିତତା। ବିଶ୍ୱରେ ଅସ୍ଥିରତା ବଢ଼ିଲେ ବିଦେଶୀ ନିବେଶକମାନେ ସୁରକ୍ଷିତ ବଜାରକୁ ଧନ ସ୍ଥାନାନ୍ତର କରନ୍ତି। ଏହାର ପ୍ରଭାବରେ ଭାରତୀୟ ସେୟାର ବଜାରରେ ଉତଥାନ-ପତନ ଦେଖାଯାଏ ଏବଂ ଟଙ୍କାର ମୂଲ୍ୟ ମଧ ଚାପରେ ପଡ଼େ। ଯଦିଓ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ କିଛି ପରିମାଣରେ ବଜାରକୁ ସ୍ଥିର ରଖିବାରେ ସାହାଯ୍ୟ କରୁଛି, ତଥାପି ଦୀର୍ଘକାଳୀନ ସଂଘର୍ଷ ଭାରତ ପାଇଁ ଚିନ୍ତାର ବିଷୟ।

ଭାରତର ଆର୍ଥିକ ଶକ୍ତି ଆଜି ପୂର୍ବ ଅପେକ୍ଷା ଅଧିକ ମଜବୁତ। ବିଦେଶୀ ମୁଦ୍ରା ଭଣ୍ଡାର, ବିକଳ୍ପ ତୈଳ ଯୋଗାଣ, ଦେଶୀୟ ଉତ୍ପାଦନ ବୃଦ୍ଧି ଓ ନୀତିଗତ ସଂସ୍କାର ଭାରତକୁ କିଛି ପରିମାଣରେ ସୁରକ୍ଷା ଦେଇପାରେ। ତଥାପି କେବଳ ତତ୍କାଳୀନ ପଦକ୍ଷେପ ଯଥେଷ୍ଟ ନୁହେଁ। ଦୀର୍ଘମିଆଦିରେ ଅକ୍ଷୟ ଶକ୍ତି, ଇଲେକ୍ଟ୍ରିକ୍ ଯାନ, ଘରୋଇ ଶକ୍ତି ଉତ୍ପାଦନ ଓ ଆମଦାନୀ ନିର୍ଭରତା ହ୍ରାସ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ମଧ ଚାଲୁଥିବା ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ବିକାଶ ହାରରେ ସାମାନ୍ୟ ସଂଶୋଧନ କରିଛି। ତେବେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଡ଼ ଅର୍ଥନୀତିମାନଙ୍କ ମଧରେ ରହିଛି। ଏହି ସଙ୍କଟ ଆମକୁ ଗୋଟିଏ ବଡ଼ ଶିକ୍ଷା ଦେଉଛି ଯେ, ବିଶ୍ୱର ଯେକୌଣସି ଯୁଦ୍ଧର ପ୍ରଭାବ ସୀମାରେ ସୀମିତ ରହେ ନାହିଁ; ଏହା ପ୍ରତ୍ୟେକ ଦେଶର ଅର୍ଥନୀତି ଓ ସାଧାରଣ ଲୋକଙ୍କ ଜୀବନକୁ ସ୍ପର୍ଶ କରେ। ତେଣୁ ଭାରତକୁ କୂଟନୈତିକ ସନ୍ତୁଳନ ବଜାୟ ରଖି ଜାତୀୟ ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେବାକୁ ହେବ। ଅର୍ଥନୈତିକ ସଂସ୍କାର, ଶକ୍ତି ସୁରକ୍ଷା ଓ ଆତ୍ମନିର୍ଭରତାକୁ ଆହୁରି ମଜବୁତ କରିପାରିଲେ ମାତ୍ର ଭାରତ ଏଭଳି ବିଶ୍ୱସ୍ତରୀୟ ସଙ୍କଟକୁ ସଫଳତାର ସହ ମୁକାବିଲା କରିପାରିବ। ସ୍ଥିର ନୀତି, ସଂଯମିତ ଆର୍ଥିକ ପରିଚାଳନା ଏବଂ ଦୂରଦର୍ଶୀ ପଦକ୍ଷେପ ହିଁ ଅସ୍ଥିର ବିଶ୍ୱରେ ଭାରତୀୟ ଅର୍ଥନୀତିର ସବୁଠାରୁ ବଡ଼ ଆଶ୍ୱାସନା।

# ଜଗନ୍ନାଥ ସଂସ୍କୃତିର ବିଧିବିଧାନ ଅଲଂଘନୀୟ: ଇସ୍କନର ପ୍ରଶାସନିକ ଆଳକୁ ଗଜପତିଙ୍କ ଧର୍ମୀୟ ପ୍ରତ୍ୟାଖ୍ୟାନ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଏକ ଅନନ୍ୟ, ଅଲୌକିକ ଏବଂ ଶାସ୍ତ୍ରୀୟ ଆଧାତ୍ମିକ ଚେତନା ଯାହାର ମୂଳ ଭିତିଭୂମି ହେଉଛି ପବିତ୍ର ଶ୍ରୀକ୍ଷେତ୍ର ପୁରୀ ଏବଂ ଶତାବ୍ଦୀ ଧରି ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶାସ୍ତ୍ର, ପୁରାଣ ଓ ସନାତନ ଧର୍ମର ନିୟମାବଳୀ ପ୍ରଣୟନ କରାଯାଇଛି, ମାତ୍ର ଦୁର୍ଭାଗ୍ୟବଶତଃ ଆନ୍ତର୍ଜାତୀୟ କୃଷ୍ଣଭାବନାମୃତ ସଂଘ ବା ଇସ୍କନ (ISKCON) ସଂଗଠନ ବିଦେଶ ମାଟିରେ ନିଜର ପ୍ରଚାର ଓ ପ୍ରସାର ଆଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଏବଂ ସ୍ନାନଯାତ୍ରା ଭଳି ମହାର୍ଘ ଉତ୍ସବଗୁଡ଼ିକୁ ଶାସ୍ତ୍ରୀୟ ତିଥି, ନକ୍ଷତ୍ର ଓ ପରମ୍ପରାକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇ ନିଜର ମନଇଚ୍ଛା ଏବଂ ସୁବିଧାବାଦୀ ସମୟସୂଚୀ ଅନୁଯାୟୀ ବାରମ୍ବାର ଆୟୋଜନ କରି ଆସୁଛି ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀ ଓ ସନାତନୀଙ୍କ ଧାର୍ମିକ ଭାବନାକୁ ଗଭୀର ଭାବେ ଆହତ କରିଛି ଏବଂ ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥଙ୍କ ସର୍ବପ୍ରଥମ ଓ ପ୍ରଧାନ ସେବକ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧକ୍ଷ ଭାବରେ ତଥା ମୁକ୍ତିମଣ୍ଡପ ପଣ୍ଡିତ ସଭା ଓ ସଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଇସ୍କନ କର୍ତୃପକ୍ଷଙ୍କୁ ଦୀର୍ଘ ଦୁଇ ଦଶନ୍ଧି ଧରି ବାରମ୍ବାର ସତର୍କ କରାଇବା ସହ ଶାସ୍ତ୍ରୀୟ ନିୟମ ପାଳନ କରିବାକୁ ଅନୁରୋଧ କରିଆସିଥିଲେ ମଧ ସେମାନଙ୍କର ଏହି ଅବାଧ୍ୟତା, ଅହଂକାର ଏବଂ ସଂସ୍କୃତି ବିରୋଧୀ ଆଭିମୁଖ୍ୟ ଜାରି ରହିବା କାରଣରୁ ବାଧ ହୋଇ ଗଜପତି ମହାରାଜା ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ କେନ୍ଦ୍ରୀୟ ତଥା କୂଟନୈତିକ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି ଯେଉଁଥିରେ ସେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ ସ୍କନ୍ଦ ପୁରାଣ ଓ ନୀଳାଦ୍ରି ମହୋଦୟ ଭଳି ପବିତ୍ର ଗ୍ରନ୍ଥ ଅନୁଯାୟୀ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ହିଁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ହିଁ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବାର ଅଲଂଘନୀୟ ଶାସ୍ତ୍ରୀୟ ବିଧାନ ରହିଛି, କିନ୍ତୁ ଇସ୍କନ ପକ୍ଷରୁ ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ବିଶ୍ୱର ବିଭିନ୍ନ ସହରରେ କେବଳ ସପ୍ତାହାନ୍ତ ବା ରବିବାର ଛୁଟି ଏବଂ ପର୍ଯ୍ୟଟକଙ୍କ ଭିଡ଼କୁ ଆକୃଷ୍ଟ କରି ଅଧିକ ଆର୍ଥିକ ତଥା ସାଂଗଠନିକ ଲାଭ ପାଇବା ଉଦ୍ଦେଶ୍ୟରେ ବର୍ଷର ଯେକୌଣସି ମାସରେ, ଯେକୌଣସି ଅଶାସ୍ତ୍ରୀୟ ସମୟରେ ରଥଯାତ୍ରାର ନାଟକ କରାଯାଉଛି ଯାହା ମହାପ୍ରଭୁଙ୍କ ଦିବ୍ୟ ଲୀଳାକୁ ଗୋଟିଏ ପ୍ରହସନ ଓ ସାଧାରଣ ରାସ୍ତାଘାଟରେ କାର୍ନିଭାଲରେ ପରିଣତ କରିଦେଇଛି ଏବଂ ଏହି କାରଣରୁ ଓଡ଼ିଶା ବାହାରେ ତଥା ସମଗ୍ର ବିଶ୍ୱରେ ରହୁଥିବା ପ୍ରବାସୀ ଓଡିଆ ସମୁଦାୟ, ଜଗନ୍ନାଥ ସଂସ୍କୃତି ଗବେଷକ ଓ ସଚେତନ ହିନ୍ଦୁ ନାଗରିକମାନେ ଏହା ବିରୁଦ୍ଧରେ ପ୍ରବଳ ଗର୍ଜନ କରି ସ୍ୱର ଉତୋଳନ କରିବା ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି କାରଣ ଜଗନ୍ନାଥ ଚେତନା କୌଣସି ଖେଳନା ବା ବାଣିଜ୍ୟିକ ସାମଗ୍ରୀ ନୁହେଁ ଯାହାକୁ ଯେଉଁଠି ସେଠି ଏବଂ ଯେତେବେଳେ ସେତେବେଳେ ଉପହାସାତ୍ମକ ଭାବେ ପ୍ରଦର୍ଶିତ କରାଯାଇପାରିବ, ବରଂ ଏହା ହେଉଛି ବିଶ୍ୱ ବ୍ରହ୍ମାଣ୍ଡର ପରମ ସତ୍ୟ ଏବଂ କାଳାନୁକ୍ରମିକ ଗଣନା ଅନୁଯାୟୀ ଏହାର ପ୍ରତ୍ୟେକ ନୀତିକାନ୍ତ ମହାଜାଗତିକ ଶକ୍ତି ସହିତ ଜଡିତ ହୋଇଥିବାରୁ ଏହି ନିର୍ଦ୍ଧାରିତ ତିଥିର ଉଲ୍ଲଂଘନ ହେଉଛି ସନାତନ ଧର୍ମର ଆତ୍ମା ଉପରେ ଏକ କୁଠାରଘାତ, ତେଣୁ ଏହି କଡା ଚେତାବନୀ ମାଧମରେ ସ୍ପଷ୍ଟ କରାଯାଉଛି ଯେ ଯଦି ଇସ୍କନ ନିଜର ମନମୁଖୀ କାର୍ଯ୍ୟକଳାପ ବନ୍ଦ ନକରେ ତେବେ ସମଗ୍ର ବିଶ୍ୱରେ ଜଗନ୍ନାଥ ପ୍ରେମୀଙ୍କ ଆକ୍ରୋଶ ଆଗାମୀ ଦିନରେ ଏକ ବଡ ଆନ୍ଦୋଳନର ରୂପ ନେବ ଏବଂ ଭାରତ ସରକାର ନିଜର ଆନ୍ତର୍ଜାତୀୟ ପ୍ରଭାବ ଉପଯୋଗ କରି ବିଦେଶୀ ସରକାରୀ ସ୍ତରରେ ଏହି ଅପସଂସ୍କୃତି ଉପରେ ପୂର୍ଣ୍ଣଚ୍ଛେଦ ପକାଇ ଶ୍ରୀକ୍ଷେତ୍ରର ସର୍ବୋଚ୍ଚ ସାର୍ବଭୌମତ୍ୱ ଓ ଶାସ୍ତ୍ରୀୟ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଜରୁରୀ ଅଟେ। ହେ ବିଶ୍ୱବ୍ରହ୍ମାଣ୍ଡର ନାଥ, ହେ କୋଟି ଓଡିଆର ପ୍ରାଣ ଦେବତା ଶ୍ରୀଜଗନ୍ନାଥ, ତୁମ ସଂସ୍କୃତି ଓ ପରମ୍ପରା କୌଣସି ସାଧାରଣ ପର୍ବପର୍ବାଣୀ ନୁହେଁ, ବରଂ ଏହା ହେଉଛି କୋଟି କୋଟି ଭକ୍ତଙ୍କ ହୃଦୟର ସ୍ପନ୍ଦନ, ଆଖିର ଲୁହ ଏବଂ ଜୀବନର ଶେଷ ଆଶ୍ରୟ, ଯାହାର ପବିତ୍ର ଭିତିଭୂମି ହେଉଛି ଆମର ପ୍ରାଣପ୍ରିୟ ଶ୍ରୀକ୍ଷେତ୍ର ପୁରୀ ଧାମ, ମାତ୍ର ଆଜି ସେହି ପବିତ୍ର ଚେତନାକୁ ନେଇ ସୁଦୂର ବିଦେଶ ମାଟିରେ ଯେଉଁଭଳି ଭାବେ ବାରମ୍ବାର ଖେଳ ଖେଳାଯାଉଛି ଏବଂ ଆନ୍ତର୍ଜାତୀୟ କୃଷ୍ଣଭାବନାମୃତ ସଂଘ ବା ଇସ୍କନ (ISKCON) ସଂଗଠନ ଦ୍ୱାରା ଶାସ୍ତ୍ରୀୟ ନୀତି, ତିଥି ଓ ନକ୍ଷତ୍ରକୁ ସମ୍ପୂର୍ଣ୍ଣ ରୂପେ ଦଳିଚକଟି ନିଜର ବାଣିଜ୍ୟିକ ସୁବିଧା ଓ ରବିବାର ଛୁଟିର ଆମୋଦପ୍ରମୋଦ ପାଇଁ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଓ



ରଥଯାତ୍ରାକୁ ବର୍ଷର ଯେକୌଣସି ଅସମୟରେ ଏକ ପ୍ରହସନ ଭଳି ରାସ୍ତାଘାଟରେ ପ୍ରଦର୍ଶିତ କରାଯାଉଛି, ତାହା ପ୍ରତ୍ୟେକ ସଚେତନ ଜଗନ୍ନାଥ ପ୍ରେମୀଙ୍କ କଳେବରଙ୍କୁ ଦୋହଲାଇ ଦେଇଛି ଏବଂ ହୃଦୟକୁ ରକ୍ତାକ୍ତ କରିଦେଇଛି। ଏହି ଗଭୀର ଆଧାତ୍ମିକ ସଂକଟ ଓ କୋଟି ଭକ୍ତଙ୍କ ଅନ୍ତରର କୋହକୁ ଅନୁଭବ କରି, ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ପରିଚାଳନା କମିଟି ଓ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସର୍ବସମ୍ମତ ନିଷ୍ପତି କ୍ରମେ ଦୀର୍ଘ ଦୁଇ ଦଶନ୍ଧି ଧରି ଇସ୍କନର ମାୟାପୁର କର୍ତୃପକ୍ଷଙ୍କୁ ବାରମ୍ବାର ବିନମ୍ରତାର ସହ ଅନୁରୋଧ ଓ ସ୍ପଷ୍ଟ ସତର୍କବାଣୀ ଶୁଣାଇବା ପରେ ମଧ, ଯେତେବେଳେ ସେମାନଙ୍କର ସାଂଗଠନିକ ଅହଂକାର ଓ ସନାତନ ବିଧି ପ୍ରତି ଅବଜ୍ଞା ଚରମ ସୀମାରେ ପହଞ୍ଚିଥିଲା, ସେତେବେଳେ ଗଜପତି ମହାରାଜା ବାଧ ହୋଇ ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗଭୀର ଦୁଃଖର ସହ ଆବେଗପୂର୍ଣ୍ଣ ଚିଠି ଲେଖି ଏହି ସାର୍ବଭୌମ ପରମ୍ପରାର ସୁରକ୍ଷା ପାଇଁ କେନ୍ଦ୍ରୀୟ ତଥା କୂଟନୈତିକ ସ୍ତରରେ ଦୃଢ ହସ୍ତକ୍ଷେପ କରିବାକୁ ଗୁହାରି କରିଛନ୍ତି। ସ୍କନ୍ଦ ପୁରାଣ, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟ ଭଳି ପବିତ୍ର ଶାସ୍ତ୍ରରେ ସ୍ପଷ୍ଟ ଭାବେ ଲିଖିତ ଅଛି ଯେ ଜ୍ୟେଷ୍ଠ ପୂର୍ଣ୍ଣିମାର ମହାଜାଗତିକ ମୁହୂର୍ତରେ ହିଁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ଆଷାଢ଼ ଶୁକ୍ଳ ଦ୍ୱିତୀୟାର ପବିତ୍ର ତିଥିରେ ହିଁ ନବଦିନାତ୍ମକ ରଥଯାତ୍ରା ସମ୍ପନ୍ନ ହେବ, କାରଣ ଏହି ନିର୍ଦ୍ଧାରିତ ଦିବସଗୁଡିକ କେବଳ ମାନବୀୟ କ୍ୟାଲେଣ୍ଡରର ତାରିଖ ନୁହଁନ୍ତି, ବରଂ ଏହା ମହାଜାଗତିକ ଶକ୍ତି ଏବଂ ମହାପ୍ରଭୁଙ୍କ ଦିବ୍ୟ ଆବିର୍ଭାବ ଓ ଲୀଳାର ଅଲଂଘନୀୟ କାଳାତ୍ମକ ରହସ୍ୟ, କିନ୍ତୁ ଇସ୍କନ ପକ୍ଷରୁ ସେହି ସର୍ବୋଚ୍ଚ ସତ୍ୟକୁ ଅପମାନିତ କରି ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନାଇଜେରିଆ ଭଳି ବିଭିନ୍ନ ଦେଶରେ କେବଳ ପର୍ଯ୍ୟଟକଙ୍କ ଭିଡ ଜମାଇବା ଓ ପାଣ୍ଠି ସଂଗ୍ରହ କରିବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କୁ 'ଯେଉଁଠି ସେଠି' ଏବଂ 'ଯେତେବେଳେ ସେତେବେଳେ' ରଥରେ ବସାଇ ବୁଲାଯାଉଛି, ଯାହାକୁ ଦେଖି ଓଡ଼ିଶା ମାଟିରୁ ଆରମ୍ଭ କରି ସୁଦୂର ସପ୍ତସମୁଦ୍ର ପାରିରେ ରହୁଥିବା ପ୍ରବାସୀ ଓଡିଆ ସମୁଦାୟ ଓ ଜଗନ୍ନାଥ ସଂସ୍କୃତିର ପ୍ରକୃତ ଉପାସକମାନେ କୋହଭରା କଣ୍ଠରେ ନିଜର ସ୍ୱର ଉତୋଳନ କରୁଛନ୍ତି। ଆଜି ପ୍ରତ୍ୟେକ ଓଡିଆର ଆଖି ସଜଳ ହୋଇଉଠୁଛି ଏହା ଭାବି ଯେ, ଯେଉଁ କାଳିଆ ସାଆନ୍ତଙ୍କ ସେବାରେ ସାକ୍ଷାତ ଗଜପତି ରାଜା ନିଜକୁ ଜଣେ ସାଧାରଣ ଝାଡୁଦାର ବା ସେବକ ଭାବେ ସମର୍ପଣ କରି ଛେରାପହଁରା କରନ୍ତି, ସେହି ପରମେଶ୍ୱରଙ୍କ ଦିବ୍ୟ ବିଗ୍ରହ ଓ ରଥଯାତ୍ରାକୁ ବିଦେଶୀ ସହରର ରାସ୍ତାରେ ଏକ ବାଣିଜ୍ୟିକ ମେଳା ବା ସାଧାରଣ ପ୍ରାରେଡ୍ ଭଳି ପ୍ରଦର୍ଶିତ କରି ତାଙ୍କର ଦିବ୍ୟ ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରାଯାଉଛି, ତେଣୁ ଏହି କଠୋର ଆର୍ଟିକିଲ ମାଧମରେ ବିଶ୍ୱବାସୀ ଏବଂ ଇସ୍କନ କର୍ତୃପକ୍ଷଙ୍କୁ ଅନ୍ତିମ ଚେତାବନୀ ଦିଆଯାଉଛି ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସାରା ବିଶ୍ୱର ନାଥ କିନ୍ତୁ ତାଙ୍କର ନୀତି ଓ ଆତ୍ମା ହେଉଛି ଶ୍ରୀକ୍ଷେତ୍ରର ଶାସ୍ତ୍ରୀୟ ବିଧାନ, ଏବଂ ଏହି ଅପସଂସ୍କୃତି ଓ ମନମୁଖୀ ପରମ୍ପରା ଭଙ୍ଗ ପ୍ରଥାକୁ ଯଦି ତୁରନ୍ତ ବନ୍ଦ କରାନଯାଏ, ତେବେ କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ଅନ୍ତରର ଏହି କୋହ ଆଗାମୀ ଦିନରେ ଏକ ପ୍ରଳୟଙ୍କାରୀ ଆଧାତ୍ମିକ ଆନ୍ଦୋଳନର ରୂପ ନେବ ଏବଂ ଭାରତ ସରକାର ନିଜର ସାଂସ୍କୃତିକ ଓ ରାଜନୈତିକ ସାର୍ବଭୌମତ୍ୱ ପ୍ରୟୋଗ କରି ଶ୍ରୀକ୍ଷେତ୍ରର ଅଲୌକିକ ମର୍ଯ୍ୟାଦାକୁ ବିଶ୍ୱଦରବାରରେ ସୁରକ୍ଷିତ ରଖିବା ପାଇଁ ବାଧ ହେବେ। ଏହି ମନମୁଖୀ ଆଚରଣ ଯୋଗୁଁ ହିଁ ଓଡ଼ିଶାର ଜନସାଧାରଣ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ରକ୍ଷକମାନେ ଆଜି ଏଭଳି ଅନୁଭବ କରୁଛନ୍ତି ଯେ ଇସ୍କନ (ISKCON) ନିଜକୁ ଶାସ୍ତ୍ର, ପରମ୍ପରା ଏବଂ ସନାତନ ଧର୍ମର ଆଇନ ଠାରୁ ଉପରେ ବୋଲି ଭାବୁଛି। ଆନ୍ତର୍ଜାତୀୟ ସ୍ତରରେ ଏକ ବୃହତ୍ ସଂଗଠନ ହୋଇଥିବାରୁ ଏବଂ ବିଦେଶୀ ମାଟିରେ ସ୍ଥାନୀୟ ପ୍ରଶାସନିକ ସ୍ୱୟାତତା ପାଇଥିବା ଯୋଗୁଁ ସେମାନେ ଶ୍ରୀକ୍ଷେତ୍ର ପୁରୀ ମୂଳପୀଠର ସାର୍ବଭୌମ ଆଧାତ୍ମିକ ନିର୍ଦ୍ଦେଶକୁ ବାରମ୍ବାର ଅବଜ୍ଞା କରୁଛନ୍ତି, ଯାହାକି ସେମାନଙ୍କର ସାଂଗଠନିକ ଅହଂକାରକୁ ପ୍ରତିଫଳିତ କରୁଛି। ଯେତେବେଳେ ଜଣେ ବ୍ୟକ୍ତି ବା ଅନୁଷ୍ଠାନ ଭକ୍ତି ଓ ପ୍ରଚାର ନାମରେ ପବିତ୍ର ଶାସ୍ତ୍ରର ମୂଳ ନିୟମକୁ ନିଜ ଇଚ୍ଛାରେ ପରିବର୍ତନ କରିବାକୁ ଚେଷ୍ଟା କରେ, ସେତେବେଳେ ସେ ସାଧାରଣ ଆଧାତ୍ମିକ ଅନୁଶାସନର ସୀମା ପାର୍ କରିଯାଏ ଏବଂ ଏହି କାରଣରୁ ହିଁ ଗଜପତି ମହାରାଜାଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ କର୍ତୃପକ୍ଷ ତଥା ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଛି, ଯେପରି ସରକାରୀ ଏବଂ କୂଟନୈତିକ ଚାପ ପ୍ରୟୋଗ କରାଯାଇ ଇସ୍କନର ଏହି ଏହି ଆଇନ ଓ ଶାସ୍ତ୍ର ବାହାରେ ଯାଇ କାର୍ଯ୍ୟ କରିବାର ଅବାଧ ପ୍ରଥା ଉପରେ ଚେକ୍ ଲଗାଯାଇପାରିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ମୋତେ ଯେତେ ମାଠିବୁ ମାଠ୍



ପ୍ରଦ୍ୟୁମ୍ନ କିଶୋର ମିଶ୍ର

ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ସ୍ୱଚ୍ଛ ଶାସନ, ଅବାସ୍ତବ ଯୋଜନାର ଘୋଷଣା ଏବଂ ଅନେକ ଗୁଡ଼ିଏ ମିଛ ପ୍ରତିଶ୍ରୁତି ଆମେ ଶୁଣି ଶୁଣି ଆସୁଛେ। ପ୍ରତ୍ୟେକ ନୂତନ ସରକାର ପ୍ରଚଳିତ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାର ଘୋଷଣା କରୁଛନ୍ତି ଏବଂ ନାଗରିକମାନଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ଦୁର୍ନୀତିର ମୂଳୋତ୍ପାଟନ କରାଯିବ। ତଥାପି, ସରକାର ପରିବର୍ତ୍ତନ, ସ୍ଲୋଗାନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନ ସତ୍ତ୍ୱେ, ସାଧାରଣ ନାଗରିକ ପ୍ରାୟତଃ ସମାନ ପ୍ରଶ୍ନ ପଚାରନ୍ତି: ପ୍ରକୃତରେ କିଛି ପରିବର୍ତ୍ତନ ହୋଇଛି କି? ଆମେ ତ ଯେମିତି ଥିଲେ ସେମିତି ଅଛେ, ବରଂ ବ୍ୟବସ୍ଥା ବେଳକୁ ବେଳ ଖରାପ ଆଡ଼କୁ ଯାଉଛି, ସୁଧୁରିବାର ଆଶା ନାହିଁ ତେବେ ଭୂଲ୍ ପ୍ରକୃତରେ ରହୁଛି କେଉଁଠି ? କେବେ ସୁଧୁରିବ ଏ ଅବସ୍ଥା ଓ ବ୍ୟବସ୍ଥା ?

ଏକଥା ସତ ଯେ ଆମ ଦେଶ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଏବଂ ଆର୍ଥିକ ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସରକାରୀ ସେବାଗୁଡ଼ିକ କ୍ରମଶଃ ଅନଲାଇନ୍ ହୋଇଛି, ଏବଂ ଅନେକ ପ୍ରକ୍ରିୟା ଡିଜିଟାଲ୍ ହୋଇଛି। ତଥାପି, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଆମର ଚିରା ଚରିତ ପ୍ରଶାସନିକ ସ୍ତରରେ ମାନସିକତାକୁ ପରିବର୍ତ୍ତନ କରିନାହିଁ ଆଗରୁ ଯାହାଥିଲା, ଏବେ ତାହା ହିଁ ଅଛି। ଅନେକ ସ୍ଥାନରେ ବିକାଶ ମୂଳକ କାର୍ଯ୍ୟରେ ବିଳମ୍ବ, ପକ୍ଷପାତିତା, ନିୟମର ଉଲ୍ଲଂଘନ, ହେରଫେର ଏବଂ କ୍ଷମତାର ଅପବ୍ୟବହାର କୋଟି କୋଟି ସାଧାରଣ ନାଗରିକ ମାନଙ୍କୁ ହତାଶ କରିଚାଲିଛି। ଏହି ହତାଶା ହିଁ ଆମର ଦେହ ସୁହା ହୋଇଗଲାଣି। ଆମ ଶାସନଗତ ଢାଞ୍ଚାରେ କୌଣସି ପରିବର୍ତ୍ତନର ସମ୍ଭାବନା ହିଁ ନାହିଁ। ଗଭର୍ଣାନ୍ସର କୌଣସି ମଡେଲ ଠିକ୍ ଭାବେ କାମ କରୁନାହିଁ। କୌଣସି ସରକାରୀ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ, ଅନେକ ଯୋଜନା ଆଜି ବାଟବଣା, ଦିଗହରା।

ସବୁଠାରୁ ଯନ୍ତ୍ରଣାଦାୟକ ବାସ୍ତବତା ହେଉଛି ଯେ ଲାଞ୍ଚ ସଂସ୍କୃତି ବା ପିସି କାରବାର ଏପର୍ଯ୍ୟନ୍ତ ଲୋପ ପାଇନାହିଁ ଯଦିଓ ଅନେକ ସରକାରୀ କର୍ମଚାରୀ ସଚ୍ଚୋଟତା ଏବଂ ନିଷ୍ଠାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି, ତଥାପି ଏପରି ପରିସ୍ଥିତି ଅଛି ଯେଉଁଠାରେ ନାଗରିକମାନେ ବିଶ୍ୱାସ କରନ୍ତି ଯେ ବୈଧ କାର୍ଯ୍ୟ ଯୋଗ୍ୟତା ଅପେକ୍ଷା ରାଜନୈତିକ ପ୍ରଭାବ କିମ୍ବା ଅବୈଧ ଦେୟ ମାଧମରେ ଦ୍ରୁତ ଗତିରେ ଗତି କରେ। ରାଜନେତା ଓ ଧନଶାଳୀ ବ୍ୟକ୍ତିଙ୍କ ହାତ ମୁଠାରେ ସବୁକିଛି ରହିଛି। ତେଣୁ ଏବେ ଆମେ ସଚ୍ଚୋଟତାକୁ ଏକ ଅସୁବିଧା ବା ଆମର ଦୁର୍ଭାଗ୍ୟ ବୋଲି ଭାବିବା ଆରମ୍ଭ କଲେଣି, ଶାସନତନ୍ତ୍ର ଉପରୁ ଆମେ ଭରଷା ବା ବିଶ୍ୱସନୀୟତା ହରାଇ ସାରିଲେଣି।

ନିଯୁକ୍ତି ଅନିୟମିତତା, ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଅତି ବେପରୁଆ ଭାବରେ ସ୍କୁଲ ପିଲାଙ୍କୁ ପୁଳା ପୁଳା ଭୁଲ୍ ଥିବା ବହି ଯୋଗାଇବା, ଜାଲ୍ ଡକ୍ୟୁମେଣ୍ଟରେ ଚାକିରୀ କରିବା, ଅନ୍ୟର ସମ୍ପତ୍ତି ବା ସରକାରୀ ଅର୍ଥ ହଡପ କରିବା, ଜମି ଜାଲିଆତି ଏବଂ ସାଇବର୍ ଅପରାଧ ଇତ୍ୟାଦି ସହିତ ଜଡିତ ଘଟଣାଗୁଡ଼ିକ ପ୍ରତିଦିନ ନଜରକୁ ଆସୁଛି।

ସରକାରରେ ଯେଉଁ ଦଳ ଥାଉ ନା କାହିଁକି ଶାସନ ପ୍ରଣାଳୀରେ କିଛି ପରିବର୍ତ୍ତନ ନାହିଁ। ପ୍ରତ୍ୟେକ ଘୋଟାଲାରେ ଆମକୁ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳୁଛି, କିନ୍ତୁ ସମାନ ମାମଲା ବାରମ୍ବାର ଘଟୁଛି। ଏହି ବାରମ୍ବାର ଘଟୁଥିବା ଚକ୍ର ଆଉ 'ଦୁର୍ନୀତି ' ବୋଲି ବିବେଚିତ ହେଉନାହିଁ - ଏହା ଜୀବନର ଏକ ଅନନ୍ୟ 'ଉପାୟ' ଭାବରେ ଗ୍ରହଣୀୟ ହୋଇଗଲାଣି ଆମ ଜନ ମାନସରେ। ବର୍ତ୍ତମାନ ଲାଞ୍ଚ ନେବାର ଏକ ଧାରା ବା ପ୍ରଥା, ସବୁଥିରେ ରାଜନୈତିକ ପ୍ରଭାବ ଏବଂ ପଦ ପଦବୀର ଅପବ୍ୟବହାର ଏକ 'ସାଧାରଣ' କଥା ହୋଇଗଲାଣି। ଏପରି ଅବସ୍ଥାରେ ଅଳ୍ପ କେତୋଟି ସଚ୍ଚୋଟ ଅଧିକାରୀମାନେ ନିରୁତ୍ସାହିତ ହୋଇ ନିଜ ଭାଗ୍ୟକୁ ନିନ୍ଦା କରିବା ସ୍ୱାଭାବିକ। ଅଧିକାଂଶ ନାଗରିକ ଏବେ ପ୍ରଶାସନ ଉପରୁ ଆସ୍ଥା ବିଶ୍ୱାସ ହରାଇ ସାରିଲେଣି। ଆଇନର ଶାସନ ବେଳକୁବେଳ ଅଧିକରୁ ଅଧିକ ଦୁର୍ବଳ ହୋଇ ପଡ଼ିଲାଣି।

ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଅଧିକାରୀ କିମ୍ବା ପ୍ରତ୍ୟେକ ରାଜନୈତିକ ନେତା ଅନୀତି ଦୁର୍ନୀତି ରେ ଲିପ୍ତ। ଅନେକ ଲୋକ ନିଷ୍ଠାର ସହିତ ଦେଶ ସେବା ବା ଦେଶହିତ ପାଇଁ କାମ କରୁଛନ୍ତି ଏବଂ ସେମାନେ ପ୍ରଶଂସା, ସମ୍ମାନ ପାଇବାକୁ ଯୋଗ୍ୟ। କିନ୍ତୁ ସେମାନଙ୍କର ସଂଖ୍ୟା ଖୁବ୍ କମ୍, ଏତେ କମ୍ ଯେ ବର୍ତ୍ତମାନ ସମୟରେ ଖୋଜିଲେ ମିଳିବା ବହୁତ୍ କଷ୍ଟସାଧ।

ଆମକୁ ଆଉ ଅଧିକ 'ସ୍ଲୋଗାନ' ର ଆବଶ୍ୟକତା ନାହିଁ; ଫମ୍ପା ପ୍ରତିଶ୍ରୁତି ସ୍ଲୋଗାନ ଶୁଣି ଶୁଣି ଆମେ ବଧିର ପାଲଟି ଗଲେଣି। ଆମକୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ, ସଂସ୍କାର ସମ୍ପନ୍ନ ଶାସନ ବ୍ୟବସ୍ଥା ଆବଶ୍ୟକ। ଆଇନ୍ କାନୁନ୍, ନୀତି ନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହେବା ଉଚିତ। ନ୍ୟାୟିକ ବ୍ୟବସ୍ଥାରେ ତ୍ୱରିତ ବିଚାର ସହ ପ୍ରମାଣିତ ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତି ବିଶେଷ ଦଳ ମତ ଧନୀ, ଗରିବ ନିର୍ବିଶେଷରେ ଶୀଘ୍ର ଦଣ୍ଡ ପାଇବା ଉଚିତ। ଏଥିପାଇଁ ସଚ୍ଚୋଟ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ସହ ଲାଞ୍ଚ ବ୍ୟବସ୍ଥାକୁ ଦୃଢ଼ ଭାବେ ସବୁ ଜାଗାରୁ ହଟାଇଦେବା ଜରୁରୀ। ଯଦି କୌଣସି ଅଫିସ୍ ରେ ଗୋଟିଏ ଟେବୁଲ୍ ରୁ ଫାଇଲ୍ ଟିଏ ଆଉ ଗୋଟିଏ ଟେବୁଲ୍ କୁ ଯିବ କି ନ ଯିବ ତାହା ଟଙ୍କା ଦ୍ୱାରା ସ୍ଥିର କରାଯିବ, ତେବେ ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ କୁଆଡୁ ?

ନିର୍ବାଚନ ପ୍ରକ୍ରିୟାରେ ସରକାର ପରିବର୍ତ୍ତନ ହେଉଛି ଓ ହେବ। କିନ୍ତୁ ବାସ୍ତବରେ ଶାସନ ସଂସ୍କୃତିରେ କେବେ ପରିବର୍ତ୍ତନ ଆସିବ ? ଏକ ରାଷ୍ଟ୍ର କେବଳ ନୂଆ ରାଜପଥ, ବଡ ଅଟ୍ଟାଳିକା ନିର୍ମାଣ କରିଦେଲେ କିମ୍ବା ଡିଜିଟାଲ୍ ପ୍ଲାଟଫର୍ମ ପ୍ରଚଳନ କଲେ ପ୍ରକୃତରେ ଶକ୍ତିଶାଳୀ ହୁଏ ନାହିଁ, ବରଂ ଯେତେବେଳେ ପ୍ରତ୍ୟେକ ନାଗରିକ ଆତ୍ମବିଶ୍ୱାସର ସହିତ ଯେ କୌଣସି ସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରିପାରିବେ, ନ୍ୟାୟ ପାଇ ପାରିବେ, ବିନା ଲାଞ୍ଚ, ବିନା ଅନୈତିକ ପ୍ରଭାବରେ ନିଜର ହକ୍ ପାଇ ପାରିବେ ସେତେବେଳେ ଆମେ ବୁଝିବା ଯେ ରାଷ୍ଟ୍ରର ବିକାଶ ଠିକ୍ ଦିଗରେ ଯାଉଛି। ଆମର ବ୍ୟକ୍ତିଗତ ମାନସିକତା ପରିବର୍ତ୍ତନ ହେଲେ ଆପେ ଆପେ ଏହା ଆମର ଜାତୀୟ ନୀତିକୁ ଏବଂ ସମଗ୍ର ଜନଜୀବନକୁ ପ୍ରଭାବିତ କରି ଆମ ଦେଶକୁ ବିକାଶର ବାସ୍ତବ ରାସ୍ତାରେ ଆଗେଇ ନେଇ ପାରିବ। ତା 'ନ ହେଲେ ଏମିତି ' ଅଙ୍ଗାରଂ ଶତ ଧୌତେନ...' ଭଳି ଅବସ୍ଥା ଲାଗି ରହିଥିବ।

ଇଣ୍ଡିଗୋ କଲେଜ୍, କଟକ, ମୋ-୬୩୭୧୫୫୨୮୬୬.

# ଜାତିବାଦୀ ରାଜନୀତି ଓ ଭାରତ



ଗୋପାଳ ମହାପାତ୍ର

ଭାରତର ରାଜନୀତି ଏବେ ଦେଶର ସାମାଜିକ ସଂରଚନାର ଆଭ୍ୟନ୍ତରୀଣ ମତଭେଦର ଶୀକାର ହୋଇଛି। ଏକଦା ଇଂରେଜଙ୍କ ବିରୁଦ୍ଧରେ ଏକଜୁଟ ହୋଇ ଲଢ଼େଇ କରିଥିବା ଏ ଦେଶର ଜନତା ଧିରେ ଧିରେ ଏଇ ସଂରଚନାର ଅନ୍ତଃବିରୋଧର ଗ୍ରସ୍ତ ହେବାରେ ଲାଗିଛନ୍ତି। ଏହି କାରଣରୁ ଭାରତରେ ଜାତିବାଦୀ ରାଜନୀତି ବଢ଼ିବାରେ ଲାଗିଛି ଏବଂ ଏକ ନୂଆ ସମୀକରଣ ସୃଷ୍ଟି କରିବା ଆରମ୍ଭ କରିଦେଇଛି। ଏକଥା ନୁହେଁ ଯେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଲଢ଼ାଯାଇଥିବା ସ୍ୱାଧିନତା ସଂଗ୍ରାମ ସମୟରେ ଏହି ବିସଂଗତି ନଥିଲା। ଥିଲା କିନ୍ତୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଜନତାଙ୍କ ପ୍ରତି ସମର୍ପଣ ଭାବ ଏହି ବିସଂଗତିକୁ ଏଡ଼େଇବାରେ ସକ୍ଷମ ହୋଇଥିଲା। ଗାନ୍ଧୀ ଭାରତୀୟ



ସମାଜର ଏସବୁ ଦୁର୍ବଳତା ବା ବିସଂଗତି ବାବଦରେ ସମ୍ପୂର୍ଣ୍ଣ ଭାବେ ଅବଗତ ଥିଲେ ଏଥିପାଇଁ ସେ ରାମରାଜ୍ୟର ବିଚାରକୁ ଗୁରୁତ୍ୱ ଦେଉଥିଲେ ଯେଉଁଥିପାଇଁ ଭାରତୀୟ ସମାଜର ସବୁ ବର୍ଗ ତାଙ୍କ ନେତୃତ୍ୱକୁ ଗ୍ରହଣ କରି ଇଂରେଜଙ୍କ ବିରୁଦ୍ଧରେ ଲଢ଼ିଥିଲେ। ଗାନ୍ଧୀ ୧୯୩୧ରୁ ୧୯୩୬ ପର୍ଯ୍ୟନ୍ତ ଭାରତର ହିନ୍ଦୁ ସମାଜ ଦଳିତ ମାନଙ୍କୁ କରୁଥିବା ଦୁର୍ବ୍ୟବହାର ବିରୁଦ୍ଧରେ ଆନ୍ଦୋଳନ କରିଥିଲେ ଯେଉଁଥିପାଇଁ ତାଙ୍କ ଉପରେ ଦୁଇଥର ମରଣାତ୍ମକ ଆକ୍ରମଣ ମଧ ହୋଇଥିଲା। ଗାନ୍ଧୀ ସେତେବେଳେ ତଥାକଥିତ ଅସ୍ପୃଷ୍ୟ କୁହାଯାଉଥିବା ଜାତି ମାନଙ୍କର ଉତ୍‌ଥାନ ପାଇଁ ଜନ ଜାଗରଣ ସୃଷ୍ଟି କରିଥିଲେ ଏବଂ ସେମାନଙ୍କୁ ହରିଜନ ଆଖ୍ୟା ଦେଇଥିଲେ। ଗାନ୍ଧୀ ଅସ୍ପୃଷ୍ୟତା ନିବାରଣ ଅଭିଯାନ ଚଳାଇ ସେମାନଙ୍କୁ ହିନ୍ଦୁ ସମାଜର ଅଭିନ୍ନ ଅଙ୍ଗରେ ପରିଣତ କରାଇଥିଲେ ଏବଂ ୧୯୩୨ ମସିହାରେ ପୁଣେରେ ଏହି ସମାଜର ନେତା ଡ଼କ୍ଟର ଭୀମରାଓ ଆମ୍ବେଦକରଙ୍କ ସହ ଆଲୋଚନା କରି ତଥାକଥିତ ଅସ୍ପୃଷ୍ୟଙ୍କ ପାଇଁ ଆମ୍ବେଦକର ଯେଉଁ ପୃଥିକ୍ ନିର୍ବାଚନ ମଣ୍ଡଳୀ ଦାବି କରୁଥିଲେ ତାଙ୍କୁ ବନ୍ଦ କରିଦେଇଥିଲେ। ଇଂରେଜମାନେ ଚାହୁଁଥିଲେ ଭାରତୀୟ ସମାଜକୁ ବିଖଣ୍ଡିତ କରି ସାମୁହିକ ଶକ୍ତିକୁ ନଷ୍ଟ କରିଦେବା ପାଇଁ ୧୯୦୯ରେ ଇଂରେଜ ସରକାର ମୁସଲମାନ ମାନଙ୍କୁ ପୃଥକ୍ ନିର୍ବାଚନ ମଣ୍ଡଳୀ ଦେଇ ସାରିଥିଲେ ଏବଂ ଶିଖ ସମାଜ ପାଇଁ ୧୯୧୯ରେ ଏହି ବ୍ୟବସ୍ଥା ଲାଗୁ କରାଇଥିଲେ। ଏହା ପରେ ସେମାନେ ହିନ୍ଦୁ ସମାଜକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଆମ୍ବେଦକର ଗାନ୍ଧୀଙ୍କ ପରାମର୍ଶକୁ ବୁଝିପାରିଥିଲେ ଓ ହିନ୍ଦୁ ସମାଜ ସହ ରହିବା ପାଇଁ ରାଜି ହୋଇଥିଲେ। କିନ୍ତୁ ଆମ୍ବେଦକରଙ୍କ ସର୍ତ୍ତଥିଲା ବିଭିନ୍ନ ନିର୍ବାଚିତ ସଂସ୍ଥାରେ ହରିଜନ ମାନଙ୍କୁ ସଂରକ୍ଷଣ ମିଳିବ। ଏଣୁ ଭାରତ ସ୍ୱାଧିନ ହେବା ପରେ ଭାରତର ସମ୍ବିଧାନରେ ଦଳିତ ଓ ଆଦିବାସୀଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଗଲା। ପରନ୍ତୁ ଭାରତରେ ଏକ ନୂଆ ଦାବି ଉଠିଲା ଯେ ପଛୁଆ ବର୍ଗଙ୍କୁ ଶିକ୍ଷିତ କରାଯାଇ ଉପରକୁ ଉଠିବାକୁ ଦିଆଯାଉ ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୫୩ ମସିହାରେ ପ୍ରଖ୍ୟାତ ସମାଜ ବିଜ୍ଞାନୀ କକା ସାହେବ କାଲେଲକରଙ୍କ ନେତୃତ୍ୱରେ ଏକ ପଛୁଆ ବର୍ଗ କମିଶନ ଗଠନ କରିଥିଲେ। କାଲେଇକର କମିଶନ ସାମାଜିକ ସଂରଚନାରେ ଗ୍ରାମୀଣ ସମାଜର ବହୁସଂଖ୍ୟକ ଲୋକଙ୍କ ବ୍ୟତୀତ ମହିଳା ମାନଙ୍କୁ ମଧ ପଛୁଆ ବୋଲି ଘୋଷିତ କରିଦେଲେ। ଏଣୁ ପଛୁଆ ବର୍ଗର ପରିଭାଷା ବ୍ୟାପକ ହୋଇଗଲା। ଏବଂ କାଲେଲକର କମିଶନଙ୍କ ରିପୋର୍ଟ ଉପରେ ନେହେରୁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ କିନ୍ତୁ ସମ୍ବିଧାନରେ ଉଲ୍ଲିଖିତ ସମାଜକୁ ଦିଆଯିବାକୁ ଥିବା ସୁବିଧା ସୁଯୋଗ ସବୁ ଦିଆଗଲା। କିନ୍ତୁ ପରବର୍ତ୍ତୀ ସମୟରେ ପଛୁଆ ବର୍ଗ (ଜାତି)ଙ୍କୁ ଭୋଟବ୍ୟାଙ୍କ ଭାବେ ପ୍ରସ୍ତୁତ କରିବାର ଉଦ୍ୟମ ହେଲା ଏବଂ ସାମାଜିକ ନ୍ୟାୟ ନାମରେ ଏହି କାର୍ଯ୍ୟର ଆରମ୍ଭ କରିଥିଲେ ସମାଜବାଦୀ ନେତା ଡ଼କ୍ଟର ରାମ ମନୋହର ଲେହିଆ। ଲୋହିଆ ଏହି ବର୍ଗଙ୍କର ତତ୍କାଳୀନ କଂଗ୍ରେସ ଶାସନ ଉପରୁ ମୋହଭଙ୍ଗ କରିବା କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଲୋହିଆଙ୍କ ଏହି ଉଦ୍ୟମ ସତ୍ତ୍ୱେ ଭାରତୀୟ ରାଜନୀତିରେ କଂଗ୍ରେସର ସ୍ଥିତି ସୁଦୃଢ଼ ଥିଲା ଏବଂ ଗ୍ରାମାଞ୍ଚଳର ଲୋକେ ଅନେକ ପରିମାଣରେ କଂଗ୍ରେସକୁ ସମର୍ଥନ ଜାରି ରଖିଥିଲେ। ସବୁ ଦଳିତ ସମାଜ ଏବଂ ସଂଖ୍ୟାଲଘୁ ମୁସଲିମ ସମାଜ କଂଗ୍ରେସକୁ ସମର୍ଥନ କରୁଥିଲେ। ୧୯୬୭ର ସାଧାରଣ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠ ହୋଇପାରିନଥିଲା। ଉତ୍ତର ଭାରତର କେତେକ ରାଜ୍ୟରେ ତତ୍କାଳୀନ ଜନସଂଘ (ବର୍ତ୍ତମାନର ବିଜେପି) ଓ ସଂଯୁକ୍ତ ସୋସାଲିଷ୍ଟ ପାର୍ଟିର ଗୁରୁତ୍ୱ ବଢ଼ିଥିଲା ଓ ଦେଶର ଅନ୍ୟ କେତେକ ରାଜ୍ୟରେ ଚକ୍ରବର୍ତ୍ତୀ ରାଜଗୋପାଳଚାରିଙ୍କ ସ୍ୱତନ୍ତ୍ର ପାର୍ଟି ଓ କମ୍ୟୁନିଷ୍ଟ ପାର୍ଟି ସେମାନଙ୍କର ସ୍ଥିତି ସୁଦୃଢ଼ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଉତ୍ତର ପ୍ରଦେଶରେ ଏମିତି ଘଟଣା ଘଟିଲା ଯେ କଂଗ୍ରେସ ଭିତରେ କମ୍ପନ ସୃଷ୍ଟି ହୋଇଥିଲା କାରଣ ପଶ୍ଚିମ ଉତ୍ତର ପ୍ରଦେଶର ଛପରୋଲି ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ବିଧାୟକ ଓ ପୁର୍ବତନ ମନ୍ତ୍ରୀ ଚୌଧୁରି ଚରଣ ସିଂହ ଶାସନ ମୁଖ୍ୟ (ମୁଖ୍ୟମନ୍ତ୍ରୀ) ହେବା ପାଇଁ ଉଦ୍ୟମ କରିଥିଲେ ଓ କଂଗ୍ରେସର ମୁଖ୍ୟମନ୍ତ୍ରୀ ଥିବା ଚନ୍ଦ୍ରଭାନୁଗୁପ୍ତାଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ। ତାଙ୍କୁ ବୁଝାଇବା ପାଇଁ କଂଗ୍ରେସ ହାଇକମାଣ୍ଡ ଉଦ୍ୟମ କରିଥିଲେ କିନ୍ତୁ ଚରଣ ସିଂହ ୧୪ ବିଧାୟକଙ୍କ ସହ କଂଗ୍ରେସ ଦଳ ଛାଡିଥିଲେ। ସେତେବେଳେ ଉତ୍ତର ପ୍ରଦେଶ ବିଧାନ ସଭାର ସବୁ ବିରୋଧି ଦଳ ମାନେ ତାଙ୍କୁ ନେତା ବୋଲି ଘୋଷଣା କରିଥିଲେ ଓ ଚରଣ ସିଂହ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଚରଣ ସିଂହଙ୍କ ବିଦ୍ରୋହକୁ ଏକ ଭିନ୍ନ ରୂପ ଦିଆଗଲା ଓ ଏହାକୁ ପଛୁଆ ଜାତି ତାଙ୍କ ଦାବି ହାସଲ କରିଛନ୍ତି ବୋଲି ପ୍ରଚାର କରାଗଲା। ଚରଣ ସିଂହଙ୍କୁ ଅନୁକରଣ କରି ଅନ୍ୟ କେତେକ ରାଜ୍ୟରେ କଂଗ୍ରେସ ବିଧାୟକ ମାନେ ବିଦ୍ରୋହ ଆରମ୍ଭ କରିଥିଲେ। ଚରଣସିଂହ କିନ୍ତୁ ଜାତିବାଦର ବିରୋଧି ଥିଲେ ଓ ସେ ନିଜେ ଆର୍ଯ୍ୟ ସମାଜି ଥିଲେ। ଚୌଧୁରୀ ଚରଣ ସିଂହ ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳର ଜାତି ମାନଙ୍କୁ ଏକତ୍ରୀତ କରିବା ଆରମ୍ଭ କଲେ ଫଳତଃ ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ବର୍ଗ ତାଙ୍କ ପ୍ରତି ଆକର୍ଷିତ ହେଲେ। କିନ୍ତୁ ଏହା ସତ୍ତ୍ୱେ ଭାରତର ରାଜନୀତି ରେ ଏଭଳି ପରିବର୍ତ୍ତନ ହେଲା ଯାହା ପୁରା ଦେଶର ଛବି/ଦିଶା ବଦଳାଇ ଦେଇଥିଲା। ୧୯୭୧ ଲୋକସଭା ନିର୍ବାଚନରେ କଂଗ୍ରେସ (ଇନ୍ଦିରା ଗାନ୍ଧୀ)କୁ ପ୍ରଚଣ୍ଡ ସଂଖ୍ୟାରେ ଏ ଦେଶର ଜନତା ଜିତାଇଥିଲେ। ସେତେବେଳେ ସବୁ ବିରୋଧିଦଳ ଏକଜୁଟ ହୋଇମଧ କଂଗ୍ରେସକୁ ହରାଇ ପାରିନଥିଲେ। ଏଥି ପୁର୍ବରୁ ୧୯୬୯ରେ କଂଗ୍ରେସ ବିଭାଜିତ ହୋଇଥିଲା ଓ କଂଗ୍ରେସର ନେତୃତ୍ୱ ନେଇଥିଲେ ଇନ୍ଦିରାଗାନ୍ଧୀ। ଏହା ପରେ ଜରୁରୀକାଳୀନ ପରିସ୍ଥିତି ପରେ କଂଗ୍ରେସର ପରାଜୟ ଓ ମୋରାରଜୀ ଦେଶାଇଙ୍କ ସରକାର, ଚୌଧୁୀଚରଣ ସିଂହଙ୍କ ସରକାର ପରେ ପୁଣି ଇନ୍ଦିରାଗାନ୍ଧୀ, ରାଜୀବଗାନ୍ଧୀ, ଭିପି ସିଂହ, ଚନ୍ଦ୍ର ଶେଖର, ପିଭି ନରସିଂହରାଓ, ଅଟଳ ବିହାରୀ ବାଜପେୟୀ, ଦେବେଗୌଡ଼ା, ମନମୋହନ ସିଂହ ଓ ଏବେ ନରେନ୍ଦ୍ର ମୋଦୀଙ୍କ ଶାସନ ଚାଲିଛି। କିନ୍ତୁ ଜାତିଆଣ ଭୋଟ ବ୍ୟାଙ୍କ ପ୍ରକ୍ରିୟା ବଢ଼ିଚାଲିଛି। ଇଂରେଜ ମନେ ସେତେବେଳେ ଜାତି ଜାତି ଭିତରେ ବିଭାଜନ କରିବାକୁ ଚାହୁଁଥିଲେ କିନ୍ତୁ ଏବେ ନେତା ଚାହୁଁଛନ୍ତି ଜାତି ଆଧାରରେ ଭୋଟ। ଜାତିକୁ ନେଇ ରାଜନୀତି ଏବେ ଅସମ୍ଭାଳ ଅବସ୍ଥାରେ ପହଞ୍ଚିଲାଣି। ଗାନ୍ଧୀଙ୍କ କଥା ଜନତା ଭୁଲିଗଲେଣି। ଦେଖାଯାଉ ଏଭଳି କେତେ ଦିନ ଚାଲିବ? ଜାତିଗତ ବିଭେଦ ଓ ଜାତିଆଣ ଭୋଟବ୍ୟାଙ୍କ ବ୍ୟବସ୍ଥା କେବେ ବିଲୋପ ହେବ?

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଯୁଦ୍ଧ ଚକ୍ରବ୍ୟୂହରେ ମଧ୍ୟପ୍ରାଚ୍ୟ

# ଇରାନ୍‌ର ୯୦ ଟାର୍ଗେଟ୍ ଉପରେ ପ୍ରଚଣ୍ଡ ପ୍ରହାର



## ଦୁଇଦିନରେ ୧୪ ମୃତ, ୭୮ରୁ ଊର୍ଦ୍ଧ୍ୱ ଆହତ

- ଆମେରିକାର ସାମରିକ ଘାଟି ଓ ରଣନୈତିକ କେନ୍ଦ୍ର ଉପରେ ଆକ୍ରମଣ
- କତାର, କୁଏତରେ ଘନଘନ ଏୟାର ରେଡ୍ ସାଇରନ୍
- କଡ଼ା ଚାପୁଡ଼ା ଖାଇବ ଆମେରିକା: ଇରାନ



ତେହେରାନ/ୱାଶିଂଟନ,୯।୭: ଆମେରିକା ଗୁରୁବାର ଇରାନ ଉପରେ ପୁଣି ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ ମଧ୍ୟ ଆମେରିକାର ମଧ୍ୟପ୍ରାଚ୍ୟ ସାମରିକ ଘାଟିଗୁଡ଼ିକ ଉପରେ ଜବାବୀ ହମ୍‌ଲା ଜାରି ରଖିଛି। ଦୁଇଦେଶ ଗୁରୁବାର ରାତିରେ ପରସ୍ପର ଉପରେ ପ୍ରହାର ପ୍ରତିପ୍ରହାର ଜାରି ରଖିଥିବା ପ୍ରସିଦ୍ଧ ସମ୍ବାଦପତ୍ର 'ଦ ନ୍ୟୁୟର୍କ ଟାଇମ୍ସ' ତା'ର ରିପୋର୍ଟରେ ପ୍ରକାଶ କରିଛି। ଫଳରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହେବାକୁ ଥିବା ଦୁର୍ବଳ ଶାନ୍ତିଚୁକ୍ତି ପୂର୍ଣ୍ଣ ରୂପରେ ନଷ୍ଟ ହୋଇଯାଇଛି। ଏଥିସହ ସମଗ୍ର ମଧ୍ୟପ୍ରାଚ୍ୟ ଯୁଦ୍ଧର ଚକ୍ରବ୍ୟୂହ ଭିତରକୁ ଠେଲି ହୋଇଯାଇଛି।

ସାରା ରାତି ଆମେରିକା ଇରାନର ୯୦ଟି ଟାର୍ଗେଟ୍ ଉପରେ ଆକ୍ରମଣ କରିଥିବା ଆମେରିକା ସେନାବାହିନୀ ସୂଚନା ଦେଇଛି। ସେହିଭଳି ଇରାନ୍ କହିଛି ଯେ, ଏହା ମଧ୍ୟ କତାର, କୁଓ୍ୱେତ୍ ଓ ବାହାରିନ ଆଦି ସ୍ଥାନରେ ଥିବା ଆମେରିକାର ସାମରିକ ଘାଟି ଓ ରଣନୈତିକ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିଛି। ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଆମେରିକାର ଅନ୍ୟାନ୍ୟ ସାମରିକ ଘାଟିଗୁଡ଼ିକ ଉପରେ ଖୁବ୍ ଶୀଘ୍ର ଆକ୍ରମଣ କରାଯିବ ବୋଲି ଇରାନର ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ୍ ଚେତାବନୀ ଦେଇଛି।

ଗତ ଦୁଇଦିନ ମଧ୍ୟରେ ଆମେରିକାର ଆକ୍ରମଣରେ ଅତିକମ୍‌ରେ ୧୪ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୭୮ରୁ ଅଧିକ ଲୋକ ଆହତ ହୋଇଛନ୍ତି ବୋଲି ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗୁରୁବାର କହିଛି। ଆମେରିକା ଜୁଲାଇ ୮ ଓ ୯ ତାରିଖରେ ଇରାନର ୫ଟି ପ୍ରଦେଶ ଉପରେ ଆକ୍ରମଣ କରିଛି ଓ ଏହି ଆକ୍ରମଣରେ ୧୪ ଜଣ ନିହତ ଓ ୭୮ ଜଣ ଆହତ ହୋଇଥିବା ଇରାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଲୋକସମ୍ପର୍କ ଓ ସୂଚନାକେନ୍ଦ୍ର ମୁଖ୍ୟ ହୁସେନ୍ କେରମାନପାଓ୍ୱାର ଆମେରିକୀୟ ସୋସିଆଲ ମିଡ଼ିଆ କମ୍ପାନୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଆହତଙ୍କ ମଧ୍ୟରୁ ୪୭ ଜଣଙ୍କର ଅବସ୍ଥା ଗୁରୁତର ଥିବା ଇରାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରକୁ ଉଦ୍ଧାର କରି ସମ୍ବାଦ ସଂସ୍ଥା ରଏଟର ପ୍ରକାଶ କରିଛି।

ଆମେରିକା ଏବେ କେବଳ ତେହରାନ ଓ ମଶହାଦର ଉତ୍ତର-ପୂର୍ବ ସହରକୁ ସଂଯୋଗ କରୁଥିବା ରେଳପଥ ଉପରେ ଆକ୍ରମଣ କରୁଥିବା ଇରାନର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଇରାନର ନିହତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କୁ ଗୁରୁବାର ଦିନ ମସହାଦରେ କବର ଦିଆଯିବା। ଖାମେନୀଙ୍କ ଅନ୍ତ୍ୟେଷ୍ଟି ସମାରୋହକୁ ଭଣ୍ଡୁର କରିବା ଲାଗି ଆମେରିକାର ଏହା ଘୃଣ୍ୟ ଯୋଜନା ବୋଲି ଇରାନ ସମାଲୋଚନା କରିଛି। ତେବେ ଇରାନର ଏ ମନ୍ତବ୍ୟ ଉପରେ ଆମେରିକା କୌଣସି ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିନାହିଁ। ଏହି ପରିପ୍ରେକ୍ଷୀରେ ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖପାତ୍ର ଇବ୍ରାହିମ୍ ରେଜାଇ ଆମେରିକାକୁ ସର୍ତକ କରାଇଦେଇ କହିଛନ୍ତି ଯେ, ଇରାନର ସର୍ବୋଚ୍ଚ ନେତା ଇରାନବାସୀଙ୍କୁ ଆମେରିକାକୁ ଭୟ ନ କରିବାକୁ ଶିଖାଇଛନ୍ତି। ତେଣୁ ଇରାନବାସୀଙ୍କଠାରୁ କଡ଼ା ଚାପୁଡ଼ା ଖାଇବାକୁ ଆମେରିକା ଅପେକ୍ଷାକରୁ ବୋଲି ସେ ତାଙ୍କର 'ଏକ୍ସ' ପୋଷ୍ଟରେ ଚେତାଇ ଦେଇଛନ୍ତି।

ଇରାନ୍‌ର ପରମାଣୁ ପ୍ଲାଣ୍ଟର ପରିସୀମାକୁ ଟାର୍ଗେଟ୍ କରି ଆମେରିକା ଆକ୍ରମଣ କରିଛି ବୋଲି ଇରାନର ଜଣେ ଅଧିକାରୀ କହିଛନ୍ତି। ଅପରପକ୍ଷରେ ମାନାମାର ରାଜଧାନୀ ବାହାରିନରେ ଗୁରୁବାର ସକାଳେ ଘନଘନ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ଆମେରିକା ଆକ୍ରମଣର ପ୍ରତିଜବାବରେ କତାର, କୁଏତ ସହିତ ଉପସାଗରୀୟ ରାଜ୍ୟଗୁଡ଼ିକରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିବ ବୋଲି ଇରାନ ଘୋଷଣା କରିବା ପରେ ତୃତୀୟ ଥର ପାଇଁ ଆଜି ଏୟାର ରେଡ୍ (ବିମାନ ଆକ୍ରମଣ) ସାଇରନ ବାଜିଛି।

## ମଧ୍ୟପ୍ରାଚ୍ୟକୁ ନେଇ ମୋଦିଙ୍କ ଚିନ୍ତା



ମେଲବୋର୍ଣ୍ଣ,୯।୭: ଅଷ୍ଟ୍ରେଲିଆରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ ଓ ଆମେରିକା ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଯେକୌଣସି ବିବାଦର ସମାଧାନ କେବଳ ଶାନ୍ତିପୂର୍ଣ୍ଣ ଭାବରେ ହୋଇପାରିବ। ଯୁଦ୍ଧର ସମାଧାନ ଆଲୋଚନା ଏବଂ କୂଟନୀତିରେ ଦ୍ୱାରା ସମ୍ଭବ ବୋଲି ମୋଦି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜଙ୍କ ସହ ବାର୍ତ୍ତାଳାପ ବେଳେ ଉଭୟ ଇରାନ ଓ ଆମେରିକାକୁ ବାର୍ତ୍ତା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଭଙ୍ଗ ହୋଇଥିବା ଅସ୍ତ୍ରବିରତି ଏବଂ ଚାଲିଥିବା ଆକ୍ରମଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସମସ୍ତ ପକ୍ଷଙ୍କୁ ଉତ୍ତେଜନା ହ୍ରାସ କରିବା, ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶକ୍ତି ଯୋଗାଣ ତଥା ବାଣିଜ୍ୟ ବଜାୟ ରଖିବା ପାଇଁ ମୋଦି ନିବେଦନ କରିଛନ୍ତି।

## ଖାମେନୀଙ୍କ ଅନ୍ତ୍ୟେଷ୍ଟି ଭଣ୍ଡୁର ଆମେରିକାର ଉଦ୍ଦେଶ୍ୟ

ତେହେରାନ: ଆମେରିକା ଏବେ କେବଳ ତେହରାନ ଓ ମଶହାଦର ଉତ୍ତର-ପୂର୍ବ ସହରକୁ ସଂଯୋଗ କରୁଥିବା ରେଳପଥ ଉପରେ ଆକ୍ରମଣ କରୁଥିବା ଇରାନର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଆମେରିକା ମଶାଦ ସହରରେ ଦୁଇଟି ସେତୁ ଉଡ଼ାଇ ଦେଇଛି। ଏହା ଇରାନ ପାଇଁ ଏକ ବଡ଼ ଆଘାତ। ମଶହାଦ ହେଉଛି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖେମିନିଙ୍କ ଜନ୍ମସ୍ଥାନ। ଇରାନର ନିହତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନୀଙ୍କୁ ଗୁରୁବାର ଦିନ ମସହାଦରେ କବର ଦିଆଯିବାକୁ ଯୋଜନା ହୋଇଛି। ତେବେ ତାଙ୍କ ଶବଯାତ୍ରା ସେଠାରେ ପହଞ୍ଚିବା ପୂର୍ବରୁ ଆମେରିକା ମସହାଦ ଉପରେ ଆକ୍ରମଣ ଆରମ୍ଭ କରିଦେଇଛି। ଖାମେନୀଙ୍କ ଅନ୍ତ୍ୟେଷ୍ଟି ସମାରୋହକୁ ଭଣ୍ଡୁର କରିବା ଲାଗି ଆମେରିକାର ଏହା ଘୃଣ୍ୟ ଯୋଜନା ବୋଲି ଇରାନ ସମାଲୋଚନା କରିଛି। ତେବେ ଇରାନର ଏ ମନ୍ତବ୍ୟ ଉପରେ ଆମେରିକା କୌଣସି ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିନାହିଁ।



## ସଡ଼କ ଦୁର୍ଘଟଣାରେ ଚାଲିଗଲା ୭ ଜୀବନ



ବେଙ୍ଗାଲୁରୁ,୯।୭: କର୍ଣ୍ଣାଟକର ଉତ୍ତର କନ୍ନଡ଼ ଜିଲ୍ଲାରେ ଏକ ଦ୍ରୁତଗାମୀ ଟ୍ରକ୍ ଓ କ୍ରୁଜର ଗାଡ଼ି ମଧ୍ୟରେ ସାଂଘାତିକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ହିଁ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣାଟି ଉତ୍ତର କନ୍ନଡ଼ ଜିଲ୍ଲା ୟେଲ୍ଲାପୁରା ତାଲୁକାର ଅରାବଲ୍ ଘାଟି ନିକଟରେ ଘଟିଛି। ଏକ କ୍ରୁଜର ଗାଡ଼ିରେ ମୋଟ ୯ ଜଣ ଯାତ୍ରୀ ଧାରଓ୍ୱାଡ଼୍‌ରୁ ଅଙ୍କୋଲା ଅଭିମୁଖେ ଯାଉଥିଲେ। ସେମାନେ ବୁଧବାର ବିଳମ୍ବିତ ରାତିରେ ଧର୍ମସ୍ଥଳ ଏବଂ ଚିକମଗାଲୁର ଭ୍ରମଣ ପାଇଁ ବାହାରିଥିଲେ।

## ୩ ରାମମନ୍ଦିର ଟ୍ରଷ୍ଟିଙ୍କ ଆଇଡି ବନ୍ଦ

ନୂଆଦିଲ୍ଲୀ,୯।୭: ଚମ୍ପତ ରାୟ ,ଗୋପାଳ ରାୟ ଓ ଅନିଲ ମିଶ୍ରାଙ୍କ ଭିଆଇପି ଦର୍ଶନ ଜାରି କରୁଥିବା ଆଇଡି ବନ୍ଦ କରି ଦିଆ ଯାଇଛି। ଏବେ ତାଙ୍କର ଆଇଡିରୁ କୌଣସି ପାସ୍ ଦେଇ ପାରିବେ ନାହିଁ। ସୁଗମ ଦର୍ଶନ ପାସ୍ ଓ ବିଶିଷ୍ଟ ଦର୍ଶନ ପାସ ଦୁଇ ପ୍ରକାରର ପାସ୍ ଜାରି କରାଯାଏ। ଏଥି ପାଇଁ ସବୁ ଟ୍ରଷ୍ଟିଙ୍କ ନାମରେ ଆଇଡି ସିଷ୍ଟମରେ ଜେନେରେଟ୍ କରାଯାଇଛି। ଚମ୍ପତ ରାୟ ଦୀର୍ଘ ଦିନରୁ ରାମ ମନ୍ଦିର ଟ୍ରଷ୍ଟ ସହ ସଂପୃକ୍ତି ଥିଲେ। ସେ ସମ୍ପ୍ରତି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଚମ୍ପତ ରାୟଙ୍କ କାର୍ଯ୍ୟର ଦାୟିତ୍ୱ କୃଷ୍ଣା ମୋହନଙ୍କୁ ପ୍ରଦାନ କରାଯାଇଛି।

## ଋଷ୍ ତୈଳ ଡିପୋରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ



କିଭ୍,୯।୭: ୟୁକ୍ରେନ ପକ୍ଷରୁ ଋଷର ଇନ୍ଧନ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରହିଛି। ୟୁକ୍ରେନର ଡ୍ରୋନ୍ ଋଷର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ସହ ଆଜୋଭ ସାଗରରେ ଦୁଇଟି ତୈଳ ଟ୍ୟାଙ୍କରକୁ ଟାର୍ଗେଟ କରିଛି। ତୈଳ ଟ୍ୟାଙ୍କରଗୁଡିକରେ ନିଆଁ ଲାଗି ଯାଇଛି। ଋଷ ଏବଂ ୟୁକ୍ରେନ ମଧ୍ୟରେ ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଛି। ବୁଧବାର ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଲାଇସେନ୍ସ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ଆକ୍ରମଣ ହୋଇଛି। ତୁର୍କିରେ ନାଟୋ ଶିଖର ସମ୍ମିଳନୀ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ବୈଠକ ସମୟରେ ସେ ଏହି ଘୋଷଣା କରିଥିଲେ।

## ୫୭% ସାମଗ୍ରୀ ଶୁଳ୍କମୁକ୍ତ ଘୋଷଣା କଲା ନ୍ୟୁଜିଲାଣ୍ଡ



ୱେଲିଂଟନ,୯।୭: ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ, ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଖବର ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଭାରତ ସହିତ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ନ୍ୟୁଜିଲାଣ୍ଡରୁ ଭାରତକୁ ପଠାଯାଉଥିବା ୫୭% ସାମଗ୍ରୀ ପ୍ରଥମ ଦିନରୁ ଶୁଳ୍କମୁକ୍ତ ହେବ। ଏହାକୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୦ ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡକୁ ଦୁଇ ଦିନିଆ ଗସ୍ତ ପୂର୍ବରୁ ଏହି ଘୋଷଣା କରାଯାଇଛି। ପ୍ରାୟ ଚାରି ଦଶନ୍ଧି ମଧ୍ୟରେ ଏହି ଯାତ୍ରା ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ଗସ୍ତ ହେବ। ଅକଲାଣ୍ଡରେ ରହଣି ସମୟରେ ମୋଦୀ ତାଙ୍କର ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଲକ୍ସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା କରିବେ।

### ରାମମନ୍ଦିର ଦାନ ଚୋରି ମାମଲା

## ଅବିନାଶ ଶୁକ୍ଳା ମୁଖ୍ୟ ଅଭିଯୁକ୍ତ ଚିହ୍ନଟ



ଅଯୋଧ୍ୟା,୯।୭: ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତଙ୍କ ଦାନ ଚୋରି ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହାର ପ୍ରାଥମିକ ରିପୋର୍ଟରେ ଅବିନାଶ ଶୁକ୍ଳାଙ୍କୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଚିହ୍ନଟ କରିଛି। ରିପୋର୍ଟ ଅନୁସାରେ, ପ୍ରାୟ ୪୦ ଦିନ ଧରି ସଂଗଠିତ ଭାବେ ଦାନ ବାକ୍ସରୁ ଟଙ୍କା ଚୋରି କରାଯାଇଥିଲା ଏବଂ ଏଥିରେ ମୋଟ ୬ ଜଣଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଛି। ଏସ୍‌ଆଇଟିର ତିନିଜଣିଆ ଦଳ ପ୍ରସ୍ତୁତ କରିଥିବା ଏହି ପ୍ରାଥମିକ ରିପୋର୍ଟକୁ ସୋମବାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି ଯେ, ଅବିନାଶ ଶୁକ୍ଳା ଦାନ ଗଣନା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅନ୍ୟ କେତେକ ସହଯୋଗୀଙ୍କ ସହ ମିଶି ଯୋଜନାବଦ୍ଧ ଭାବେ ନଗଦ ଟଙ୍କା ଚୋରି କରୁଥିଲେ।

ତଦନ୍ତକାରୀ ଦଳ ସିସିଟିଭି ଫୁଟେଜ୍, ନଗଦ ଗଣନା ସମୟର ରେକର୍ଡ ଓ ଅନ୍ୟାନ୍ୟ ପ୍ରମାଣର ଯାଞ୍ଚ କରିଛି। ସିସିଟିଭି ଫୁଟେଜ୍‌ରେ ବାରମ୍ବାର ଅବିନାଶ ଶୁକ୍ଳା ନଗଦ ଟଙ୍କାର ବଣ୍ଡଲ ଲୁଚାଇ ନେଉଥିବା ଦୃଶ୍ୟ ରେକର୍ଡ ହୋଇଥିବାରୁ ତାଙ୍କ ବିରୋଧରେ ଦୃଢ଼ ପ୍ରମାଣ ମିଳିଥିବା ଏସ୍‌ଆଇଟି କହିଛି। ଏହି ସମୟରେ ପ୍ରାୟ ୭୦ଟି ସନ୍ଦେହଜନକ ଘଟଣା ଚିହ୍ନଟ କରାଯାଇଛି।

ମୁହଁ ଖୋଲିଲେ ବିପଦ!

## ଚୀନ ଅର୍ଥଶାସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ



ବେଜିଂ,୯।୭: ଚୀନର ଅର୍ଥନୀତି ଓ କ୍ୟାପିଟାଲ ମାର୍କେଟ ଉପରେ ନିଜର ସ୍ପଷ୍ଟ ଏବଂ ନିର୍ଭୀକ ମତାମତ ରଖୁଥିବା ଚୀନର ଅର୍ଥଶାସ୍ତ୍ରୀ ଗାଓ ଶାନୱେନଙ୍କର ୫୫ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଚୀନର ସରକାରୀ ଗଣମାଧ୍ୟମ ତାଙ୍କ ମୃତ୍ୟୁର କାରଣ 'ଅସୁସ୍ଥତା' ବୋଲି ଦର୍ଶାଇଛି। ଗାଓ ଶାନୱେନ କହିଥିଲେ ଯେ ୨୦୨୧ରୁ ୨୦୨୩ ମଧ୍ୟରେ ଚୀନର ଜିଡିପି ଅଭିବୃଦ୍ଧିକୁ ପ୍ରକୃତ ତଥ୍ୟ ଅପେକ୍ଷା ୧୦ ପ୍ରତିଶତ ଅଧିକ ବଢ଼ାଇ ଦେଖାଯାଇଛି। ଗାଓ ଶାନୱେନ ଚୀନର ଜିଡିପି ତଥ୍ୟ ଉପରେ ପ୍ରଶ୍ନ ଉଠାଉଥିଲେ।

ଚାଇନିଜ୍ ରିପୋର୍ଟରେ ତାଙ୍କ ମୃତ୍ୟୁର ସଠିକ୍ ସମୟ ବିଷୟରେ କିଛି କୁହାଯାଇନାହିଁ। କିନ୍ତୁ ତାଙ୍କୁ ଚୀନର କ୍ୟାପିଟାଲ ମାର୍କେଟରେ ସବୁଠାରୁ ପ୍ରଭାବଶାଳୀ ମ୍ୟାକ୍ରୋ-ଇକୋନୋମିଷ୍ଟମାନଙ୍କ ମଧ୍ୟରୁ ଜଣେ ବୋଲି ଦର୍ଶାଯାଇଛି।

ସିକ୍ୟୁରିଟିଜ୍ ଆସୋସିଏସନ ଅଫ୍ ଚାଇନା ମୁଖ୍ୟ ଅର୍ଥଶାସ୍ତ୍ରୀମାନଙ୍କୁ "ସରକାରଙ୍କ ନୀତିର ସକରାତ୍ମକ ପ୍ରଚାର" କରିବାକୁ ଏବଂ ଅରୁଚିକର ମନ୍ତବ୍ୟରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲା। ନଭେମ୍ବର ୨୦୨୫ରେ ଗାଓଙ୍କୁ ଚାକିରିରୁ ବାହାର କରିଦିଆଯାଇଥିଲା। ତାଙ୍କର ହଂକଂ ଇନଭେଷ୍ଟମେଣ୍ଟ ଆଡଭାଇଜର ଲାଇସେନ୍ସ ମଧ୍ୟ ରଦ୍ଦ ହୋଇଯାଇଥିଲା।

## ପାତାଳଗଙ୍ଗାରେ ଭାସିଗଲା ୩ ହଜାର ଗ୍ୟାସ୍ ସିଲିଣ୍ଡର



ମୁମ୍ବାଇ,୯।୭: ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ଲଗାତାର ମୌସୁମି ବର୍ଷା ଯୋଗୁଁ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇ ବିପଦ ସ୍ତର ଉପରେ ପ୍ରବାହିତ ହେଉଛି। ଅନେକ ଅଞ୍ଚଳ ଜଳବନ୍ଦୀ ରହିଛି। ଏହି ସମୟରେ, ପେନ୍ ଏବଂ ଖାଲାପୁର ଅଞ୍ଚଳରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପ୍ରବଳ ଜଳ ସ୍ରୋତରେ ପାତାଳଗଙ୍ଗା ନଦୀରେ ଶହ ଶହ ଏଲପିଜି ଗ୍ୟାସ୍ ସିଲିଣ୍ଡର ଭାସୁଥିବାର ଦେଖାଯାଇଛି।

ଏହି ସିଲିଣ୍ଡରଗୁଡ଼ିକ ଧରମତର ଉପକୂଳ ଆଡକୁ ଭାସି ଯାଉଥିବାର ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଲୋକମାନେ ନଦୀରୁ ଗ୍ୟାସ୍ ସିଲିଣ୍ଡର ବାହାର କରୁଥିବାର ମଧ୍ୟ ଦେଖାଯାଉଛି। ଏହି ସମୟରେ, ପ୍ରଶାସନ ଜନସାଧାରଣଙ୍କୁ ନିବେଦନ କରିଛି ଯେ ଯଦି ସେମାନେ ନଦୀରେ କୌଣସି ଗ୍ୟାସ୍ ସିଲିଣ୍ଡର ଦେଖନ୍ତି ତେବେ ପ୍ରଶାସନକୁ ସୂଚନା ଦିଅନ୍ତୁ। ନେଇଥିବା ସିଲିଣ୍ଡରକୁ ଫେରସ୍ତ କରିବାକୁ ମଧ୍ୟ କୁହାଯାଇଛି।

ରିପୋର୍ଟ ଅନୁସାରେ, ଖଲାପୁରରେ ଥିବା ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ଏଚପିସିଏଲ) ର ଏଲପିଜି ବଟଲିଂ ପ୍ଲାଣ୍ଟରୁ ପ୍ରାୟ ୩,୦୦୦ ଗ୍ୟାସ୍ ସିଲିଣ୍ଡର ବନ୍ୟା ପାଣିରେ ଭାସି ଯାଇଛି। ଏହି ସିଲିଣ୍ଡରଗୁଡ଼ିକ ମଧ୍ୟରୁ କିଛି ପୂର୍ଣ୍ଣ ଥିବା ବେଳେ ଅନ୍ୟଗୁଡ଼ିକ ଖାଲି ଥିବା ଜଣାପଡ଼ିଛି।

## ଟିଏମସି ଆକାଉଣ୍ଟରୁ ଟଙ୍କା ଉଠାଇପାରିବେ ମମତା



ହାଇକୋର୍ଟରୁ ମିଳିଲା ବଡ଼ ଆଶ୍ୱସ୍ତି

କୋଲକାତା,୯।୭: ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ କୋଲକାତା ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଦୈନନ୍ଦିନ ଖର୍ଚ୍ଚ ପୂରଣ କରିବା ପାଇଁ କୋର୍ଟ ଟିଏମସିକୁ ଏହାର ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବାକୁ ଅନୁମତି ଦେଇଛନ୍ତି। ଏହି ଆକାଉଣ୍ଟଗୁଡ଼ିକୁ ସମ୍ପ୍ରତି ଫ୍ରିଜ୍ କରାଯାଇଥିଲା। ମମତାଙ୍କ ନେତୃତ୍ୱାଧୀନ ଦଳକୁ ଏହି ଅନୁମତି ସହିତ ଏକ ସର୍ତ୍ତ ପାଳନ କରିବାକୁ ପଡିବ। ଏହାକୁ କୋର୍ଟ ଦ୍ୱାରା ନିଯୁକ୍ତ ଅଧିକାରୀଙ୍କ କଡ଼ା ତଦାରଖରେ ଆକାଉଣ୍ଟଗୁଡ଼ିକ ପରିଚାଳନା କରିବାକୁ ପଡିବ।

କୋର୍ଟ ପୋଲିସକୁ କହିଛନ୍ତି ଯେ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିବା ପାଇଁ ଆଦେଶକୁ ଯଥାର୍ଥ କରିବା ପାଇଁ ଉପସ୍ଥାପିତ ପ୍ରମାଣରେ ଏହା ସନ୍ତୁଷ୍ଟ ନୁହେଁ। ଉଲ୍ଲେଖ କରିଛି ଯେ ପୋଲିସ କୌଣସି ପ୍ରମାଣ ଉନ୍ମୋଚନ କରିବାରେ ବିଫଳ ହୋଇଛି। କୋର୍ଟ ଆହୁରି ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଟିଏମସିର ବିଦ୍ରୋହୀ ଗୋଷ୍ଠୀ ସ୍ୱତନ୍ତ୍ର ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ନାହିଁ।

ଟିଏମସି ଜଡିତ ଏକ କଥିତ ପାଣ୍ଠି-ସମ୍ବନ୍ଧୀୟ ମାମଲା ସମ୍ପର୍କରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରାୟ ୪୪୦ କୋଟି ଜମା ଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ତଦନ୍ତ ଆରମ୍ଭ କରିଛି। ଏକ ଘରୋଇ ବିମାନ ଚଳାଚଳ କମ୍ପାନୀର କାର୍ଯ୍ୟାଳୟ ସମେତ ଅନେକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ମାମଲା ବିଧାନସଭା ନିର୍ବାଚନ ପରେ ପ୍ରକାଶ ପାଇଥିବା ବିବାଦୀୟ ଆକାଉଣ୍ଟ ସହିତ ଜଡିତ ଏବଂ ଯାହା ଉପରେ ପୂର୍ବରୁ ଡେବିଟ୍ ଫ୍ରିଜ୍ ଲାଗୁ କରାଯାଇଥିଲା।

## ମା'କୁ ହତ୍ୟା କରିବାକୁ ଝିଅ ଦେଲା ୭ ଲକ୍ଷ ସୁପାରୀ

ଜୟପୁର,୯।୭: ରାଜସ୍ଥାନ ରାଜଧାନୀ ଜୟପୁରରୁ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଘରର ସମ୍ପତ୍ତି ହାସଲ କରିବାକୁ ତଥା ସରକାରୀ ଚାକିରିକୁ ସୁରକ୍ଷିତ ରଖିବା ଲାଗି ନିଜ ମା' କୁ ହତ୍ୟା କରିବାକୁ ୭ ଲକ୍ଷର ସୁପାରୀ ଦେଇଥିବା ଝିଅ ଆୟୁଷୀ ଶର୍ମାର କଳା କାରନାମାର ପର୍ଦ୍ଦାଫାଶ ହୋଇଛି। କେବଳ ମା' ନୁହେଁ, ସାନ ଭାଇକୁ ଜିଅନ୍ତା ଜାଳି ମାରିଦେବାକୁ ସାଂଘାତିକ ଯୋଜନା କରିଥିଲା ଆୟୁଷୀ। କିଛି ଦିନ ପୂର୍ବରୁ ସେମାନଙ୍କୁ ଜୀଅନ୍ତା ଜାଳିଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳତା ମିଳିନଥିଲା। ଶେଷରେ ମା' ନୀରଜ ଶର୍ମାଙ୍କୁ ଏକ ସ୍କର୍ପିଓ ଗାଡ଼ିରେ ଧକ୍କା ଦେଇ ହତ୍ୟା କରାଯାଇଛି। ମା' ନୀରଜ ଶର୍ମାଙ୍କୁ ଯେକୌଣସି ପରିସ୍ଥିତିରେ ବି ହତ୍ୟା କରିବା ପାଇଁ ଆୟୁଷୀ ଶର୍ମା ସୁପାରୀ କିଲରମାନଙ୍କୁ କହିଥିଲା। ପ୍ରାୟ ମାସେ ପୂର୍ବରୁ ଥାର୍ ଗାଡ଼ି ଚଢ଼ାଇ ମାରିବାକୁ ଚେଷ୍ଟା କରାଯାଇଥିଲା ହେଲେ ତାହା ବିଫଳ ହୋଇଥିଲା। ଏହାପରେ ଜୁନ୍ ୨୭ ରେ ମା' ଏବଂ ଭାଇକୁ ଜୀଅନ୍ତା ଜାଳିଦେବାକୁ ପ୍ଲାନ୍ ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ ଆୟୁଷୀ ନିଜେ ଘରୁ ବାହାରି ଚାଲିଯାଇଥିଲା। ଏହାପରେ ଅଭିଯୁକ୍ତ ଆକାଶ ଆୟୁଷୀଙ୍କ ଘର ଭିତରକୁ ନିଆଁ ଜଳୁଥିବା ଜିନିଷ ଫିଙ୍ଗିଥିଲା, ଯେପରି ନିଆଁ ଲାଗି ମା'ଓ ଭାଇ ଜୀଅନ୍ତା ଜଳି



ମରିଯିବେ। ସିସିଟିଭି ଫୁଟେଜ୍ ଅନୁସାରେ, ଜୁନ୍ ୨୭ ଦ୍ୱିପହର ପ୍ରାୟ ୧ଟା ସମୟରେ ଅଭିଯୁକ୍ତ ଆକାଶ ପ୍ରଥମେ ଆୟୁଷୀଙ୍କ ଘର ବାହାରୁ ଏକ ନଡ଼ିଆ ଫିଙ୍ଗିଥିଲା। ସେହି ନଡ଼ିଆରେ କପଡ଼ା ଏବଂ ନାଲି ସୂତା ଗୁଡ଼ା ହୋଇଥିଲା। ଏହାପରେ ଜଳନ୍ତା କପଡ଼ାର ଗୁଳା ଘର ଭିତରକୁ ଫିଙ୍ଗାଯାଇଥିଲା। ତେବେ ସେହି ଜଳନ୍ତା କପଡ଼ା ଗୁଡ଼ିକ ଘରର ପାହାଚ ଉପରେ ପଡ଼ିଥିଲା। ଘରେ ଥିବା ଆୟୁଷୀଙ୍କ ଭାଇ ସେହି ଜଳନ୍ତା କପଡ଼ାର ମୋବାଇଲ୍ ଭିଡିଓ ରେକର୍ଡିଂ କରିନେଇଥିଲେ, ଯାହାକୁ ଏବେ ପୁଲିସ ଜବତ କରିଛି।

ଦୁଇ ଦୁଇ ଥର ହତ୍ୟା ଉଦ୍ୟମ ବିଫଳ ହେବା ପରେ, ତୃତୀୟ ପ୍ରୟାସରେ ମା' ଙ୍କୁ ହତ୍ୟା କରାଯାଇଥିଲା। ୪ ଜୁଲାଇ ସନ୍ଧ୍ୟାରେ ମା' ନୀରଜ ଶର୍ମା ଯେତେବେଳେ ନିଜ ପୁଅକୁ ଟ୍ୟୁସନ ଛାଡ଼ି ଫେରୁଥିଲେ, ସେତେବେଳେ ଅଭିଯୁକ୍ତ ମୋହିତ ଶର୍ମା ଗତିବିଧି ଉପରେ ନଜର ରଖି ସୂଚନା ଦେଇଥିଲା। ସୂଚନା ପାଇବା ମାତ୍ରେ ଆକାଶ ଦ୍ରୁତ ଗତିରେ ସ୍କର୍ପିଓ ଚଲାଇ ତାଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରିଥିଲା। ସେହି ଗାଡ଼ିରେ ଅନ୍ୟତମ ଅଭିଯୁକ୍ତ ଅରବିନ୍ଦ ଶର୍ମା ମଧ୍ୟ ଉପସ୍ଥିତ ଥିଲା। ଏହାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରାଯାଇଥିଲେ ବି ଆୟୁଷୀଙ୍କ ମାମୁଁ ରାକେଶ ପୁଲିସ ଆଗରେ ସନ୍ଦେହ ପ୍ରକାଶ କରିଥିଲେ। ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରିବା ପରେ ପୂରା ସତ ସାମ୍ନାକୁ ଆସିଛି।

ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ପୁରୀ ସହରର ୫ କିମି 'ନୋ ଫ୍ଲାଇଂ ଜୋନ୍'




ପୁରୀ,୯।୭(ସଂଚାର ବ୍ୟୁରୋ): ଆଉ ସପ୍ତାହକ ପରେ ପୁରୀରେ ଅନୁଷ୍ଠିତ ହେବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଏବେଠାରୁ ପୁରୀକୁ ଭକ୍ତମାନଙ୍କ ସୁଅ ଛୁଟିବାରେ ଲାଗିଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅଧିକ କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ଆଜି ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଆସନ୍ତା ୧୬ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପୁରୀ ସହରର ୫ କିମି ଅଞ୍ଚଳକୁ 'ନୋ ଫ୍ଲାଇଂ ଜୋନ୍' ଘୋଷଣା କରାଯାଇଛି। ତେଣୁ ଏହି ସମୟ ମଧ୍ୟରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ବ୍ୟକ୍ତି କିମ୍ବା ସଂସ୍ଥା ପକ୍ଷରୁ ଉପରୋକ୍ତ ଅଞ୍ଚଳରେ ଡ୍ରୋନ୍ ନ ଉଡ଼ାଇବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସୁରକ୍ଷା ସହ ଜଡ଼ିତ କୌଣସି ପ୍ରକାର ଡ୍ରୋନ୍ ଉଡ଼ାଣ କ୍ଷେତ୍ରରେ ଏହି କଟକଣା ଲାଗୁ ହେବ ନାହିଁ ବୋଲି କୁହାଯାଇଛି। ଏହି ନିର୍ଦ୍ଦେଶନାମା ଉଲ୍ଲଂଘନ ପରିପ୍ରେକ୍ଷୀରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ପୁରୀ ଏସ୍‌ଏମ୍ ସୁଶାନ୍ତ କୁମାର ପତି ନୋଡାଲ୍ ଅଫିସର୍ ଭାବେ କାର୍ଯ୍ୟ କରିବେ ବୋଲି ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।



ଖୋର୍ଦ୍ଧାର ପ୍ରମୁଖ ଶିକ୍ଷାନୁଷ୍ଠାନ ସିଗ୍ମା ପବ୍ଲିକ୍ ସ୍କୁଲରେ ବନ ମହୋତ୍ସବ ଓ ବ୍ୟାଙ୍କ ସାଇବର କ୍ରାଇମ ସଚେତନତା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଛି।

# ଟାପୁରୁ ଉଦ୍ଧାର ହେଲା ଷଣ୍ଢ

● ସାହାସିକତା ଦେଖାଇଲେ ଅଗ୍ନିଶମ ବାହିନୀ

ବାରଙ୍ଗ,୯।୭(ସଂଚାର ବ୍ୟୁରୋ): ଟାପୁରୁ ଉଦ୍ଧାର ହେଲା ଷଣ୍ଢ। କୁଆଖାଇ ନଦୀ ମଧ୍ୟରେ ଥିବା ଟାପୁରେ ଫସି ରହିଯାଇଥିବା ଷଣ୍ଢକୁ ଉଦ୍ଧାର କରିଛି ବାରଙ୍ଗ ଅଗ୍ନିଶମ ବାହିନୀ। ଲଗାଣ ବର୍ଷା ଯୋଗୁଁ ମହାନଦୀ, କାଠଯୋଡି ଏବଂ କୁଆଖାଇ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇଥିଲା। ଫଳରେ କୁଆଖାଇ ନଦୀ ମଝିରେ ଥିବା ଏକ ଟାପୁରେ ଗୋଟିଏ ଷଣ୍ଢ ଫସି ଯାଇଥିଲା। ସୂଚନା ଅନୁସାରେ, ଷଣ୍ଢଟି ଖାଦ୍ୟ ଅନ୍ୱେଷଣରେ ନଦୀ ପଠାକୁ ଯାଇଥିବା ସମୟରେ ଅଚାନକ ପାଣି ବଢ଼ିଯିବାରୁ ଟାପୁରେ ଫସି ରହିଯାଇଥିଲା। ଚାରିପଟେ ଜଳମଗ୍ନ ହୋଇଯାଇଥିବାରୁ ଷଣ୍ଢଟି ସେଠାରୁ କୂଳକୁ ଫେରି ପାରିନଥିଲା। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।



● କିଶୋରୀଙ୍କୁ ବଳାତ୍କାର ଅଭିଯୋଗ

# ସାବତ ବାପା ଓ ଜେଜେବାପା ଗିରଫ

କୋଲକାତା,୯।୭(ସଂଚାର ବ୍ୟୁରୋ): ଜଣେ କିଶୋରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସାବତ ବାପା ଓ ଜେଜେବାପାଙ୍କୁ ହାବରା ଥାନା ପୁଲିସ ବୁଧବାର ଗିରଫ କରିଛି। ଗୁରୁବାର ସେମାନଙ୍କୁ ବାରାସତ କୋର୍ଟରେ ହାଜର କରାଯାଇଛି। ପୁଲିସ ଓ ସ୍ଥାନୀୟ ସୂତ୍ର ଅନୁଯାୟୀ, ପୀଡ଼ିତା ହାବରାର ଏକ ସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ରୀ। କିଛି ଦିନ ଧରି ପରିବାରର ସଦସ୍ୟ ବାହାରେ ଥିବା ବେଳେ ତାଙ୍କ ସାବତ ବାପା ଓ ଜେଜେବାପା ତାଙ୍କୁ ଯୌନ ନିର୍ଯାତନା ଦେଉଥିଲେ। ଏଥିରେ କିଶୋରୀ ଜଣକ ଭାଙ୍ଗି ପଡ଼ିଥିଲେ। ଶିକ୍ଷକମାନେ ଛାତ୍ରୀଙ୍କଠାରେ ଅସ୍ୱାଭାବିକ ଆଚରଣ ଦେଖି ବୁଧବାର ହାବରା ଥାନାକୁ ଯାଇ ଦୁଇଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ସେମାନଙ୍କ ବିରୁଦ୍ଧରେ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

# ନିର୍ବାଚନଠାରୁ ଉପପ୍ରଧାନଙ୍କ ଦେଖାନାହିଁ

କୋଲକାତା,୯।୭(ସଂଚାର ବ୍ୟୁରୋ): ଦକ୍ଷିଣ ୨୪ ପ୍ରଗଣାର ଗଙ୍ଗାସାଗରରେ ତୃଣମୂଳ ପରିଚାଳିତ ଗ୍ରାମ ପଞ୍ଚାୟତର ବର୍ତ୍ତମାନର ଉପପ୍ରଧାନ ଓ ପୂର୍ବତନ ପ୍ରଧାନ ହରିପଦ ମଣ୍ଡଳଙ୍କୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଅଭିଯୋଗ ହୋଇଛି ଯେ ୪ ମଇରେ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରଠାରୁ ତାଙ୍କୁ ସେହି ଅଞ୍ଚଳରେ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ଦେଖାଯାଇନାହିଁ। ଏହି ପରିସ୍ଥିତିକୁ ନେଇ ବିଜେପି ସ୍ୱର ଉଠାଇଛି।

# ତୃଣମୂଳ ଦୁର୍ନୀତିର ସନ୍ଧାନ ଲାଗି କମିଟି ଗଠନ

● ପ୍ରକାଶିତ ହେବ ବିଭାଗଭିତ୍ତିକ ଶ୍ୱେତପତ୍ର

କୋଲକାତା,୯।୭(ସଂଚାର ବ୍ୟୁରୋ): ମମତା ବାନାର୍ଜୀଙ୍କ ଶାସନ କାଳରେ ଆର୍ଥିକ ଦୁର୍ନୀତିର ପର୍ଦ୍ଦାଫାସ କରି ଶ୍ୱେତପତ୍ର ପ୍ରକାଶ କରିବା ଲାଗି ପ୍ରଥମ କ୍ୟାବିନେଟ୍ ବୈଠକ ଗୁରୁବାର ନବାନ୍ନରେ ଅନୁଷ୍ଠିତ ହୋଇଛି। ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ତାପସ ରାୟ ଏବଂ ପଞ୍ଚାୟତ ମନ୍ତ୍ରୀ ଦିଲୀପ ଘୋଷଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ବୈଠକରେ ଯୋଗ ଦେଇଥିଲେ। ଏହି ଶ୍ୱେତପତ୍ର ପ୍ରକାଶନ ସମ୍ପର୍କରେ ବିଭିନ୍ନ ବିଭାଗ ସହିତ ଆଲୋଚନା କରାଯାଇଛି ଏବଂ ସମ୍ପୃକ୍ତ ସଚିବମାନଙ୍କଠାରୁ ସୂଚନା ଓ ଦସ୍ତାବିଜ ମଗାଯାଇଛି। କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକରୁ ମିଳିଥିବା ପାଣ୍ଠି ଅନ୍ୟ କ୍ଷେତ୍ରକୁ ପଠାଯାଇଥିଲା କି ନାହିଁ, କିମ୍ବା ଅର୍ଥକୁ ଏହାର ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଅପବ୍ୟବହାର କରାଯାଇଥିଲା କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ସମୀକ୍ଷା କରାଯିବ। ପ୍ରତ୍ୟେକ ବିଭାଗକୁ ଏହି ବିଷୟରେ ବ୍ୟାପକ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମମତା ସରକାରଙ୍କ କାର୍ଯ୍ୟକାଳରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ ଏବଂ ଶ୍ୱେତପତ୍ର ପ୍ରକାଶନ ପ୍ରକ୍ରିୟାରେ ଏହି ବୈଠକକୁ ପ୍ରଥମ ପଦକ୍ଷେପ ଭାବରେ ବିବେଚନା କରାଯାଉଛି।

# ସୁନା ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

● ପରିବାର ଆଣିଲେ ହତ୍ୟା ଅଭିଯୋଗ

କୋଲକାତା,୯।୭(ସଂଚାର ବ୍ୟୁରୋ): ୪୯ ବର୍ଷୀୟ ସୁନା ବ୍ୟବସାୟୀ ବିକାଶ ଦାସଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ନଦିଆର ଧନତଳାର ଆରୋଣଘାଟାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବ୍ୟାବସାୟିକ ଶତ୍ରୁତା ଯୋଗୁଁ ତାଙ୍କୁ ଜାଣିଶୁଣି ହତ୍ୟା କରାଯାଇଥିବା ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଆରୋଣଘାଟା ଷ୍ଟେସନ ନିକଟସ୍ଥ ତାଙ୍କ ସୁନା ଦୋକାନ ଭିତରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତା'ପରେ ତାଙ୍କୁ ସବଦଲପୁର ଗ୍ରାମୀଣ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମୁଣ୍ଡରେ ଏକାଧିକ ଧାରୁଆ କ୍ଷତଚିହ୍ନ ରହିଛି। ମୃତ୍ୟୁ ସୁନିଶ୍ଚିତ କରିବା ପାଇଁ ତାଙ୍କ ମୁଣ୍ଡରେ ଏସିଡ୍ ଢାଳି ଦିଆଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଏଥିସହ ଦୋକାନରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟ ହୋଇଥିବା ଦାବି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ସହ ମୃତକଙ୍କ ମୋବାଇଲକୁ ପୁଲିସ ଯାଞ୍ଚ୍ କରୁଛି।

# ଚୋରି ଅଭିଯୋଗରେ ଯୁବକଙ୍କୁ ମାଡ଼

କୋଲକାତା,୯।୭(ସଂଚାର ବ୍ୟୁରୋ): ଚୋରି କରି ଧରାପଡ଼ିଥିବା ଯୁବକଙ୍କୁ ପ୍ରବଳ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବୁଧବାର ରାତିରେ ବାଲିର ଶ୍ରୀଚରଣ ସରଣୀ ଅଞ୍ଚଳରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଯୁବକଙ୍କୁ ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ମମ ଭାବରେ ମାଡ଼ ମରାଯାଇଥିଲା। ସୂଚନା ପାଇବା ପରେ ବାଲି ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଛି।

# ବିଭିନ୍ନ ସ୍ଥାନରେ ଇଡି ଚଢ଼ାଉ

କୋଲକାତା,୯।୭(ସଂଚାର ବ୍ୟୁରୋ): ଚିଟ୍ ଫଣ୍ଡ ମାମଲାକୁ ନେଇ ଗୁରୁବାର ହାଓଡ଼ା, ହୁଗୁଳି, ନଦିଆ ଓ ଦୁର୍ଗାପୁର ସମେତ ବିଭିନ୍ନ ସ୍ଥାନରେ ଇଡି ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ମାମଲାରେ ପ୍ରାୟ ୧୦୦ କୋଟି ଟଙ୍କା ହେରଫେର ହୋଇଥିବା ଅଭିଯୋଗ ଆସିଛି। ବେଆଇନ ଯୋଜନା ମାଧ୍ୟମରେ ବଜାରରୁ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରିବାର ଅଭିଯୋଗ ରହିଛି। ଗୁରୁବାର ସକାଳେ ପାଞ୍ଚ ଜଣ ଇଡି ଅଧିକାରୀ ଏବଂ କେନ୍ଦ୍ରୀୟ ବାହିନୀ ନଦିଆର କାଳିନାରାୟଣପୁରରେ ପହଞ୍ଚି ବ୍ୟବସାୟୀ ଶୁଭ୍ରା କାନ୍ତି ନାଗଙ୍କ ଘରେ ତଲାସୀ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଶ୍ଚିମ ବର୍ଦ୍ଧମାନର ଦୁର୍ଗାପୁର ଅଞ୍ଚଳରେ ଅବସ୍ଥିତ ଅଣ୍ଡାଲରେ ରାମ ମଲ୍ଲିକଙ୍କ ବାସଭବନ ତଲାସୀ କରିଥିବା ଜଣାଯାଇଛି। ହୁଗୁଳିର ଶେଓଡାଫୁଲିଠାରେ ଏଜେନ୍ସି ପଲଟୁ ବରାଲଙ୍କ ଘର ଖୋଜାଖୋଜି କରିଥିବା ସ୍ଥାନୀୟ ଲୋକମାନେ ସୂଚନା ଦେଇଛନ୍ତି। ସେହିଭଳି ହାଓଡ଼ାର ୪/୧ କୁଟିଲ ସରକାର ଲେନ୍‌ରେ ଥିବା ସୌରଭ ଚଟ୍ଟୋପାଧ୍ୟାୟଙ୍କ ବାସଭବନ ଉପରେ ଇଡି ଚଢ଼ାଉ କରିଛି।

# ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଅଭିଯୋଗରେ ୪୦ ଗିରଫ

କୋଲକାତା,୯।୭(ସଂଚାର ବ୍ୟୁରୋ): ବାରୁଇପୁର ଭଙ୍ଗାରୁଜା ଘଟଣାରେ ଅନ୍ୟୁନ ଦୁଇଶହ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ବୁଧବାର ପୁଲିସ ୧୮ ଜଣଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆଉ ୨୨ ଜଣଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ମୋଟ ୪୦ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ, ବାରୁଇପୁର ଘଟଣାରେ ଅଭିଯୁକ୍ତମାନଙ୍କୁ ଛଡ଼ାଯିବ ନାହିଁ କିମ୍ବା ପ୍ରତିବାଦର ଆଳରେ ଭଙ୍ଗାରୁଜା ଓ ସାର୍ବଜନୀନ ସମ୍ପତ୍ତି ନଷ୍ଟ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଥିଲେ।

# ବନ୍ୟପ୍ରାଣୀଙ୍କ ମୃତ୍ୟୁ ରୋକିବାକୁ ସଚେତନତା ଅଭିଯାନ

କୋଲକାତା,୯।୭(ସଂଚାର ବ୍ୟୁରୋ): ଗାଡିର ଧକ୍କାରେ ବନ୍ୟପ୍ରାଣୀଙ୍କ ମୃତ୍ୟୁକୁ ରୋକିବା ଲାଗି ପରିବେଶବିତ୍‌ମାନେ ଗୋରୁମାରା ଚେକ୍-ପୋଷ୍ଟରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ କରିଛନ୍ତି। ଜଲପାଇଗୁଡ଼ି ଜିଲ୍ଲାର ଲାଟାଗୁଡ଼ି ଓ ମାଲବଜାରକୁ ସଂଯୋଗ କରୁଥିବା ୭୧୭ ନମ୍ବର ଜାତୀୟ ରାଜପଥରେ ଡ୍ରାଇଭରମାନଙ୍କୁ ଅଟକାଇ ସଚେତନ କରାଇଛନ୍ତି। ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ନଅ କିଲୋମିଟର ରାସ୍ତା ଅତିକ୍ରମ କରିବା ସମୟରେ ଧୀର ଗତିରେ ଗାଡ଼ି ଚଳାଇବାକୁ ସେମାନେ ଅନୁରୋଧ କରିଛନ୍ତି।

# ଥରକୁଥର ନୁହେଁ, ଏକକାଳୀନ ଲାଗୁହେବ ସଜା: ହାଇକୋର୍ଟ



କଟକ,୯।୭(ସଂଚାର ବ୍ୟୁରୋ): ଯଦି ଗୋଟିଏ ଘଟଣାକ୍ରମ ମଧ୍ୟରେ ଏକାଧିକ ଅପରାଧ ଘଟେ ତେବେ ସେସବୁର ଜେଲ୍ ଦଣ୍ଡାଦେଶ ଗୋଟିଏ ପରେ ଗୋଟିଏ ନୁହେଁ; ବରଂ ଏକକାଳୀନ ଲାଗୁହେବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଫୁଲବାଣୀର ରମେଶ ଚନ୍ଦ୍ର ବେହେରାଙ୍କ ପକ୍ଷରୁ ଆଗତ ଏକ କ୍ରିମିନାଲ୍ ରିଭିଜନ୍ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ରାୟ ଶୁଣାଇଛନ୍ତି। ଏଥିସହିତ ଅଦାଲତ ଅଭିଯୁକ୍ତଙ୍କୁ ଜେଲ୍ ନ ପଠାଇ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟ-୧୯୫୮ ଆଧାରରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ମସିହା ମାର୍ଚ୍ଚ ୧୭ ତାରିଖରେ ଫୁଲବାଣୀ ଟାଉନ ଥାନା ଅଞ୍ଚଳରେ ଆସାମୀ ରମେଶ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲା। ଏହାର ବିରୋଧ କରିବାରୁ ପୀଡ଼ିତା ଓ ତାଙ୍କ ପୁଅଙ୍କୁ ଶାବଳ ଦ୍ୱାରା ଆକ୍ରମଣ କରିଥିଲା। ଫୁଲବାଣୀ ମହିଳା କୋର୍ଟ (ଜେଏମ୍‌ଏଫ୍‌ସି) ଏହି ମାମଲାର ବିଚାର କରି ରମେଶଙ୍କୁ ଆଇପିସିର ଧାରା ୪୫୧ (ଗୃହ ପ୍ରବେଶ) ପାଇଁ ୧ ବର୍ଷ ଜେଲ୍ ଓ ଧାରା ୩୨୩ (ଆକ୍ରମଣ) ପାଇଁ ୬ ମାସ ଜେଲ୍ ଦଣ୍ଡ ଦେବା ସହ ଏହି ଦଣ୍ଡ ଗୋଟିଏ ପରେ ଗୋଟିଏ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ପରେ ଫୁଲବାଣୀ ଜିଲ୍ଲା ଜଜ୍ କୋର୍ଟ ଏହି ଦଣ୍ଡକୁ ସଂଶୋଧନ କରି ଉଭୟ ଧାରାରେ ୬ ମାସ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ଜେଲ୍ ଦଣ୍ଡ ଲାଗୁ ହେବ ବୋଲି ଆଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟଙ୍କ ଏକ ରାୟକୁ ଉଦାହାରଣ ଭାବେ ନେଇ ଯଦି ଗୋଟିଏ ଘଟଣା କ୍ରମରେ ଏକାଧିକ ଅପରାଧିକ କାର୍ଯ୍ୟ ହୋଇଥିବ ସେଭଳି କ୍ଷେତ୍ରରେ ଦଣ୍ଡାଦେଶ ଏକତ୍ର ଚାଲିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

# ନାଟୋ ଶିଖର ସମ୍ମିଳନୀରେ ପିସ୍ତଲ ଉପହାର



ଅଙ୍କାରା,୯।୭: ତୁର୍କୀର ଅଙ୍କାରାଠାରେ ଚାଲିଥିବା ଦୁଇ ଦିନିଆ ନାଟୋ ସମ୍ମିଳନୀରେ ସାମରିକ ରଣନୀତି ଓ ପ୍ରତିରକ୍ଷା ଖର୍ଚ୍ଚକୁ ନେଇ ଆଲୋଚନା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ରାଜନୈତିକ ଘଟଣା ସାମ୍ନାକୁ ଆସିଛି। ତୁର୍କୀ ରାଷ୍ଟ୍ରପତି ରସେପ ତାଇପ୍ ଏରଦୋଗାନ ସମ୍ମିଳନୀରେ ଯୋଗ ଦେଇଥିବା ବିଶ୍ୱର ପ୍ରମୁଖ ନେତାମାନଙ୍କୁ ସେମାନଙ୍କ ନାମ ଖୋଦେଇ ହୋଇଥିବା ସ୍ୱତନ୍ତ୍ର ପିସ୍ତଲ ଓ ଜୀବନ୍ତ ଗୁଳି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି ନିଆରା କୂଟନୈତିକ ଉପହାର ପାଇଥିବା ନେତାମାନଙ୍କ ମଧ୍ୟରେ ବ୍ରିଟେନ ପ୍ରଧାନମନ୍ତ୍ରୀ କେତେକ ଷ୍ଟାର୍ମର ଏବଂ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ମଧ୍ୟ ସାମିଲ ଅଛନ୍ତି। ତେବେ ପ୍ରତ୍ୟେକ ନେତାଙ୍କୁ ସେମାନଙ୍କ ନାମ ଥିବା ରିଭଲଭର ଓ ଗୁଳି ଦିଆଯାଇଥିଲେ ମଧ୍ୟ ବିଭିନ୍ନ ଦେଶର କଠୋର ଆଭ୍ୟନ୍ତରୀଣ ବନ୍ଧୁକ ଆଇନ ଯୋଗୁଁ ଏହି ଅସ୍ତ୍ରଗୁଡ଼ିକୁ ନିଜ ନିଜ ଦେଶକୁ ନେବା ପୂର୍ବରୁ ସମ୍ପୂର୍ଣ୍ଣ ରୂପେ ନିଷ୍କ୍ରିୟ କରାଯିବ ବୋଲି ରିପୋର୍ଟରେ କୁହାଯାଇଛି।

# ଆଉ ରହିବ ନାହିଁ ଆଳୁ ସମସ୍ୟା

● ପଶ୍ଚିମବଙ୍ଗ ମନ୍ତ୍ରୀ ଦେଲେ ବଡ଼ ଭରସା

ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଓଡ଼ିଶାରେ ଆଉ ରହିବ ନାହିଁ ଆଳୁ ସମସ୍ୟା। ଏ ନେଇ ଗତକାଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ଅଶୋକ କିର୍ତ୍ତନିଆଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କୋଲକାତାର ଖାଦ୍ୟ ଭବନରେ ବସିଥିବା ଏହି ବୈଠକରେ ଓଡ଼ିଶାରେ କିପରି ଆଳୁ ସମସ୍ୟା ହେବ ନାହିଁ ତା' ଉପରେ ଆଲୋଚନା ହୋଇଥିଲା। ଆଉ ପଶ୍ଚିମବଙ୍ଗ ଆଳୁ ଟ୍ରକ ଅଟକିବନି କି ରାଜ୍ୟରେ ଆଳୁ ସଙ୍କଟ ଦେଖା ଦେବ ନାହିଁ। ଦୁଇ ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କ ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।



ଓଡ଼ିଶା ଆଳୁ ପାଇଁ ସବୁବେଳେ ପଶ୍ଚିମବଙ୍ଗ ଉପରେ ନିର୍ଭର କରିଆସିଛି। ମମତା ବାନାର୍ଜିଙ୍କ ସରକାର ଥିବାବେଳେ ଅନେକ ସମୟରେ ଓଡ଼ିଶାକୁ ଆଳୁ ରପ୍ତାନୀ ବନ୍ଦ ହୋଇ ଯାଉଥିଲା। ଫଳରେ ଏଠାର ଆଳୁ ସଙ୍କଟ ଦେଖା ଦେବା ସହ ଦର ବୃଦ୍ଧି ହେଉଥିଲା। ହେଲେ ସେଠାରେ ବିଜେପି ସରକାର ଆସିବା ପରେ ଦୁଇ ରାଜ୍ୟର ସମ୍ପର୍କରେ ପରିବର୍ତ୍ତନ ଆସିଛି। ଗତକାଲି କୋଲକାତାର ଖାଦ୍ୟ ଭବନରେ ଦୁଇ ରାଜ୍ୟର ଯୋଗାଣ ମନ୍ତ୍ରୀଙ୍କ ଭିତରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ବିଶେଷ କରି ଓଡ଼ିଶାକୁ ଆଳୁ ରପ୍ତାନୀ ଉପରେ ଫୋକସ କରାଯାଇଥିଲା। ଏମିତି କି ବୈଠକରେ ରାଜ୍ୟକୁ ୧୨ ମାସିଆ ଆଳୁ ଯୋଗାଣ ପାଇଁ ନିଷ୍ପତ୍ତି ହୋଇଛି। ଫଳରେ ରାଜ୍ୟ ତରଫରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପଶ୍ଚିମବଙ୍ଗ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

● ବାରୁଇପୁର ଏନ୍‌କାଉଣ୍ଟର ମାମଲା

# ତଦନ୍ତ ଦାୟିତ୍ୱ ସିଆଇଡିକୁ ହସ୍ତାନ୍ତର

କୋଲକାତା,୯।୭(ସଂଚାର ବ୍ୟୁରୋ): ରାଜ୍ୟ ପ୍ରଶାସନ ବାରୁଇପୁର ଗଣଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳକୁ ପୁଲିସ ଏନ୍‌କାଉଣ୍ଟର ଘଟଣାର ତଦନ୍ତଭାର ସିଆଇଡିକୁ ହସ୍ତାନ୍ତର କରିଛି। ଏଥିସହିତ ନ୍ୟାୟିକ ତଦନ୍ତ କରାଯିବ ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏନକାଉଣ୍ଟର ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ତଦନ୍ତକାରୀମାନେ ପ୍ରଭାସ ମଣ୍ଡଳଙ୍କ ଉପରକୁ ଗୁଳି ଚଳାଇଥିବା ପୁଲିସ ଅଧିକାରୀଙ୍କ ସହ କଥା ହେବା ସହ ବ୍ୟକ୍ତିଗତ ଭାବେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଏତଦବ୍ୟତୀତ, ତଦନ୍ତକାରୀମାନେ ପୁଲିସର କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ବ୍ୟବସ୍ଥା ଓ ଅଭିଯୁକ୍ତର ଆଚରଣକୁ ଅନୁଧ୍ୟାନ କରିଛନ୍ତି। ବାରୁଇପୁର ଜିଲ୍ଲା ପୁଲିସ ଅଧିକ୍ଷକ ମଧ୍ୟ ଏନକାଉଣ୍ଟର କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଜିଲ୍ଲା ପୁଲିସ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଛି। ଘଟଣାର ବ୍ୟାପକ ଓ ନିରପେକ୍ଷ ମୂଲ୍ୟାଙ୍କନ କରିବା ଏହି ତଦନ୍ତର ପ୍ରାଥମିକ ଉଦ୍ଦେଶ୍ୟ ବୋଲି ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ କହିଛନ୍ତି।

# ଲାଗ୍‌ଲାଗ୍ ଭୂକମ୍ପରେ ଥରିଲା ମହାରାଷ୍ଟ୍ର

ମୁମ୍ବାଇ, ୯।୭: ମହାରାଷ୍ଟ୍ରରେ ଗୁରୁବାର ମଧ୍ୟରାତ୍ରିରେ ଲଗାତାର ଚାରିଥର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପ ମଧ୍ୟରାତି ୧:୩୭ରୁ ୩ଟା୨୩ ମଧ୍ୟରେ ଅନୁଭୂତ ହୋଇଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ରୁ ୪.୬ ମଧ୍ୟରେ ଥିବା ମାପ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ପରଭାନୀ, ନାନ୍ଦେଦ ଓ ହିଙ୍ଗୋଲିରେ ରାତିକ ମଧ୍ୟରେ ଚାରିଥର ଭୂମିକମ୍ପ ଅନୁଭୂତ ହୋଇଥିଲା। ଲଗାତାର ଭୂମିକମ୍ପ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲେ। ଲୋକମାନେ ଭୟରେ ତୁରନ୍ତ ଘରୁ ବାହାରକୁ ବାହାରି ଆସିଥିଲେ।

କନ୍ଦେଇଲା ପିଆଜ

# ଦୁଇ ଦିନରେ ଛୁଇଁଲା ୫୦ ଟଙ୍କା

ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଦୁଇ ଦିନ ଭିତରେ ପିଆଜ ଦର ୩୦ଟଙ୍କାରୁ ଯାଇ ୫୦ ଟଙ୍କାରେ ପହଞ୍ଚିଛି। ହଠାତ୍ ପିଆଜ ଦର ବଢ଼ିଯିବା ଯୋଗୁଁ ୧ କିଲୋ ଜାଗାରେ ଗ୍ରାହକ ଅଧା କିଲୋ କିଣିବାକୁ ବାଧ୍ୟ ହେଉଛନ୍ତି। ସବୁ ନିତ୍ୟ ବ୍ୟବହାର ଜିନିଷର ଦାମ ବଢ଼ିଥିବା ବେଳେ ଏବେ ପିଆଜ ଦର ବୃଦ୍ଧି ସାଧାରଣ ଖାଉଟିଙ୍କ ଲାଗି ବୋଝ ଉପରେ କୋରଡ଼ା ସଦୃଶ ହୋଇଛି। ସେପଟେ ବ୍ୟବସାୟୀମାନେ କହିଛନ୍ତି ଯେ, ପିଆଜ ବିକ୍ରିରୁ ଦୋକାନୀର ବିଶେଷ ଲାଭ ନାହିଁ। ବେପାରୀ କିଲୋ ପିଛା ୩୩ ଟଙ୍କାରେ କିଣୁଛି। ପରିବହନ ବାବଦକୁ ୫ ଟଙ୍କା ଓ ବସ୍ତାରେ ଆସୁଥିବା ପିଆଜ ଅଧେ ପଚା ପଡୁଥିବା ଯୋଗୁ ସେହି ପିଆଜକୁ ବଛା ବାବଦକୁ ୧ ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଦୋକାନୀ ଦର ବଢ଼ାଇବାକୁ ବାଧ୍ୟ ହେଉଛି।



ବ୍ୟବସାୟୀଙ୍କ କହିବା କଥା ଏହି ସମୟରେ ପିଆଜ ଦାମ୍ ଟିକେ ଉଚ୍ଚା ରୁହେ। ନୂଆ ପିଆଜ ଆସିବାକୁ ଆହୁରି ସମୟ ଅଛି। ଏବେ ଯେଉଁ ପିଆଜ ଆସୁଛି ତାହା କୋଲ୍ଡ ଷ୍ଟୋରେଜରେ ଥିବା ପିଆଜ। ଏଥିସହ ଯୁଦ୍ଧ ପାଇଁ ତେଲ ଦର ବଢ଼ିଥିବାରୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିଛି। ତେଣୁ ଦାମ ଅଧିକ ରହିବ ଓ ଆଗକୁ ଆହୁରି ବଢ଼ିବାର ସମ୍ଭାବନା ରହିଛି। ସେପଟେ ପାତ୍ରପଡ଼ା କୁବେରୀ ପୁରୀ ମହାସଂଘ ସଭାପତି କହିଛନ୍ତି ଏବେ ପିଆଜ ଅମଳ ହୋଇନାହିଁ। ଅଦିନିଆ ବର୍ଷା ଯୋଗୁଁ ନାସିକ ଓ ଇନ୍ଦୋରରେ ପିଆଜି ଫସଲ ୨୦ ପ୍ରତିଶତ ନଷ୍ଟ ହେଇଛି। ଗୁଜରାଟ ଅହମ୍ମଦନଗରରେ ପିଆଜ ଅଛି। ସେଠାରେ ଏହା ହୋଲସେଲରେ ୨୨ଟଙ୍କାରୁ ୨୮ ଟଙ୍କା ପର୍ଯ୍ୟନ୍ତ ରହିଛି। ଆମର ଏଠି ହୋଲସେଲରେ ୩୦ରୁ ୩୨ଟଙ୍କା ବିକ୍ରି ହେଉଛି। ତେବେ ଦର ୫୦ଟଙ୍କା କାହିଁକି ହେଲା ସେ ଜାଣିନାହାନ୍ତି। ଖୋଲା ବଜାର ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘରକୁ ଘର...

ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ୨୧ ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରୁ ଓସ୍ୱାନ୍ ପ୍ଲାଟଫର୍ମରେ ବୈଠକ କରାଯିବ ବୋଲି କୁହାଯାଇଛି। ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତାବିତ 'ଘରକୁ ଘର ବୁଲି ସର୍ଭେ'ର ସବିଶେଷ ଯୋଜନା, ୱାର୍ଡ ଅନୁସାରେ ଭୋଟର ମ୍ୟାପିଙ୍ଗ ଓ ବୁଥସ୍ତରୀୟ ପ୍ରସ୍ତୁତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ଏହି ବୈଠକରେ ଜିଲ୍ଲାପାଳଙ୍କ ବ୍ୟତୀତ ପୌର ନିର୍ବାଚନର ନୋଡାଲ ଅଫିସର ଥିବା ଅତିରିକ୍ତ ଜିଲ୍ଲାପାଳ, ସମସ୍ତ ଇଆରଓ, ଏଇଆରଓ ଓ ସହାୟକ ଜିଲ୍ଲାପାଳମାନଙ୍କୁ ନିଜ ନିଜ ଜିଲ୍ଲାର ଓସ୍ୱାନ୍ କେନ୍ଦ୍ରରେ ଉପସ୍ଥିତ ରହିବାକୁ କୁହାଯାଇଛି। କେବଳ ସେତିକି ନୁହେଁ, ୨୦୨୨ ପୌର ନିର୍ବାଚନ ସହ ଜଡ଼ିତ ଥିବା ବକେୟା ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ ପ୍ରକ୍ରିୟାର ସ୍ଥିତି ଉପରେ ମଧ୍ୟ ରାଜ୍ୟ ନିର୍ବାଚନ ଆୟୋଗ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତିକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ସରକାରୀସ୍ତରରେ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ମଧ୍ୟ ସମାନ୍ତରାଳ ଭାବେ ଆଗକୁ ନିଆଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ପଦବୀଗୁଡ଼ିକ ପାଇଁ ଆସନ ସଂରକ୍ଷଣ ୨୦୨୬ ଏପ୍ରିଲ ସୁଦ୍ଧା ଚୂଡ଼ାନ୍ତ କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ କରିବା ପାଇଁ ଜିଆଇଏସ୍ ମ୍ୟାପିଙ୍ଗ ବ୍ୟବସ୍ଥାର ବ୍ୟବହାର କରାଯାଉଛି। ବାଲାଟ୍ ପେପର ପ୍ରସ୍ତୁତି ଓ ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ ସ୍ତରରେ ସର୍ଭେ କାର୍ଯ୍ୟକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି।

### ହୀରାକୁଦ ଛାଡ଼ିଲା...

ସପ୍ତମ ସ୍ଲୁଇସ ଗେଟ୍ ଖୋଲି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନର ଶୁଭାରମ୍ଭ କରିଥିଲେ। ସମ୍ପ୍ରତି ବାମ ପାର୍ଶ୍ୱର ୭ ଓ ଡାହାଣ ପାର୍ଶ୍ୱର ୩ଟି ଗେଟ୍ ଖୋଲା ଅଛି। ଏବେ ହୀରାକୁଦ ଡ୍ୟାମର ଜଳସ୍ତର ୬୧୫.୩୩ ଫୁଟ ରହିଛି। ୧ ଲକ୍ଷ ୭୪ ହଜାର ୧୮୧ କ୍ୟୁସେକ ଜଳ ଡ୍ୟାମକୁ ପ୍ରତି ସେକେଣ୍ଡରେ ପ୍ରବେଶ କରୁଛି। ଆଗାମୀ ୩୬ରୁ ୪୮ ଘଣ୍ଟାରେ ମହାନଦୀ ଜଳ କଟକ ମୁଣ୍ଡଳୀରେ ପହଞ୍ଚିବ। ମୁଣ୍ଡଳୀରେ ଏବେ ୨ ଲକ୍ଷ ୨୪ ହଜାର ଜଳ ପ୍ରବାହିତ ହେଉଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବଡ଼ ବର୍ଷା କିମ୍ବା ଲଘୁଚାପ ନାହିଁ। ତେଣୁ ବନ୍ୟା ହେବାର ସମ୍ଭାବନା ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମ୍‌ରେ ଜଳ ପରିଚାଳନା ପାଇଁ ବ୍ୟବହୃତ ରୁଲ୍ କର୍ଭ ହୀରାକୁଦ ଡ୍ୟାମର ନିର୍ମାଣ ସମୟରେ ଜଳବାୟୁ ଓ ବର୍ଷା ପରିସ୍ଥିତି ସହ ତାଳମେଳ ରଖି ନ ଥିବାରୁ ଏଥିରେ ସଂଶୋଧନ ଆବଶ୍ୟକତା ଥିବା ମତ ଦେଉଛନ୍ତି ଜଳବିଜ୍ଞାନୀ। ପ୍ରାୟ ୪ ଦଶନ୍ଧି ପୁରୁଣା ଏହି ରୁଲ୍ କର୍ଭକୁ ପରିବର୍ତ୍ତନ କରିବାର ସମୟ ଆସିଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ହୀରାକୁଦ ଡ୍ୟାମର ମୁଖ୍ୟଯନ୍ତ୍ରୀ କହିଛନ୍ତି ଯେ ରୁଲ୍ କର୍ଭର ସଂଶୋଧନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ସ୍ତରରେ ବିଚାରବିମର୍ଶ ଚାଲିଛି। ନିକଟ ଭବିଷ୍ୟତରେ ଏକ ନୂଆ ରୁଲ୍ କର୍ଭ ପ୍ରସ୍ତୁତ କରାଯିବାର ସମ୍ଭାବନା ରହିଛି।

### ମଜବୁତ ହେବ...

ଉଦ୍‌ଯାନ କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଉଭୟ ଦେଶ ରାଜି ହୋଇଛନ୍ତି। ଭାରତ ଦୀର୍ଘଦିନ ହେବ ଅଷ୍ଟ୍ରେଲିଆର ୟୁରାନିୟମ ସମ୍ପଦ ଉପରେ ନଜର ରଖିଛି। ଆଗାମୀ ୨୦୪୭ ସୁଦ୍ଧା ଭାରତ ପରମାଣୁ ଶକ୍ତି କ୍ଷମତାକୁ ୧୦୦ ଗିଗାୱାଟ୍ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଅଷ୍ଟ୍ରେଲିଆରେ ଗଚ୍ଛିତ ଥିବା ବିଶାଳ ୟୁରାନିୟମ୍ ଭଣ୍ଡାର ଭାରତର ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ଭାରତ ଆଶା ରଖିଛି।

### ଆମ୍ବୁଲାନ୍ସ ପଙ୍କଚର...

କଳାହାଣ୍ଡିରୁ ଆସିଛି ଏମିତି ଏକ ଅଭାବନୀୟ ଘଟଣାର ଚିତ୍ର। ମଝି ରାସ୍ତାରେ ଚକ ପଙ୍କଚର ହେବାରୁ ଠିକ ସମୟରେ ମେଡିକାଲରେ ପହଞ୍ଚି ନ ପାରି ୧୧ ବର୍ଷର କୁନି ଝିଅଟି ସବୁଦିନ ପାଇଁ ଆଖିବୁଜି ଦେଇଛି। ପେଟଯନ୍ତ୍ରଣା ଯୋଗୁଁ ରିୟାକୁ ପ୍ରଥମେ ନର୍ଲା ଓ ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରାଯାଉଥିଲା। କିନ୍ତୁ ଗୋହିରାପଦର ରେଳ ଫାଟକ ନିକଟରେ ହଠାତ୍ ଆମ୍ବୁଲାନ୍ସ ଚକ ପଙ୍କଚର ହୋଇଯାଇଥିଲା। ଏପରିକି ଷ୍ଟେପିନ ବି କାମ କରି ନ ଥିଲା। ଗୁରୁତର ରିୟା ୩ ଘଣ୍ଟା କାଳ ମଝି ରାସ୍ତାରେ ମୃତ୍ୟୁ ସହ ସଂଗ୍ରାମ କରିଥିଲେ ହେଁ ଶେଷରେ ଏଥିରେ ହାରିଯାଇଥିଲା। କାରଣ ବିଳମ୍ବରେ ଯେତେବେଳେ ତାକୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଗଲା, ସେତେବେଳକୁ ତା'ର ପ୍ରାଣବାୟୁ ଉଡ଼ିଯାଇଥିବା ସ୍ପଷ୍ଟ କରିଥିଲେ ଡାକ୍ତର। ଏହି ପ୍ରସଙ୍ଗରେ ଅତି ଦାୟିତ୍ୱହୀନ ଭାବେ ମନ୍ତବ୍ୟ ଦେବା ସହ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ଏଜେନ୍ସି ମୁଣ୍ଡରେ ଅଠା ବୋଲି ହାତ ଝାଡ଼ିଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ।

### ଯୁଦ୍ଧ ପୋତରେ...

ପ୍ରୋଜେକ୍ଟ ୧୭-ଏ'ର ଷଷ୍ଠ ଦ୍ରୁତଗାମୀ ଯୁଦ୍ଧପୋତ। ଏହି ସାମରିକ ଜାହାଜରେ ଉନ୍ନତ ଗୁପ୍ତକ୍ଷମତା, ଉଚ୍ଚ-ଗତି କାର୍ଯ୍ୟ ଓ ସାମୁଦ୍ରିକ ପ୍ରତିରକ୍ଷାକୁ ବୃଦ୍ଧି କରିବା ପାଇଁ ୭୫ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ଖଚିତ ହୋଇଛି। ତେବେ ଏହି ସାମରିକ ପୋତରେ ରହିଛି ଓଡ଼ିଆ ଛାପ। କାରଣ ଏହାର ନାମକରଣ ପଶ୍ଚିମଘାଟ ପାର୍ବତ୍ୟ ଶୃଙ୍ଖଳାର ପୁରାଣ ପ୍ରସିଦ୍ଧ ପାହାଡ଼ ମହେନ୍ଦ୍ରଗିରିର ନାମାନୁସାରେ କରାଯାଇଛି। ଆଇଏନଏସ ମହେନ୍ଦ୍ରଗିରିକୁ ଯୁଦ୍ଧପୋତ ନିର୍ମାଣ ଓ ଡିଜାଇନ୍ କ୍ଷେତ୍ରରେ ଆତ୍ମନିର୍ଭର ଭାରତର ଏକ ଦୃଷ୍ଟାନ୍ତ ବୋଲି କୁହାଯାଉଛି।

### ସୁଜାତାଙ୍କ ଟିମ୍‌କୁ...

ବେଳେ ବବିଙ୍କର ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। କେବଳ ବବି ନୁହଁନ୍ତି, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ଦେବୀ ମିଶ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ଦାସ, ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ବରିଷ୍ଠ ଓ ଅନୁଭବୀ ନେତାମାନେ ଆଗକୁ ଆସିବେ ନା ପୂର୍ବପରି ସୁଜାତା କିଛି ଅନଭିଜ୍ଞ ଓ ଚାପଲୁସୀ କରୁଥିବା ନେତାଙ୍କୁ ନେଇ ନିଜ ଟିମ ଗଢ଼ିବେ, ତା' ଉପରେ ସମସ୍ତଙ୍କ ନଜର ରହିଛି। ଏ ଭିତରେ ତାଙ୍କ ଟିମ୍‌ରେ ରହିବା ପାଇଁ କିଛି ନେତା ଉପରେ ପଡ଼ି ନିଜକୁ ପାଖ ଲୋକ ବୋଲି ଦର୍ଶାଇ ମଧ୍ୟ ହେଉଛନ୍ତି।

### ତଥ୍ୟ ଦେଲେନି...

ଅପିଲ କେସ୍ ନଂ-୫୦୮/୨୦୨୬ର ଶେଷ ଶୁଣାଣିରେ ଶ୍ରୀ ସାହୁ ମାଗିଥିବା ତଥ୍ୟ ଦେଇ ନ ଥିଲେ କି ସୂଚନା ଅଧିକାର ଆଇନ ଧାରା ୨୦(୧)ରେ କାହିଁକି ଦଣ୍ଡବିଧାନ କରାନଯିବ, ସେଥିନେଇ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ବି ଦେଇନଥିଲେ। ଏନେଇ ଶ୍ରୀ ସାମନ୍ତ ସୂଚନା ଅଧିକାର ଆଇନର ଗାଇଡଲାଇନ୍‌କୁ ପୂରାପୂରି ବେଖାତିର କରିଥିବା ବେଳେ ସୂଚନା କମିଶନ ଏହି ଅପିଲ ଶୁଣାଣିରେ କହିବା ସହ ଶ୍ରୀ ସାମନ୍ତଙ୍କୁ ୨୦ ହଜାର ଟଙ୍କା ଜୋରିମାନା ଦେବା ପାଇଁ ଏକ ଅର୍ଡର କରିଛନ୍ତି। ଏହି ଜରିମାନା ରାଜ୍ୟ ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ମାସକ ମଧ୍ୟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଶ୍ରୀ ସାମନ୍ତ ଏହା ଦାଖଲ ନ କରନ୍ତି, ତା'ହେଲେ କେଏମସି କମିଶନର ତାଙ୍କ ଦରମାରୁ ୨ଟି କିସ୍ତିରେ ଦାଖଲ କରିବା ପାଇଁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି।

### ଗଜପତିଙ୍କ ଅନୁରୋଧକୁ...

କିଛି କହିବାର ନାହିଁ ଏବଂ ଆମେ ସମ୍ମାନର ସହ ଏହି ଆଲୋଚନାରୁ ସଦାସର୍ବଦା ପାଇଁ ଓହରି ଯାଉଛୁ। ଗଜପତି ମହାରାଜା ନିଜ ଚିଠିରେ ସ୍ପଷ୍ଟ କରିଥିଲେ ଯେ ଶାସ୍ତ୍ର ମୁତାବକ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ ପୂର୍ଣ୍ଣିମା ଓ ନବଦିନାତ୍ମକ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ଆରମ୍ଭ ହେବା ଉଚିତ। ଅଦିନିଆ ରଥଯାତ୍ରା ଆୟୋଜନ ଜଗନ୍ନାଥ ସଂସ୍କୃତିର ଅବମାନନା ବୋଲି ଗଜପତି ମହାରାଜା କହିଥିଲେ। ବିଦେଶରେ ଏହି ପରମ୍ପରା ଉଲ୍ଲଂଘନ ଯୋଗୁଁ ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀ ଓ ଓଡ଼ିଆ ସମ୍ପ୍ରଦାୟ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଆସିଛି।

### ଓଡ଼ିଶା ମାଟିରୁ...

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଓଡ଼ିଆ ଭାଷାରେ ଅଭିଭାଷଣ ଆରମ୍ଭ କରିଥିଲେ। ସେ ଓଡ଼ିଶାର ସାଂସ୍କୃତିକ ଓ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସର ସ୍ମୃତି ଚାରଣ କରି କହିଥିଲେ ଯେ ଓଡ଼ିଶାର ଐତିହାସିକ ବାଲିଯାତ୍ରା ଏବଂ ବୋଇତ ବନ୍ଦାଣ ଉତ୍ସବ ଏହି ମାଟିର ବୀର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଓ ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଆଜିର ଏହି ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନ ସେହି ପୁରାତନ ଗୌରବକୁ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପୁନର୍ଜୀବିତ କରିବାକୁ ଯାଉଛି। 'ଭାରତୀୟ-ପତାକାଧାରୀ ମାଛଧରା ଜାହାଜ ଦ୍ୱାରା ଦୀର୍ଘସ୍ଥାୟୀ ଗଭୀର-ସମୁଦ୍ର ମାଛଧରା ପାଇଁ ମାର୍ଗଦର୍ଶିକା ୨୦୨୫' ଅଧୀନରେ ଅନୁମୋଦନ ପତ୍ର (ଏଲଓଏ) ହାସଲ କରିବା ଏକ ବାଧ୍ୟତାମୂଳକ ଆବଶ୍ୟକତା। ଏହି ଏଲଓଏ କେବଳ ନିର୍ଦ୍ଦିଷ୍ଟ ଜାହାଜକୁ ମିଳିବ ଏବଂ ଏହା ଅଣ-ହସ୍ତାନ୍ତରଯୋଗ୍ୟ, ଯାହା ଗଭୀର ସମୁଦ୍ର ମାଛଧରା କ୍ଷେତ୍ରରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଢାଞ୍ଚା ପ୍ରଦାନ କରିବ ବୋଲି ସେ କହିଛନ୍ତି। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି ଯେ ଭାରତର ଦୀର୍ଘ ଉପକୂଳ ଓ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ) ଦେଶର ପ୍ରାୟ ୫୦ ନିୟୁତ ମତ୍ସ୍ୟଜୀବୀଙ୍କୁ ଜୀବିକା ପ୍ରଦାନ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ତଥ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ବର୍ଷ ଡିସେମ୍ବରରେ ଗୁଜରାଟର ଭେରାଭଲରୁ ଭାରତର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ)ରେ ମାଛ ଧରିବା ପାଇଁ 'ଆକ୍ସେସ୍ ପାସ୍' ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏପର୍ଯ୍ୟନ୍ତ ଦେଶର ୫ ହଜାର ମତ୍ସ୍ୟଜୀବୀ ଏହି ପାସ ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ୮୬୬ ଜଣ ରହିଛନ୍ତି। ଆଜି ପ୍ରାରମ୍ଭିକ ଭାବେ ଓଡ଼ିଶାର ୮ ଜଣ ମତ୍ସ୍ୟଜୀବୀଙ୍କୁ ଏହି ଏଲଓଏ ପ୍ରଦାନ କରାଯିବା ସହ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଭାରତୀୟ ଇଇଜେଡ ଅଞ୍ଚଳରେ ମାଛ ଧରିବା ପାଇଁ ୨ଟି ଗଭୀର ସମୁଦ୍ର ମାଛଧରା ଜାହାଜକୁ ମଧ୍ୟ 'ଗୋ-ଆହେଡ୍' ଅନୁମତି ଜାରି କରାଯାଇଛି। ଦେଶର ସମଗ୍ର ଉପକୂଳର ୨୪ ଲକ୍ଷ ବର୍ଗ କିମି ବିଶିଷ୍ଟ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ (ଇଇଜେଡ) ଆମ ମତ୍ସ୍ୟଜୀବୀଙ୍କ ପାଇଁ ଏହା ବିପୁଳ ସୁଯୋଗ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ନଦୀଗାଁରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ




ଧାମନଗର,୯।୭ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ଅଧୀନ ନଦୀଗାଁ ପଞ୍ଚାୟତରେ ପ୍ରସ୍ତାବିତ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବାକୁ ବିରୋଧ ହୋଇଛି । ବୁଧବାର ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଭଦ୍ରକରେ ଏକ ବିଶାଳ ରାଲି କରି ଜିଲ୍ଲା ପ୍ରଶାସନଙ୍କ ନିକଟରେ ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ବାତିଲ କରିବାକୁ ଦାବି ଜଣାଇଛନ୍ତି। ଆନ୍ଦୋଳନକାରୀମାନେ ପ୍ରଥମେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ପରେ ସେଠାରୁ ପଦଯାତ୍ରାରେ ବାହାରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରସ୍ତାବିତ ମଦ ଦୋକାନ ଫଳରେ ଆଇନଶୃଙ୍ଖଳା ଓ ସାମାଜିକ ସୁରକ୍ଷା ଉପରେ ପଡ଼ିପାରୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇ ଏହାକୁ ବାତିଲ କରିବାକୁ ଦାବି କରିଥିଲେ। ଶେଷରେ ରାଲି ଜିଲ୍ଲା ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଅଧିକାରୀଙ୍କୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀମାନେ ପ୍ରଶାସନକୁ ଚେତାବନୀ ଦେଇ କହିଛନ୍ତି ଯେ, ପ୍ରସ୍ତାବିତ ମଦ ଦୋକାନକୁ ବାତିଲ ନକରାଗଲେ ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରାଯିବ। ଏହି ବିଶାଳ ପ୍ରତିବାଦ ରାଲିରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ଏକ ସ୍ୱରରେ ମଦ ଦୋକାନ ପ୍ରସ୍ତାବକୁ ବାତିଲ କରିବାକୁ ଦାବି ଜଣାଇଥିଲେ।

## ଜାତୀୟ ସମବାୟ ବିଭାଗର ପାଞ୍ଚ ବର୍ଷ ପୂର୍ତ୍ତି, ୩୪ ୟୁନିଟ ରକ୍ତ ସଂଗୃହିତ

ବାରିପଦା,୯।୭ (ସଂଚାର ବ୍ୟୁରୋ)ଃସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଉପନିବନ୍ଧକ, ସମବାୟ ସମିତି ସମୂହ, ମୟୁରଭଞ୍ଜ ଆନୁକୂଲ୍ୟରେ ଭାରତ ସରକାରଙ୍କ ସମବାୟ ବିଭାଗର ପାଞ୍ଚ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉପନିବନ୍ଧକ ଅଶୋକ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହ



ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବରିଷ୍ଠ ସହକାରୀ ନିବନ୍ଧକ, ବାରିପଦା ତୁଷାର ମହାନ୍ତି, ସହକାରୀ ନିବନ୍ଧକ, ଉଦଳା ନାରାୟଣ ପାତ୍ର, ରେଡ଼କ୍ରସର ଆଜୀବନ ସଭ୍ୟ ଅମର କୁମାର ସେଠି ଓ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୩୪ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଓଡିଶା ରକ୍ତକେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବିଷ୍ଣୁପ୍ରିୟା ମହାନ୍ତ, କରୁଣାକର ଜେନା ଓ ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ ।

## ମହିଳାଙ୍କ ମନିପର୍ସ ଝାମ୍ପିନେଲେ ଦୁର୍ବୃତ୍ତ



ଧାମନଗର,୯।୭ (ସଂଚାର ବ୍ୟୁରୋ)ଃ ଧାମନଗର ଠାରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କ ମନିପର୍ସ ଝାମ୍ପିନେବା ଘଟଣା ସହରାଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଧାମନଗର ଥାନା ଅନ୍ତର୍ଗତ ଗୁମୁଗଡ଼ ଗ୍ରାମର ବର୍ଷାରାଣୀ ବେହେରା ବୁଧବାର ସକାଳ ପ୍ରାୟ ୧୦ଟା ସମୟରେ ତାଙ୍କ ୧୩ ବର୍ଷର ପୁଅଙ୍କ ସହ ଧାମନଗର ବଜାରକୁ ଝିଅର ଜନ୍ମଦିନ ପାଳନ ପାଇଁ ଡ୍ରେସ୍ ଓ କେକ୍ କିଣିବାକୁ ଆସିଥିଲେ। ଥାନା ପାଚେରୀକୁ ଲାଗିଥିବା ପରିବା ଦୋକାନରୁ ପରିବା କିଣାକିଣି କରି ସେ ୪ ହଜାର ୫ଶହ ଟଙ୍କା ଥିବା ମନିପର୍ସକୁ ପରିବା ବ୍ୟାଗ ଭିତରେ ରଖିଥିଲେ। ବ୍ୟାଗଟି ତାଙ୍କ ପୁଅ ଧରିଥିବା ବେଳେ ଉଭୟ ଚାଲି ଚାଲି ଯାଉଥିଲେ। ଏହି ସମୟରେ ପଛପଟୁ ଆସିଥିବା ଜଣେ ଯୁବକ ବ୍ୟାଗ ଭିତରୁ ମନିପର୍ସ କାଢ଼ି ଦୌଡ଼ି ପଳାଇ ଯାଇଥିଲା।

### ବୋରିଗୁମ୍ମା ଶିକ୍ଷାଧିକାରୀ କାର୍ଯ୍ୟାଳୟ

# ୨ ବର୍ଷ ହେଲାଣି ନାହାନ୍ତି ସ୍ଥାୟୀ ବିଇଓ




ବୋରିଗୁମ୍ମା,୯।୭ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ସର୍ବବୃହତ୍ତମ ବ୍ଲକ ତଥା କୋରାପୁଟ ଜିଲ୍ଲାର ପ୍ରମୁଖ ବ୍ଲକ ହେଉଛି ବୋରିଗୁମ୍ମା। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପିଲାଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେଉଁଠି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ପାଠାଗାର ଓ ଲ୍ୟାବ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇଦିଆଯାଉଛି। ଏହା ଏକ ବୈପ୍ଳବିକ ପଦକ୍ଷେପ ସତ । କିନ୍ତୁ ଦୁଃଖର କଥା ହେଉଛି, ବ୍ଲକ୍‌ସ୍ତରରେ ଶିକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଖାଲି ପଡ଼ିଥିବା ବ୍ଲକ୍ ଶିକ୍ଷାଧିକାରୀ ପଦବି ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ପଦବୀ ପୂରଣ କରିବା ଦିଗରେ ସରକାରଙ୍କ ନିଘା ନାହିଁ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ।

କହିବାକୁ ଗଲେ ବୋରିଗୁମ୍ମା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବେ ଶ୍ରୀହୀନ ହେବାରେ ଲାଗିଛି । ମାସେ କି ଦୁଇମାସ ନୁହେଁ, ଦୀର୍ଘ ୨ବର୍ଷ ପରେ ମଧ୍ୟ ବ୍ଲକରେ ସ୍ଥାୟୀ ବିଇଓ ନିଯୁକ୍ତି ହୋଇ ପାରିଲାନାହିଁ । ଯାହାଫଳରେ କାମଚଳା ନୀତିରେ ସନ୍ତୁଳି ହେଉଛି ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ । କୁନ୍ଦ୍ରା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗିଙ୍କୁ କୁନ୍ଦ୍ରା ସମେତ ବୋରିଗୁମ୍ମା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱ ଲଦିଛି ପ୍ରଶାସନ । ଏକାଧାରରେ କହିଲେ ଶ୍ରୀ ପାଙ୍ଗି ଏବେ ଦୁଇ ବ୍ଲକର ଗୁରୁତ୍ୱପୂର୍ଣ୍ଣ ପଦବୀର ଅଧିକାରୀ । ଏବେବି ବୋରିଗୁମ୍ମା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨ଟି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ପଦବୀ ଖାଲିପଡ଼ିଛି ।

ବୋରିଗୁମ୍ମା ବ୍ଲକରେ ୧୭ଟି କ୍ଲଷ୍ଟର (ସାଧାନକେନ୍ଦ୍ର)ରେ ଶିକ୍ଷାଦାନ ନିମନ୍ତେ ୮୦୦ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରିଚାଳନା କରିବା ପାଇଁ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସ୍ଥାୟୀ ଶିକ୍ଷାଧିକାରୀ ନଥିବା ହେତୁ କୁନ୍ଦ୍ରା ବ୍ଲକରେ କାର୍ଯ୍ୟରତ ଶିକ୍ଷାଧିକାରୀଙ୍କୁ ଡେପୁଟେସନରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ସପ୍ତାହରେ ମାତ୍ର ୨ରୁ ୩ ଦିନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣାପଡିଛି ।

ବୋରିଗୁମ୍ମା ବ୍ଲକକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣେ ମଣ୍ଡଳ ଶିକ୍ଷାଧିକାରୀ ଓ ୩ ଜଣ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ନିଯୁକ୍ତି ହେବା କଥା; କିନ୍ତୁ ୩୧ ପଞ୍ଚାୟତରେ ୨୩୯ଟି ବିଦ୍ୟାଳୟ ଥିବା ବେଳେ ଜଣେ ମାତ୍ର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ମାଝୀ ଦାୟିତ୍ୱରେ ଅଛନ୍ତି । ୩୧ ପଞ୍ଚାୟତ ପାଇଁ ଏକ ମାତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନେଇ ବୋରିଗୁମ୍ମା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟ କେମିତି ଚାଲିଥିବ ତାହା ଏବେ ବଡ ପ୍ରଶ୍ନବାଚୀ ? ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତୁରନ୍ତ ଖାଲି ପଦବୀ ଗୁଡିକ ପୂରଣ ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବି ।

## ଡଃ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀ ପାଳିତ




ହିଞ୍ଜିଳିକାଟୁ,୯।୭ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ରୟାଲ ପ୍ୟାଲେସ ଠାରେ ବିଜେପିର ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ବାର୍ଷିକୀ ଘୁମୁସର (ଆସ୍କା) ଜିଲ୍ଲା ସଭାପତି ବିଜୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଉତ୍ତମ ପାଣିଗ୍ରାହୀ, ଅରୁଣ କୁମାର ପଣ୍ଡା ମଂଚାସୀନ ରହିଥିଲେ । ଆଜିର ସମାଜରେ କିପରି ଛାତ୍ର ଓ ଯୁବକ ମାନେ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ପରି ନିଷ୍ଠାପର ହୋଇ ଦେଶମାତୃକା ପ୍ରତି ଭଲପାଇବା ସହ ଦେଶ ସେବାରେ ନିଜକୁ କିପରି ନିୟୋଜିତ କରିହେବ ସେ ବିଷୟରେ ଅତିଥି ମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ପଦାଧିକାରୀ ଓ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପୋତି ହୋଇଗଲାଣି ପୋଖରୀ, ନାଳ ଉପରେ ଭରସା



ସୁନ୍ଦରଗଡ଼,୯।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବେହେରାଡିହି ଗ୍ରାମପଞ୍ଚାୟତର ଜଡାକୁଦର ଗ୍ରାମରେ ୧୦୦ରୁ ଅଧିକ ପରିବାର ବାସ କରୁଛନ୍ତି। ଗ୍ରାମର ଏକମାତ୍ର ପୋଖରୀଟି ପୋତି ହୋଇଯାଇଥିବାରୁ ବ୍ୟବହାର ଉପଯୋଗୀ ରହିନାହିଁ। ଫଳରେ ଗ୍ରାମବାସୀମାନେ ବାଧ୍ୟ ହୋଇ ଏକମାତ୍ର ନାଳ ଉପରେ ନିର୍ଭର କରୁଛନ୍ତି। ବର୍ଷା ଦିନରେ ସେହି ନାଳରେ ଗୋଳିଆ ଓ ଅପରିଷ୍କାର ପାଣିରେ ଗାଧୋଇବାକୁ ପଡୁଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିପଦଜନକ। ସମାଜସେବୀ ଚନ୍ଦ୍ରଭାନୁ ଜୁରା ଜିଲ୍ଲା, ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଯାହାଦ୍ୱାରା ଶତାଧିକ ପରିବାରଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହୋଇପାରିବ।

## ଓଡ଼ିଶାରେ ପ୍ରଥମଃ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲରେ ଅତ୍ୟାଧୁନିକ ମଲିକ୍ୟୁଲାର ଡାଏଗ୍ନୋସିସ୍ ଓ ଜିନୋମିକ୍ସ ଲ୍ୟାବ୍



ଭୁବନେଶ୍ୱର,୯।୭ (ସଂଚାର ବ୍ୟୁରୋ)ଃ କର୍କଟ ରୋଗ ଓ ବଂଶଗତ ରୋଗର ସଠିକ୍ ନିର୍ଣ୍ଣୟ ଓ ବ୍ୟକ୍ତି କୈନ୍ଦ୍ରିକ ଚିକିତ୍ସା (ପ୍ରିସିଜନ୍ ମେଡିସିନ୍) କ୍ଷେତ୍ରରେ ଓଡ଼ିଶାର ପ୍ରଥମ ହସ୍ପିଟାଲ୍ ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏକ ଐତିହାସିକ ସଫଳତା ହାସଲ କରିଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ଏକ ସମ୍ପୂର୍ଣ୍ଣ ଇନ୍-ହାଉସ୍ ଜିନୋମିକ୍ସ ଲ୍ୟାବ୍ ସ୍ଥାପନ କରିଛି। ଏହା ଫଳରେ ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷା ପାଇଁ ରୋଗୀମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ।

ନେକ୍ସଟ ଜେନେରେସନ୍ ସିକ୍ୱେନ୍ସିଂ (ଏନ୍‌ଜିଏସ୍), ସାଇଟୋଜେନେଟିକ, ଫ୍ଲୁରେସେନ୍ସ ଇନ୍ ସିଟୁ ହାଇବ୍ରିଡାଇଜେସନ୍ (ଏଫ୍‌ଆଇଏସ୍‌ଏଚ) ଏବଂ ଅନ୍ୟ ମଲିକ୍ୟୁଲାର ପରୀକ୍ଷାଗୁଡ଼ିକ ଏହି ଅତ୍ୟାଧୁନିକ ଜିନୋମିକ୍ ପରୀକ୍ଷଣ ଲ୍ୟାବ୍‌ରେ କରାଯାଉଥିବା ସୂଚନା ଦେଇଛନ୍ତି ହସ୍ପିଟାଲର ମଲିକ୍ୟୁଲାର ଡାଏଗ୍ନୋସିସ୍ ଆଣ୍ଡ ଜିନୋମିକ୍ସ ବିଭାଗର ମୁଖ୍ୟ ଡାକ୍ତର ଶିବାଙ୍ଗୀ ହାରଣଖେଡକର। ପୂର୍ବରୁ ଓଡ଼ିଶାର ରୋଗୀମାନେ ଉନ୍ନତ ଜିନୋମିକ୍ ପରୀକ୍ଷା ପାଇଁ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ କିମ୍ବା ବେଙ୍ଗାଲୁରୁ ଭଳି ସହର ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ସୁବିଧା ଭୁବନେଶ୍ୱରରେ ଉପଲବ୍ଧ ହୋଇଥିବାରୁ ରୋଗୀମାନଙ୍କ ସମୟ ଓ ଖର୍ଚ୍ଚ ଉଭୟ ହ୍ରାସ ପାଇବ।

ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ବର୍ତ୍ତମାନ ଓଡ଼ିଶାର ଏକମାତ୍ର ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଯେଉଁଠାରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଜିନୋମିକ୍ସ ଲ୍ୟାବ୍ ରହିଛି। ଏହା କେବଳ ରୋଗୀ ସେବା ନୁହେଁ ମାତ୍ର ଡାକ୍ତରୀ ଛାତ୍ରଛାତ୍ରୀ, ସ୍ନାତକୋତର ଓ ସୁପରସ୍ପେଶାଲିଟି ରେସିଡେଂଟଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଏବଂ ଗବେଷଣାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହୋଇଛି।

## ସହରକୁ ଜଗିଛି ଅଚଳ କ୍ୟାମେରା

### ଦେଢ଼ ବର୍ଷରୁ ଅଧିକ ସମୟ ଧରି ବନ୍ଦ ସିସିଟିଭି

### ଅଭିଯୋଗ ପରେ ବି ବିଭାଗୀୟ ଦୃଷ୍ଟି ପଡୁନି



ଛତ୍ରପୁର,୯।୭ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ସହରର ବିଭିନ୍ନ ପ୍ରମୁଖ ଛକ ଓ ସମ୍ବେଦନଶୀଳ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକ ଦେଢ଼ ବର୍ଷରୁ ଅଧିକ ସମୟ ଧରି ଅଚଳ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ଫଳରେ ସହରର ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢ଼ିବା ସହ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।

ଅଚଳ ସିସିଟିଭି ଯୋଗୁଁ ବିଭିନ୍ନ ଅପରାଧ ଓ ଦୁର୍ଘଟଣା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଭିଡିଓ ପ୍ରମାଣ ମିଳୁନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା, ପ୍ରମାଣ ସଂଗ୍ରହ କରିବା ଓ ତଦନ୍ତକୁ ଆଗକୁ ବଢ଼ାଇବାରେ ପୁଲିସକୁ ସମସ୍ୟା ହେଉଛି। ଅନେକ ସମୟରେ ପ୍ରମାଣର ଅଭାବ ଯୋଗୁଁ ତଦନ୍ତ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହେଉଥିବା ଚର୍ଚ୍ଚା ହେଉଛି।

ଏପରି ପରିସ୍ଥିତିରେ ତଦନ୍ତ ପାଇଁ ଘରୋଇ ଓ ବ୍ୟବସାୟିକ ପ୍ରତିଷ୍ଠାନର କ୍ୟାମେରା ଫୁଟେଜ ହିଁ ମୁଖ୍ୟ ଭରସା ପାଲଟିଛି। କିନ୍ତୁ ସବୁ ସ୍ଥାନରେ ବେସରକାରୀ କ୍ୟାମେରା ନଥିବାରୁ ଅନେକ ଘଟଣାରେ ତଦନ୍ତ ବାଧାପ୍ରାପ୍ତ ହେଉଛି।

ସୂଚନା ଅନୁଯାୟୀ, ଗଞ୍ଜାମ ବ୍ଲକ ପ୍ରଶାସନ ପକ୍ଷରୁ ସାଂସଦ ପାଣ୍ଠିରେ ଏହି ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା। ତେବେ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ନ ଥିବାରୁ ଦୀର୍ଘଦିନ ଧରି ଅଚଳ ପଡ଼ିଥିବା କ୍ୟାମେରାଗୁଡ଼ିକର ମରାମତି ହୋଇପାରିନଥିବା ଜଣାପଡ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ସମସ୍ୟାର ସମାଧାନ ହେଉନାହିଁ। ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଗଞ୍ଜାମ ବିଡିଓଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗର ପ୍ରୟାସ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା।

ବାହାବା ବେଳେ ସମସ୍ତେ, ଦାୟିତ୍ୱ ବେଳେ କେହି ନାହାନ୍ତି! ସ୍ଥାପନ ସମୟରେ ଯେଉଁ ପ୍ରକଳ୍ପ ପ୍ରଶଂସା ସାଉଣ୍ଟିଥିଲା, ଆଜି ତାହାର ରକ୍ଷଣାବେକ୍ଷଣର ଦାୟିତ୍ୱ କାହାର, ସେ ପ୍ରଶ୍ନର ଉତ୍ତର ମିଳୁନାହିଁ। ସହରବାସୀଙ୍କ ଦାବି, ଅଚଳ ସିସିଟିଭିଗୁଡ଼ିକୁ ତୁରନ୍ତ ସଚଳ କରି ସହରର ସୁରକ୍ଷା ବ୍ୟବସ୍ଥାକୁ ପୁଣି ଥରେ ପ୍ରଭାବଶାଳୀ କରାଯାଉ।

## ତାଲା ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କାର ଚୋରି

ବେତନଟୀ,୯।୭ (ସଂଚାର ବ୍ୟୁରୋ)ଃ ବେତନଟୀ ସହରାଞ୍ଚଳ ସମେତ ଥାନା ଅଞ୍ଚଳରେ ଚୋର ଓ ଅସାମାଜିକ ଅପରାଧି ମାନଙ୍କ ଅପରାଧ ପ୍ରବଣତା ଦିନ କୁ ଦିନ ବୃଦ୍ଧି ପାଉଥିବା ଦେଖା ଯାଇଛି। ବେତନଟୀ ସହର ମଧ୍ୟରେ ଥିବା ଶଶାଙ୍କ ଶେଖର ଦଣ୍ଡପାଟଙ୍କ ବାସଗୃହର ତାଲା ଭାଙ୍ଗି ଚୋରମାନେ ଘରେ ପ୍ରବେଶ କରି ନଗଦ ଟଙ୍କା ସହିତ ସୁନା ଅଳଙ୍କାର ମୋବାଇଲ ଫୋନ ଓ ଅନ୍ୟାନ୍ୟ



ମୂଲ୍ୟବାନ ସାମଗ୍ରୀ ଚୋରି କରିନେଇ ଥିବାର ଥାନାରେ ଅଭିଯୋଗ ହୋଇଛି । ଘର ମାଲିକ ଗତ କିଛି ଦିନ ହେବ ଘରେ ତାଲା ମାରି ବନ୍ଧୁ ଘରକୁ ଯାଇଥିଲେ । ଚୋରମାନେ ଘର ମାଲିକ ନ ଥିବାର ଜାଣିବାକୁ ପାଇ ଗତକାଲି ୮/୭/୨୬ ରିଖ ବିଳମ୍ବିତ ରାତିରେ ଘରର ମୁଖ୍ୟ ତାଲା ଭାଙ୍ଗି ପ୍ରବେଶ କରିଥିବା ଦେଖାଯାଇଛି। ଘର ମାଲିକ ଖବର ପାଇ ଘରେ ପହଞ୍ଚି ଦେଖିବା ପରେ ଆଜି ବେତନଟୀ ଥାନାରେ ଲିଖିତ ଏତାଲା ଦେଇଥିବା ଏବଂ ପୁପୋଲିସ ପକ୍ଷରୁ ଅନୁସନ୍ଧାନ ଆରମ୍ଭ କରାଯାଇ ଥିବାର ଜଣା ଯାଇଛି। ତେବେ ଏହି ଖବର ଲେଖା ପର୍ଯ୍ୟନ୍ତ ଚୋରର କିମ୍ବା ଚୋରି କରିଥିବା ସଂପତ୍ତି ର କିଛି ଖୋଜ ଖବର ମିଳି ପାରି ନ ଥିବା ଘର ମାଲିକ ଗଣମାଧ୍ୟମକୁ ଜଣାଇଛନ୍ତି ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା

### ୧୩୨୦ ଛାତ୍ରୀଙ୍କୁ ମିଳିବ ସୁରକ୍ଷା କବଚ



ମାଲକାନଗିରି,୯।୭ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅଭିଯାନ ଆରମ୍ଭ କରାଯାଇଛି। ଜିଲ୍ଲାର ୭ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ୧୩୨୦ ଜଣ ଛାତ୍ରୀଙ୍କୁ ମ୍ୟାଲେରିଆ ଭଳି ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ଏହି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହୋଇଛି।

ବର୍ତ୍ତମାନ ସୁଦ୍ଧା ୨ଟି ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପୂର୍ଣ୍ଣ ହୋଇଥିବାବେଳେ, ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଅବଶିଷ୍ଟ ୫ଟି ବିଦ୍ୟାଳୟରେ ଏହି ପ୍ରକ୍ରିୟା ଶେଷ କରାଯିବ। ପ୍ରତ୍ୟେକ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ଅନୁଧ୍ୟାନ କରି ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ କାର୍ଯ୍ୟ କରୁଛନ୍ତି। ଏହି ଅଭିଯାନ ସମ୍ପର୍କରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି ଯେ ବାଳିକାମାନଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଜିଲ୍ଲା ପ୍ରଶାସନର ପ୍ରାଥମିକତା। ବିଦ୍ୟାଳୟରେ ପଢୁଥିବା ଛାତ୍ରୀମାନେ ଯେପରି ସୁସ୍ଥ ରହି ନିର୍ଭୟରେ ନିଜର ଶିକ୍ଷା ଜାରି ରଖିପାରିବେ, ସେଥିପାଇଁ ମ୍ୟାଲେରିଆ ନିରାକରଣ ପାଇଁ ଏହି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କୌଣସି ବି ଛାତ୍ରୀ ଯେପରି ଚିକିତ୍ସାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ପ୍ରଶାସନର ଏହି ତ୍ୱରିତ ଏବଂ ସମ୍ବେଦନଶୀଳ ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବା ସହ ଶିକ୍ଷା ବାତାବରଣ ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

## ଅନ୍ତ୍ୟୋଦୟ ଶ୍ରମିକ ସୁରକ୍ଷା ଯୋଜନାକୁ ନେଇ ସଚେତନତା ଅଭିଯାନ



ଖୋର୍ଦ୍ଧା,୯।୭ (ସଂଚାର ବ୍ୟୁରୋ)ଃ ଅସଂଗଠିତ କ୍ଷେତ୍ରର ଶ୍ରମିକ, କୃଷକ, ଦୈନିକ ମଜୁରିଆ ଏବଂ ନିମ୍ନ ଆୟ ବର୍ଗର ପରିବାରମାନଙ୍କୁ ଦୁର୍ଘଟଣାଜନିତ ବିପଦ ସମୟରେ ଆର୍ଥିକ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ପରିଚାଳିତ ଅନ୍ତ୍ୟୋଦୟ ଶ୍ରମିକ ସୁରକ୍ଷା ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଉଛି। ଅତ୍ୟନ୍ତ ସୁଲଭ ବାର୍ଷିକ ପ୍ରିମିୟମ୍ ମାତ୍ର ୨୮୯ ଦେଇ ଏହି ଯୋଜନାରେ ସାମିଲ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୫ ଲକ୍ଷ ପର୍ଯ୍ୟନ୍ତ ବୀମା ସୁରକ୍ଷା ମିଳୁଥିବାରୁ ଏହା ଆର୍ଥିକ ଭାବେ ଦୁର୍ବଳ ବର୍ଗ ପାଇଁ ଏକ ବଡ଼ ଆଶ୍ୱସ୍ତି ପାଲଟିଛି। ଏହି ଯୋଜନାରେ କେବଳ ଜୀବନ ବୀମା ନୁହେଁ, ଦୁର୍ଘଟଣା ପରେ ଚିକିତ୍ସା ବ୍ୟୟ ବାବଦକୁ ୫୦ ହଜାର ପର୍ଯ୍ୟନ୍ତ ସହାୟତା, କୋମା ବେନିଫିଟ୍ ଏବଂ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆର୍ଥିକ ସହଯୋଗ ମଧ୍ୟ ରହିଛି। ଫଳରେ ଅପ୍ରତ୍ୟାଶିତ ଦୁର୍ଘଟଣା ସମୟରେ ପରିବାର ଉପରେ ଆର୍ଥିକ ବୋଝ କମାଇବାରେ ଏହି ଯୋଜନା ସହାୟକ ହେଉଛି।

ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ଏହି ଯୋଜନାର ସୁବିଧା ପହଞ୍ଚାଇବା ପାଇଁ ଭାରତୀୟ ଡାକ ବିଭାଗ ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ (ଆଇପିପିବି) ପକ୍ଷରୁ ସଚେତନତା ଓ ନାମଲେଖା ଅଭିଯାନକୁ ବ୍ୟାପକ କରାଯାଉଛି। ଗ୍ରାମୀଣ ଡାକ ସେବକମାନେ ଘରେ ଘରେ ପହଞ୍ଚି ଯୋଜନାର ବିଭିନ୍ନ ସୁବିଧା, ନାମଲେଖା ପ୍ରକ୍ରିୟା ଏବଂ ବୀମା ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛନ୍ତି।

ଏହି ଅବସରରେ ଆୟୋଜିତ ସଚେତନତା ସଭାରେ କେରଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ମବରୁର୍ ହୁସେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ସାମାଜିକ ସୁରକ୍ଷା ଯୋଜନାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କେରଙ୍ଗ ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଝିଲି ସ୍ୱାଇଁ ଗ୍ରାମବାସୀଙ୍କୁ ଏହି ସୁଲଭ ବୀମା ଯୋଜନାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ।

# ଡିଜେ ସାଉଣ୍ଡ କଟକଣା କେବଳ କାଗଜରେ

### ଅସ୍ତରଙ୍ଗ-କାକଟପୁରରେ ବେଫିକର ଛାତିଥରା ସାଉଣ୍ଡ

### ରାତି ତମାମ ହାଇସାଉଣ୍ଡରେ ଅସ୍ତବ୍ୟସ୍ତ ଜନତା



କାକଟପୁର/ଅସ୍ତରଙ୍ଗ,୯।୭ (ସଂଚାର ବ୍ୟୁରୋ)ଃ ଏବେ ଚାଲିଛି ବିବାହ ଋତୁ। ଆଗକୁ ଗଣେଶ ପୂଜା, ଦୁର୍ଗାପୂଜା, କାଳୀପୂଜା, ସରସ୍ୱତୀ ପୂଜା। ପ୍ରତି ପୂଜାର ଭସାଣି ଓ ଶୋଭାଯାତ୍ରାରେ ଶବ୍ଦ କଟକଣା କଡାକଡି ଲାଗୁ ହେବ ବୋଲି ପୁଲିସ ଚେତାବନୀ ଦେଇଥିଲେ । କିନ୍ତୁ ପ୍ରଶ୍ନ ଉଠୁଛି କଟକଣା ଲାଗୁ ହେବ କେମିତି ? କାରଣ ଡିଜେ ସଂସ୍ଥା ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି ନାହିଁ ତାହା ପୁଲିସ ଯାଞ୍ଚ କରୁନି।

ଉଚ୍ଚ ଶବ୍ଦ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ମାନନୀୟ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସାଉଣ୍ଡ ସଂସ୍ଥା ପାଖରେ ସାଉଣ୍ଡ ଲିମିଟର ମେସିନ ରହିବା ବାଧ୍ୟତାମୂଳକ। ମେସିନର ସିରିୟଲ ନମ୍ବର ସାଉଣ୍ଡ ସଂସ୍ଥାର ବୁକିଂ ରସିଦରେ ଉଲ୍ଲେଖ ରହିବ। ସର୍ବାଧିକ ୬୫ ଡେସିବେଲରେ ସାଉଣ୍ଡ ବାଜିପାରିବ। ପୁଲିସ ଶୋଭାଯାତ୍ରା ଲାଇସେନ୍ସ ଦେବା ବେଳେ ଏହି ନିୟମକୁ କଡାକଡି ଯାଞ୍ଚ କରିବ ବୋଲି କୋର୍ଟ କହିଥିଲେ।

କିନ୍ତୁ ପୁରୀ ଜିଲ୍ଲାର ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ ଥାନା ଅଂଚଳରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ତଥ୍ୟ ଅନୁସାରେ ବର୍ଷ ବର୍ଷ ହେଲା ପୁଲିସ ପକ୍ଷରୁ ସାଉଣ୍ଡ ଲିମିଟର ମେସିନର ଯାଞ୍ଚ ହେଉନି। ଫଳରେ ଡିଜେ ସଂସ୍ଥା ପାଖରେ ମେସିନ ଅଛି କି ନାହିଁ, ସେମାନେ ତାହା ବ୍ୟବହାର କରୁଛନ୍ତି କି ନାହିଁ ସେ ନେଇ ପୁଲିସ ପାଖରେ କୌଣସି ସୂଚନା ନାହିଁ।

ପୂର୍ବରୁ ଅସ୍ତରଙ୍ଗ ଓ କାକଟପୁର ଥାନା ଅଂଚଳରେ ଉଚ୍ଚ ଶବ୍ଦ ପ୍ରଦୂଷଣ ଓ ଅନୁମତି ବିନା ସାଉଣ୍ଡ ବଜାଉଥିବାରୁ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ନେଇଥିଲା। କିନ୍ତୁ ବର୍ତ୍ତମାନ ଦୁଇ ଥାନାରେ ଅଧିକାରୀ ପରିବର୍ତ୍ତନ ହୋଇଛି। ନୂଆ ଅଧିକାରୀ ସାଉଣ୍ଡ ଲିମିଟର ମେସିନ ଯାଞ୍ଚ କରିବା ଦୂରର କଥା ଡିଜେ ଗାଡି ପାଖ ମାଡୁନି ପୋଲିସ ତାହା ସିଜ ହେଉ ନାହିଁ ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଲା, ଛାତ୍ରଛାତ୍ରୀଙ୍କ ପାଠପଢା ପ୍ରଭାବିତ ହେଉଛି। ବୃଦ୍ଧ ଓ ହୃଦରୋଗୀଙ୍କ ସ୍ୱାସ୍ଥ୍ୟ ବିପନ୍ନ ହେଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଥାଇ ବି ଯଦି ଯାଞ୍ଚ ନ ହୁଏ ତେବେ କଟକଣା କେବଳ କାଗଜରେ ସୀମିତ ରହିଯିବ। ଆଗକୁ ପାର୍ବଣ ଋତୁରେ ଛାତିଥରା ଡିଜେ ବାଜିଲେ ଶବ୍ଦ ପ୍ରଦୂଷଣ ଆହୁରି ବଢ଼ିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ



ଫୁଲବାଣୀ,୯।୭ (ସଂଚାର ବ୍ୟୁରୋ)ଃ ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁଡିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାମାକାନ୍ତ ମହାନ୍ତି, ଡି.ଏସ.ପି. ଫୁଲବାଣୀ ବ୍ରଜମୋହନ ପ୍ରଧାନ, ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି, ଜିଲ୍ଲା ଆଇନ ସେବା ସମୁଖି କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିକ୍ଷାର ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ଶିଶୁଙ୍କ ଅଧିକାର, ସୁରକ୍ଷା, ନିଶୁଳ୍କ ଆଇନ ସହାୟତା ନମ୍ବର-୧୫୧୦୦, ଶିକ୍ଷାର ଗୁରୁତ୍ୱ ଏବଂ ଆଇନଗତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସରଳ ଭାଷାରେ ଅବଗତ କରାଯାଇଥିଲା। ସେହିପରି ଶିଶୁ ନିର୍ଯାତନା, ବାଲ୍ୟବିବାହ, ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାରୁ ଦୂରେଇ ରହିବା ସହ ଆବଶ୍ୟକ ସ୍ଥଳରେ ଆଇନର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଥିଲା।

## ନାଇଜର'ର ପଞ୍ଚଦଶ ସମାବର୍ତ୍ତନ ଉତ୍ସବ

# ବିକଶିତ ଭାରତ ଗଠନରେ ଯୁବ ବୈଜ୍ଞାନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

● ଯୁବ ବୈଜ୍ଞାନିକ ଜ୍ଞାନକୁ ସାମାଜିକ ସମସ୍ୟାର ସମାଧାନ ପାଇଁ ବିନିଯୋଗ କରନ୍ତୁ: ମୁଖ୍ୟମନ୍ତ୍ରୀ

● ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ବଢ଼ୁଛି ମହିଳାଙ୍କ ଭାଗିଦାରୀ: ଧର୍ମେନ୍ଦ୍ର




**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଜଟଣୀସ୍ଥିତ ନାଇଜର କ୍ୟାମ୍ପସରେ ପଞ୍ଚଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି ଯେ ଆଜି ମହାନ ବୈଜ୍ଞାନିକ ହୋମି ଭାବା ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଆଜି ମୁଁ ମୋ ସମ୍ମୁଖରେ ଶତାଧିକ ହୋମି ଭାବାଙ୍କୁ ବସିଥିବାର ଦେଖିପାରୁଛି। କେବଳ ଗବେଷଣା ନୁହେଁ, ବରଂ ଜାତୀୟ ସୁରକ୍ଷା ଓ ଦୀର୍ଘସ୍ଥାୟୀ ବିକାଶ ପ୍ରତି ନାଇଜର'ର ଅଙ୍ଗୀକାରବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରୁଥିବା ବେଳେ ବିଜ୍ଞାନର ସାମର୍ଥ୍ୟ ହିଁ ଏହାର ସ୍ଥାୟୀ ସମାଧାନ ବାହାର କରିପାରିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବୈଜ୍ଞାନିକ ଦକ୍ଷତା ଏବେ କୌଣସି ବିକଳ୍ପ ନୁହେଁ, ବରଂ ଏହା ଆମ ପ୍ରଗତିର ମୂଳଦୁଆ। ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ଜିଜ୍ଞାସାକୁ ସଦାସର୍ବଦା ଜାଗ୍ରତ ରଖି ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବା ସହ ନିଜ ଜ୍ଞାନକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ଆଜି ଆପଣମାନେ କେବଳ ଏକ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ପାଉନାହାନ୍ତି, ବରଂ ସମାଜ ପ୍ରତି ଏକ ବଡ଼ ଦାୟିତ୍ୱକୁ ନିଜ କାନ୍ଧକୁ ନେଉଛନ୍ତି। ବିଶ୍ୱରେ ସମସ୍ତ ସମସ୍ୟାର ସମାଧାନ କେବଳ ବିଜ୍ଞାନ ମାଧ୍ୟମରେ ହିଁ ସମ୍ଭବ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ନାତକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଆଜି ଉତ୍ତୀର୍ଣ୍ଣ ହେଉଥିବା ଯୁବପିଢ଼ି ବିଜ୍ଞାନ, ଗବେଷଣା ଓ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ବିଶେଷ ଅବଦାନ ରଖୁଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରଗତି ହିଁ ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ। ଆମର ଯୁବ ଗବେଷକ ଓ ସ୍ନାତକମାନେ କେବଳ ଡିଗ୍ରୀ ହାସଲ କରିନାହାନ୍ତି, ବରଂ ଦେଶର ବିକାଶ ଓ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ପାଇଁ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛନ୍ତି। ଯୁବ ବୈଜ୍ଞାନିକମାନେ ସେମାନଙ୍କର ଜ୍ଞାନକୁ ସମାଜର ତୃଣମୂଳ ସ୍ତରର ସମସ୍ୟାର ସମାଧାନ ପାଇଁ ବିନିଯୋଗ କରିବା ଉଚିତ ବୋଲି ସେ କହିଥିଲେ।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଇଜରକୁ ଏକ ଅନନ୍ୟ ଅନୁଷ୍ଠାନ ଭାବେ ବର୍ଣ୍ଣନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ଏହି କ୍ୟାମ୍ପସକୁ ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆଜି ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଗସ୍ତ କରିବା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷାରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଉଥିବା ବିଷୟରେ ସୂଚନା ଦେଇ ନାଇଜର ଭୁବନେଶ୍ୱରରେ ଏହି ହାର ୪୦ ପ୍ରତିଶତ ଛୁଇଁଥିବାରୁ ସେ ଏଥିରେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

● ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି

**ବ୍ରହ୍ମପୁର,୯।୭(ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରରୁ ଆସିଛି ଏକ ଚାଞ୍ଚଲ୍ୟକର ଘଟଣା। ଲୋଚାପଡ଼ା ଅଞ୍ଚଳର ବାସୁଦେବ ନଗରରେ ଜଣେ ଯୁବତୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ତେବେ ମହିଳା ଜଣଙ୍କ କେଉଁଥିପାଇଁ ଏପରି ଉଦ୍ୟମ କରିଛନ୍ତି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମ୍ସ ଭୁବନେଶ୍ୱରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ମହିଳା ଜଣଙ୍କ ପାରିବାରିକ କଳହ ଯୋଗୁଁ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି। ସେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ବେଳେ ଆଜି ସକାଳୁ ତାଙ୍କ ନିକଟକୁ ଯାଇଥିଲେ। ତେବେ ସେଠାରେ ସେ ନିଜେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି କି ତାଙ୍କୁ କେହି ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି, ତା' ସ୍ପଷ୍ଟ ହୋଇପାରିନାହିଁ। ତେବେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣା ନେଇ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଓ ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା ଚାଲିଛି।

## ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚିଲିକାରେ ଫସିଲା ଲଞ୍ଚ୍

● ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଉଦ୍ଧାର



**ଚିଲିକା,୯।୭(ସଂଚାର ବ୍ୟୁରୋ):** ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମଝି ଚିଲିକାରେ ଏକ ଯାତ୍ରୀବାହୀ ଲଞ୍ଚ ଫସିଯାଇଥିବା ବେଳେ ସେଥିରେ ଥିବା ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବାଲୁଗାଁଠାରୁ କୃଷ୍ଣପ୍ରସାଦ ଗଡ଼ ଅଭିମୁଖେ ଆସୁଥିବା ଏହି ଯାତ୍ରୀବାହୀ ଲଞ୍ଚଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚିଲିକା ମଧ୍ୟରେ ଅଟକି ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ବାଲୁଗାଁରୁ କୃଷ୍ଣପ୍ରସାଦଗଡ଼ ଜେଟି ଅଭିମୁଖେ ଯାଉଥିବା ଏହି ଯାତ୍ରୀବାହୀ ଲଞ୍ଚଟି ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚିଲିକାର ମଝିରେ ଅଚଳ ହୋଇପଡ଼ିଥିଲା। ଫଳରେ ଲଞ୍ଚରେ ଥିବା ୫୦ରୁ ଅଧିକ ଯାତ୍ରୀ ଘଣ୍ଟାଏରୁ ଅଧିକ ସମୟ ଧରି ପାଣି ମଝିରେ ଫସି ରହିଥିଲେ। ଲଞ୍ଚରେ ଯାତ୍ରୀଙ୍କ ସହ ଅନେକ ବାଇକ୍ ମଧ୍ୟ ରହିଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ତୁରନ୍ତ ୩ଟି ଡଙ୍ଗା ନେଇ ଚିଲିକା ମଝିରେ ପହଞ୍ଚିଥିଲେ। ବହୁ ପରିଶ୍ରମ ପରେ ଲଞ୍ଚକୁ ଟାଣି ଟାଣି ସୁରକ୍ଷିତ ଭାବେ ଘାଟ ନିକଟକୁ ଆଣିବାରେ ସଫଳ ହୋଇଥିଲେ। ଦୀର୍ଘ ସମୟର ଉଦ୍‌ବେଗ ଓ କସରତ ପରେ ଶେଷରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ କୌଣସି ଜୀବନ ହାନି କିମ୍ବା ଅନ୍ୟ କ୍ଷତି ଘଟି ନ ଥିବା ସୂଚନା ମିଳିଛି। ଏହି ଘଟଣା ପୁଣିଥରେ ଚିଲିକାରେ ଚଳାଚଳ କରୁଥିବା ଜଳଯାନର ସୁରକ୍ଷା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

● ଦୁର୍ଘଟଣା ପିଛା ଛାଡ଼ୁନି

## ବାଇକ୍ ଆରୋହୀଙ୍କୁ ଘୋଷାଡ଼ି ନେଲା 'ଆମ ବସ୍'

**କଟକ,୯।୭(ସଂଚାର ବ୍ୟୁରୋ):** 'ଆମ ବସ୍' ପିଛା ଛାଡ଼ୁନି ଦୁର୍ଘଟଣା। ଆଜି କଟକ ବାଦାମବାଡ଼ି ଥାନା ମଲାଚଣ୍ଡିଆ ଛକରେ 'ଆମ ବସ୍' ଡ୍ରାଇଭର୍ ଦୁର୍ଘଟଣା ଘଟାଇଛନ୍ତି। ଜଣେ ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଯାଇଛି 'ଆମ ବସ୍'। ଗୁରୁତର ଅବସ୍ଥାରେ ଉକ୍ତ ବାଇକ୍ ଆରୋହୀଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ 'ଆମ ବସ୍' ଡ୍ରାଇଭର୍ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି।



ମିଳିଥିବା ସୂଚନାନୁସାରେ, କଟକ ସହରର ମଲା ଚଣ୍ଡିଆ ଛକରେ ଦୁର୍ଘଟଣା ଘଟାଇଛି 'ଆମ ବସ୍'। ୧୮ ନମ୍ବର୍ ରୁଟ୍‌ରେ ଯାଉଥିବା ଉକ୍ତ ବସ୍‌ଟି ନେତାଜୀ ବସ୍ ଟର୍ମିନାଲ ମଧ୍ୟକୁ ପ୍ରବେଶ କରିବା ସମୟରେ ବାମ ପଟେ ଏକ ବାଇକ୍‌କୁ ଧକ୍କା ଦେବା ସହ ବାଇକ୍ ଓ ବାଇକ୍ ଆରୋହୀଙ୍କୁ ପ୍ରାୟ ୫୦ ଫୁଟ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏହାକୁ ଦେଖି ଜଣେ ପ୍ରତ୍ୟକ୍ଷଦର୍ଶୀ ବେହୋସ ହୋଇଯାଇଥିଲେ। ଗୋଟିଏ ପଟେ ବସ୍ ତଳେ ବାଇକ୍ ଆରୋହୀ ଜଣଙ୍କ ଗୁରୁତର ଅବସ୍ଥାରେ ଫସି ରହିଥିବା ବେଳେ ସ୍ଥାନୀୟ ଶତାଧିକ ବାସିନ୍ଦା ବସ୍‌କୁ ଟେକି ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ବାଦାମବାଡ଼ି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲେ।

## ଗ୍ୟାସ୍ ଟାଙ୍କି ଲିକ୍‌ରୁ ଅଗ୍ନିକାଣ୍ଡ

● ବଡ଼ ବିପତ୍ତିରୁ ବର୍ତ୍ତିଲେ ଲୋକେ



**ବାଂଶପାଳ,୯।୭(ସଂଚାର ବ୍ୟୁରୋ):** ଆଜି ବାଂଶପାଳ ହାଟପଡ଼ିଆରେ ସାପ୍ତାହିକ ହାଟ ଚାଲିଥିବା ସମୟରେ ହଠାତ୍ ଏକ ଟିଫିନ୍ ସେଣ୍ଟରରେ ଗ୍ୟାସ୍ ଟାଙ୍କି ଲିକ୍ ହୋଇ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥଲା। ଦୋକାନୀ ଓ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସକାଶେ ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ବାହିନୀର ତତ୍ପରତା ଯୋଗୁଁ ସ୍ଥାନୀୟ ଲୋକେ ଅଳ୍ପକେ ବଡ଼ ଧରଣର ବିପତ୍ତିରୁ ବର୍ତ୍ତିଯାଇଛନ୍ତି। ଆଜି ହାଟ ବାରି ଥିବାରୁ ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କିନ୍ତୁ ଏହି ଅଗ୍ନିକାଣ୍ଡ ବ୍ୟାପକ ରୂପ ନେବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରାଯାଇଥିବାରୁ କୌଣସି ବିଶେଷ କ୍ଷତି ଘଟିନାହିଁ। ଏଥିପାଇଁ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀର ତତ୍ପରତାକୁ ପ୍ରଶଂସା କରିଛନ୍ତି।

## ମାଟିରେ ମିଶିଲା ୬ ହତ୍ୟା ଅଭିଯୁକ୍ତଙ୍କ ଘର

● ପଶିପାରିଲାନି ବୁଲଡୋଜର, ଶାବଳରେ ଭାଙ୍ଗିଲେ

**ରାଉରକେଲା,୯।୭(ସଂଚାର ବ୍ୟୁରୋ):** ମାଟିରେ ମିଶିଲା ନିଶା ବେପାରୀ ସହ ୬ ହତ୍ୟା ଅଭିଯୁକ୍ତଙ୍କ ଘର। ରାଉରକେଲା ପୁଲିସ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିଲା। ତେବେ ଉକ୍ତ ଘରଗୁଡ଼ିକ ଉପରେ ବୁଲ୍‌ଡୋଜର୍ ଚଢ଼ିବାର ଥିଲା। କିନ୍ତୁ ଗଳି ଦେଇ ବୁଲଡୋଜର ଯାଇ ନ ପାରିବାରୁ ଶେଷରେ ଶାବଳ ସହ ବଡ଼ ହାତୁଡ଼ିରେ ଭାଙ୍ଗି ଉକ୍ତ ଘରଗୁଡ଼ିକୁ ମାଟିରେ ମିଶାଇଦିଆଯାଇଥିଲା। ହତ୍ୟା ଅଭିଯୁକ୍ତ ଚିନୁ ହରିପା, କାଳିଆ ନାୟକ, ଛୋଟୁ ନାୟକ, ବାବୁ ଲଣ୍ଡା ଓରଫ ସନ୍ତୋଷ ନାୟକ ସହ ରୋହିତ୍ ହରିପାର ଘରକୁ ଆଜି ଭଙ୍ଗାଯାଇଛି। ସେକ୍ଟର ୭ ଥାନା ଅନ୍ତର୍ଗତ ନାରାୟଣୀ ବସ୍ତିରେ ଷ୍ଟିଲ ପ୍ଲାଣ୍ଟ ଜମିରେ ବେଆଇନ ଭାବେ ଘର କରି ଏହି ଅଭିଯୁକ୍ତମାନେ ବ୍ରାଉନସୁଗର ବେପାର ଚଳାଇଥିଲେ। ତେବେ ନାରାୟଣୀ ବସ୍ତିକୁ ଲାଗିଥିବା ରାମେଶ୍ୱର ବସ୍ତିର ଜନୈକ ଯୁବକ ଏହାକୁ ବାରଣ କରୁଥିଲେ। ଏହାକୁ ନେଇ ଗତ ୧୬ ତାରିଖ ପୂର୍ବାହ୍ନରେ ଘଟିଥିଲା ହତ୍ୟାକାଣ୍ଡ। ସଂଘବଦ୍ଧ ଭାବେ ଆକ୍ରମଣ କରି ଉକ୍ତ ୬ ଜଣ ଅଭିଯୁକ୍ତ ଖଣ୍ଡାରେ ରାମେଶ୍ୱର ବସ୍ତିର ଯୁବକ ତୋଫାନ ବିନ୍ଧାଣୀଙ୍କ ବେକକୁ ଚୋଟ ପକାଇ ହତ୍ୟା କରିଥିଲେ। ଏଥିରେ ତୋଫାନଙ୍କ ବନ୍ଧୁ ଶୁଭେନ୍ଦୁ ସେଠୀ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ପରେ ୨୦ ତାରିଖରେ ଦୁଇ ହତ୍ୟା ଅଭିଯୁକ୍ତ ଚିନୁ ହରିପା ସହ ସନ୍ତୋଷ ନାୟକକୁ ରାଉରକେଲା ପୁଲିସ ଗିରଫ କରିଥିଲା। ଏନ୍‌କାଉଣ୍ଟର ପରେ ଆଉ ତିନି ଅଭିଯୁକ୍ତଙ୍କୁ ପୁଲିସ୍ ଜେଲ୍‌କୁ ପଠାଇ ଦେଇଛି। କିନ୍ତୁ ଅନ୍ୟମାନେ ଏବେବି ଫେରାର ଅଛନ୍ତି। ଅନ୍ୟପକ୍ଷରେ ତୋଫାନଙ୍କ ମା' ଓ ଭଉଣୀ ଘର ଭାଙ୍ଗିବା ପରେ ପୁଣି ଅଭିଯୁକ୍ତମାନେ ଫେରି ସେମାନଙ୍କ ଉପରେ ଆକ୍ରମଣ କରିବା ଆଶଙ୍କା ପ୍ରକଟ କରିଛନ୍ତି। ତେଣୁ ଅଭିଯୁକ୍ତମାନେ ଯେପରି ବସ୍ତିକୁ ଆଉ ଫେରିବେ ନାହିଁ ଓ ଭଙ୍ଗାଯାଇଥିବା ଘର ଉପରେ ପୁଣିଥରେ ଘର ନ ତୋଳିବେ, ସେ ଦିଗରେ ବ୍ୟବସ୍ଥା କରିବାକୁ ତୋଫାନ୍‌ଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।






ଲୋକଭବନରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ସୁରମା ପାଢ଼ୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

## ଚାକିରି ନାଁରେ ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

**ସୁନ୍ଦରଗଡ଼,୯।୭(ସଂଚାର ବ୍ୟୁରୋ):** ଚାକିରି କରାଇ ଦେବାକୁ କହି ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗ। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ ହୋଇଛି। ସଦର ମହାନ୍ତିପଡ଼ାର ଉମା ନାୟକ ଓ ତାଙ୍କ ସ୍ୱାମୀ ଲିଙ୍ଗରାଜ ନାୟକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ସମ୍ପର୍କୀୟ ଝିଆରୀ ଭାନୁମତୀ ନାୟକ ତାଙ୍କ ଝିଅଙ୍କୁ କୋର୍ଟରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ଦୁଇଟି କିସ୍ତିରେ ୨ ଲକ୍ଷ ଟଙ୍କା ଲେଖାଏଁ ମୋଟ ୪ ଲକ୍ଷ ଟଙ୍କା ନଗଦ ନେଇଥିଲେ। ଦୀର୍ଘ ଦିନ ବିତିଥିଲେ ମଧ୍ୟ ଚାକିରି ନ ହେବାରୁ ବାରମ୍ବାର ଟଙ୍କା ଫେରାଇବା ପାଇଁ କହିଥିଲେ। ହେଲେ ସେ ଟଙ୍କା ଫେରାଇ ନ ଥିଲେ। ପରେ ଉଭୟ ସ୍ୱାମୀ-ସ୍ତ୍ରୀ ବଣାଇରେ ଥିବା ଭାନୁମତୀ ନାୟକଙ୍କ ବାସଭବନକୁ ଯାଇ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉମାଙ୍କୁ ଧମକ ସହ ମାରପିଟ ଓ ଠେଲାପେଲା କରାଯାଇଥିଲା। ଘଟଣା ପରେ ଉଭୟ ସ୍ୱାମୀ-ସ୍ତ୍ରୀ ବଣାଇ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଏନେଇ ପୋଲିସ ତା'ର ତଦନ୍ତ ଜାରି ରଖିଛି।

## ନିଖୋଜ ୧୫ ମତ୍ସ୍ୟଜୀବୀ ମଧ୍ୟରେ ବାଲେଶ୍ୱରର ୩ ଭାଇ

**ବାଲେଶ୍ୱର,୯।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ଲଘୁଚାପ କାରଣରୁ ସମୁଦ୍ର ଅଶାନ୍ତ ରହିଛି। ଏଭଳି ସ୍ଥିତିରେ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ମା' କାଳୀ ନାମକ ଏକ ମାଛଧରା ଟ୍ରଲର ଗତ ରବିବାର ୧୫ ଜଣ ମତ୍ସ୍ୟଜୀବୀଙ୍କୁ ନେଇ ସମୁଦ୍ର ଭିତରକୁ ଯାଇଥିଲା। ଇଲିସି ମାଛ ସନ୍ଧାନରେ ବାହାରିଥିବା ଏହି ମତ୍ସ୍ୟଜୀବୀମାନେ ଉତ୍ତାଳ ଢେଉରେ ନିଖୋଜ ହୋଇଯାଇଛନ୍ତି। ଅଦ୍ୟାବଧି ସେମାନଙ୍କର କୌଣସି ପତ୍ତା ମିଳିପାରିନଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଜଣ ବାଲେଶ୍ୱର ବାସିନ୍ଦା ଅଛନ୍ତି। ସେମାନେ ସମ୍ପର୍କରେ ଭାଇ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ରବୀନ୍ଦ୍ର ମାଝୀ, ଜଗନ୍ନାଥ ମାଝୀ ଓ ଜୟରାମ ମାଝୀ। ଏହାଛଡ଼ା ସେମାନଙ୍କ ସହ ପଶ୍ଚିମବଙ୍ଗର ୧୨ ଜଣ ମଧ୍ୟ ନିଖୋଜ ଅଛନ୍ତି। ଉକ୍ତ ତିନି ଭାଇଙ୍କ ଘର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଉଲୁଡା ଗ୍ରାମରେ ବୋଲି ଜଣାପଡ଼ିଛି। ଦୀଘା- ଶଙ୍କରପୁର ଫିସାର ଏଣ୍ଡ ଫିସେସ ଆସୋସିଏସନ ପକ୍ଷରୁ ଦୀଘା ଓ ମନ୍ଦାରମଣି ସାମୁଦ୍ରିକ ଥାନାକୁ ସେମାନଙ୍କ ନିଖୋଜ ସମ୍ପର୍କରେ ସୂଚନା ଦେବା ପରେ ସମସ୍ତ ମତ୍ସ୍ୟଜୀବୀଙ୍କ ସନ୍ଧାନରେ ଏକ ହେଲିକପ୍ଟର ସମୁଦ୍ର ଆକାଶରେ ଚକ୍କର ମାରୁଛି। ତେବେ ପାଗ ପ୍ରତିକୂଳ ଥିବାରୁ ମତ୍ସ୍ୟଜୀବୀଙ୍କ ସନ୍ଧାନରେ ବିଳମ୍ବ ହେଉଛି। ମତ୍ସ୍ୟଜୀବୀଙ୍କ ପତ୍ତା ମିଳୁ ନ ଥିବାରୁ ପରିବାରର ଆତ୍ମୀୟସ୍ୱଜନ ସେମାନଙ୍କ ସକାଶେ ପୂଜାର୍ଚ୍ଚନା କରୁଛନ୍ତି।



## ପୋଖରୀରେ ଦୁଇ ଛାତ୍ରଙ୍କ ସଲୀଳ ସମାଧି

**ରେଢ଼ାଖୋଲ,୯।୭(ସଂଚାର ବ୍ୟୁରୋ):** ଦୁଇ ଛାତ୍ରଙ୍କ ସଲୀଳ ସମାଧି ଘଟିଛି। ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ବଡ଼ହିନ୍ଦୋଳ ଗ୍ରାମରେ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି। ପାଣିରେ ବୁଡ଼ିଯିବା ଯୋଗୁଁ ୨ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ରମାନେ ହେଲେ ଶ୍ରୀକାନ୍ତ ମୁଣ୍ଡାଙ୍କ ୬ ବର୍ଷର ପୁଅ ସିଦ୍ଧାନ୍ତ ଓ ଅଭି ମୁଣ୍ଡାଙ୍କ ୭ ବର୍ଷର ପୁଅ କୁଆଁର। ଦୁହେଁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିଲେ। ମିଳିଥିବା ସୂଚନାନୁଯାୟୀ, ଗତକାଲି ଅପରାହ୍ନ ପ୍ରାୟ ୪ଟା ବେଳେ ସ୍କୁଲ ଛୁଟି ହେବା ପରେ ସିଦ୍ଧାନ୍ତ ମୁଣ୍ଡା ଓ କୁଆଁର ମୁଣ୍ଡା ସାଙ୍ଗ ହୋଇ ଘରକୁ ଫେରୁଥିଲେ। ତେବେ ସେମାନେ ଘରକୁ ନ ଆସି ଗ୍ରାମ ନିକଟସ୍ଥ ଜମିରେ ଖୋଳାଯାଇଥିବା ଏକ ପୋଖରୀକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଉଭୟ ଛାତ୍ରଙ୍କ ବାପା-ମା' ବାହାରକୁ କାମ କରିବାକୁ ଯାଇ ରାତିରେ ଘରକୁ ଫେରିବା ପରେ ପୁଅ ଘରେ ନ ଥିବା ଦେଖିଥିଲେ। ପରିବାର ଲୋକେ ଆଖପାଖରେ ଖୋଜାଖୋଜି କରିବା ପରେ ପୋଖରୀରେ ସେମାନଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁଇ ଛାତ୍ରଙ୍କ ମୃତଦେହକୁ ଜବତ କରି ଆଜି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦେଶର ସବୁ କୋଣକୁ ଛୁଇଁଲା ମୌସୁମୀ, ସ୍ପଷ୍ଟ କଲା ଆଇଏମ୍‌ଡ଼ି



**ଭୁବନେଶ୍ୱର,୯।୭:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକଠାରୁ ଗୋଟିଏ ଦିନ ବିଳମ୍ବରେ ଜୁଲାଇ ୯ ଗୁରୁବାର ସୁଦ୍ଧା ସମଗ୍ର ଭାରତକୁ ସ୍ପର୍ଶ କରିଛି। ଏ ପର୍ଯ୍ୟନ୍ତ ଦେଶରେ ମୋଟ ୧୯୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ କହିଛି, ଏହି ପରିମାଣର ବର୍ଷା ସ୍ୱାଭାବିକଠାରୁ କମ୍। ବର୍ତ୍ତମାନ ସୁଦ୍ଧା ୨୩୦.୪ ମିମି ବର୍ଷା ହେବା କଥା। କିନ୍ତୁ ସମ୍ପ୍ରତି ମୌସୁମୀଜନିତ ବର୍ଷା ବୃଦ୍ଧି ପାଇଥିବାରୁ ଏହା ତଳିତ ଖରିଫ ଋତୁରେ ଚାଷୀମାନଙ୍କ ପାଇଁ ଲାଭକାରୀ ହେବ।

## ଛତୁ ତୋଳିବାକୁ ଯାଇଥିବା ନାବାଳିକାଙ୍କୁ ଦୁଷ୍କର୍ମ

**ଟିକିରି,୯।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ସମୟରେ ଜନୈକା ନାବାଳିକାଙ୍କୁ ଜୋର ଜବରଦସ୍ତି ଉଠାଇ ନେଇ ଦୁଷ୍କର୍ମ କରାଯାଇଛି। ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଛି। ରାୟଗଡ଼ା ଜିଲ୍ଲାର କାଶିପୁର ବ୍ଲକ ଅନ୍ତର୍ଗତ ଭାଲୁମାସ୍କା ଅଞ୍ଚଳରେ ଘଟିଛି ଏହି ଦୁଷ୍କର୍ମ ଘଟଣା। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ବାରମ୍ବାର ଯୁବକ ତାଙ୍କୁ ଦୁଷ୍କର୍ମ କରିବା ସକାଶେ ଉଦ୍ୟମ କରିଥିଲେ। ଏପରିକି ତାଙ୍କୁ ବିବାହ କରିବା ସକାଶେ ଅଭିଯୁକ୍ତ ଜିଦ୍ କରିବାରୁ ପୀଡ଼ିତା ଜଣଙ୍କ ବିଷ ଫଳ ଖାଇ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତ ଜଣକ ସିରିପାଇ ପଞ୍ଚାୟତର କଇଁତଲା ଗ୍ରାମର ସିଙ୍ଗି ମାଝୀଙ୍କ ପୁଅ ଗୁରୁ ମାଝୀ ବୋଲି ଜଣାପଡ଼ିଛି। ପୀଡ଼ିତା ନାବାଳିକାଙ୍କ ପରିବାର ପକ୍ଷରୁ କାଶିପୁର ଥାନାରେ ଅଭିଯୋଗ କରାଯିବା ପରେ ଅଭିଯୁକ୍ତ ଗୁରୁକୁ ପୁଲିସ ଗିରଫ କରିବା ସହ ପକ୍ସୋ ଆଇନ ଅନୁସାରେ କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନାନୁସାରେ, ନାବାଳିକା ଜଣଙ୍କ ଛତୁ ତୋଳିବା ନିମନ୍ତେ ସାଙ୍ଗମାନଙ୍କ ସହ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ତେବେ ଏହାର ସୁଯୋଗ ନେଇ ପାଖ ଗାଁର ଯୁବକ ଗୁରୁ ତାଙ୍କୁ ସେଠାରୁ ଉଠାଇ ନେବା ସହ ଜୋର୍ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା। ଏପରିକି ସେ ତାକୁ ବିବାହ କରିବା ସକାଶେ ନିକଟରେ ଥିବା ଏକ ମନ୍ଦିରକୁ ନେଇଥିଲା। ଏହାର ବିରୋଧ କରି ନାବାଳିକା ଜଣଙ୍କ ଜଙ୍ଗଲୀ ବିଷଫଳ ଖାଇଦେଇଥିଲେ। ଫଳରେ ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ପରିବାର ସୂତ୍ରରୁ କୁହାଯାଇଛି।

## ପିଲାଙ୍କ ସହ ମଧ୍ୟାହ୍ନଭୋଜନ କଲେ ଜିଲ୍ଲାପାଳ

**ଝାରସୁଗୁଡ଼ା,୯।୬(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଛାତ୍ରଛାତ୍ରୀଙ୍କୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଛନ୍ତି। ଏଥିସହ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ ଖାଇବା ସହ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ବଜାୟ ରଖିବାକୁ ବ୍ଲକ ଶିକ୍ଷା ଅଧିକାରୀ ଓ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁରସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ହଠାତ ପରିଦର୍ଶନ କରି ସେଠାକାର ଶିକ୍ଷାଦାନ ଓ ଅନ୍ୟାନ୍ୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

● ୯.୯୦ ଲକ୍ଷ ଟଙ୍କାର ପ୍ରୋଜେକ୍ଟରେ ଶ୍ରମିକ ମଜୁରୀ ୬.୪୫ ଲକ୍ଷ

# ପ୍ଲାଏ ପାର୍ଟିସନ୍‌ରେ ଦୁର୍ନୀତିର ଗନ୍ଧ, ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ୍‌ରେ କିଭଳି ଭାବେ ସରକାରୀ ଟଙ୍କା ଲୁଟ୍ ହୋଇଛି, ସେନେଇ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ କନ୍ଷ୍ଟ୍ରକସନ୍ ଅଫ୍ ନନ୍‌ରେସିଡେନସିଆଲ ଫଣ୍ଡସ୍-୨୦୨୫-୨୫ ଆର୍ଥିକ ବର୍ଷରେ କେନ୍ଦ୍ରାପଡ଼ା ବ୍ଲକ୍‌କୁ ୯ ଲକ୍ଷ ୯୦ ହଜାର ଟଙ୍କାର ଅନୁଦାନ ଆସିଥିଲା। ସେହି ଅନୁଦାନ ଜରିଆରେ ବ୍ଲକର ୨/୩ଟି ରୁମ୍‌କୁ ସଂକୁଚିତ କରି ପ୍ଲାଏ ପାର୍ଟିସନରେ ଏହି ଟଙ୍କା ଖର୍ଚ୍ଚ ହୋଇଥିବା ଉଦ୍ଦିଷ୍ଟ ବିଲ୍‌ରୁ ଜଣାପଡ଼ିଛି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ସନ୍ଦେହ କରାଯାଉଛି। ତେଣୁ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ, ଏଥିରେ ହୋଇଥିବା ଦୁର୍ନୀତି ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ମିଳିଥିବା ସୂଚନାନୁସାରେ, କେନ୍ଦ୍ରାପଡ଼ା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, କାର୍ଯ୍ୟାଳୟର ମରାମତି ଓ ରଙ୍ଗଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଛି। ୨୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଥିବା ବେଳେ ଗୃହ ନିର୍ମାଣ, ମରାମତି, ରାସ୍ତା, ପୋଖରୀ ଉନ୍ନତିକରଣ ଓ ରଙ୍ଗଦେବା ଭଳି ବିଭିନ୍ନ ସରକାରୀ ଯୋଜନାରେ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇ ହରିଲୁଟ୍ କରାଯାଉଛି। ନିକଟରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟର ଗୃହ ମରାମତି, ପ୍ଲାଏ ପାର୍ଟିସନ ନିମନ୍ତେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅମ୍ବର ରାଉତଙ୍କ ନାମରେ କାର୍ଯ୍ୟାଦେଶ ଆସିଥିଲା। ଏହି ପ୍ଲାଏ ପାର୍ଟିସନ ଓ ଆନୁଷଙ୍ଗିକ କାର୍ଯ୍ୟ ନିମନ୍ତେ ପ୍ରାୟ ୯ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଅଟକଳ ଅନୁଯାୟୀ ଏହି କାର୍ଯ୍ୟ କରାଯାଉନାହିଁ। କିନ୍ତୁ ଏହି କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବବେଳେ ଏହା ମାଧ୍ୟମରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିଯାଇଛି। ଏହି କାର୍ଯ୍ୟ କରିବା ପାଇଁ ଯେଉଁ ଟଙ୍କା ଖର୍ଚ୍ଚ କରାଯାଇଛି, ତାହା ନନ୍-ରେସିଡେନ୍ସିଆଲ ଫଣ୍ଡସରୁ ଆସିଛି, ଯାହାକି କୌଣସି ଜରୁରୀକାଳୀନ କାର୍ଯ୍ୟ କରାଯିବା ସକାଶେ ଉଦ୍ଦିଷ୍ଟ। ବ୍ଲକର ଦ୍ୱିତୀୟ ମହଲାରେ ହୋଇଥିବା ପ୍ଲାଏ ପାର୍ଟିସନରେ ଯନ୍ତ୍ରୀମାନଙ୍କ ପାଇଁ ବସିବା ଘରକୁ ସଙ୍କୁଚିତ କରିଦିଆଯାଇଛି। ସେହିପରି ଯନ୍ତ୍ରୀମାନଙ୍କ ପାଇଁ ବାଥରୁମର ଆବଶ୍ୟକତା ଥିଲେ ବି ସେଥିପ୍ରତି ଆଦୌ ଦୃଷ୍ଟି ଦିଆଯାଇନାହିଁ। ଏପରିକି ଉପଲବ୍ଧ ଥିବା ଏକମାତ୍ର ବାଥରୁମ୍‌ର ମରାମତି ବି କରାଯାଇନାହିଁ। ଏପରିକି ମୋଟ ମଞ୍ଜୁରୀ ପରିମାଣ ୯.୯୦ ଲକ୍ଷ ହୋଇଥିବା ବେଳେ କେବଳ ଶ୍ରମିକ ମଜୁରୀ ବାବଦରେ ୬.୪୫ ଲକ୍ଷ ଟଙ୍କା ପଇଠ କରାଯାଇଛି। ତେଣୁ ବିଶେଷ ଆବଶ୍ୟକତା ନଥିବା ବେଳେ ପ୍ଲାଏ ପାର୍ଟିସନରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ କରି କର୍ମଚାରୀ ଓ ଠିକାଦାର ମାଲେମାଲ ହୋଇଛନ୍ତି, ଏହା ସ୍ପଷ୍ଟ ବାରି ହୋଇ ପଡୁଛି। ତେବେ ଏହି କାମ କାହା ସୁପାରିସ୍‌ରେ କରାଯାଇଥିଲା, ସେନେଇ କିଛି ବି ଜଣାପଡ଼ିନାହିଁ। ତେଣୁ ଏହି କାମର ଠୋସ୍ ଅନୁସନ୍ଧାନ କରାଗଲେ, ଏଥିରେ ହୋଇଥିବା ହରିଲୁଟ୍ ପଛର ନାୟକମାନେ ସାମ୍ନାକୁ ଆସିପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।


Name of Materials
1) Shuttering
2) Vibrator
3) Display Board
4) T&P
5) TC of Cement
6) Unskilled Labor
7) Skilled Labor
8) Masson
Total = Rs
(Rupees ... ) Only
ମୋ ଦ୍ୱାରା ଟଙ୍କା ପଇଠ କରାଗଲା
Signature of JE / AEE / GPTA
Signature of vendor
BLOCK DEVELOPMENT OFFICER KENDRAPARA



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ





# ଇଭି କିଣିବାରେ ଓଡ଼ିଶା ଆଗରେ



ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ପେଟ୍ରୋଲ୍ ଓ ଡିଜେଲ୍ ଦର ମହଙ୍ଗା ହେବା ସହିତ ଗ୍ରାହକମାନେ ଇଲେକ୍ଟ୍ରିକ୍ ଯାନ (ଇଭି) ଓ ସିଏନ୍‌ଜି ଭଳି ବିକଳ୍ପ ଇନ୍ଧନରେ ଚାଲୁଥିବା ଗାଡ଼ି କିଣିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ଗତ ଜୁନରେ ଦେଶରେ ଇଭି ବିକ୍ରିରେ ୪୦ ପ୍ରତିଶତର ବୃଦ୍ଧି ଘଟିଛି। ଏଭଳି ପରିବେଶ ମିତବ୍ୟୟୀ ଯାନର ଗ୍ରହଣୀୟତା ବଢ଼ାଇବାରେ ସାରା ଦେଶକୁ ବାଟ ଦେଖାଉଛି ଓଡ଼ିଶା। ଅର୍ଥାତ ଯେଉଁ କେତେକ ରାଜ୍ୟରେ ଇଭି ଗ୍ରହଣୀୟତା ଦ୍ରୁତ ଗତିରେ ବଢ଼ୁଛି, ସେମାନଙ୍କ ଭିତରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ଜାତୀୟ ସ୍ତରରେ ମୋଟ୍ ନୂଆ ଦୁଇଚକିଆ ଯାନରେ ଇଭିର ଭାଗ ୯.୪ ପ୍ରତିଶତ ଓ କାର୍‌ରେ ୫.୪ ପ୍ରତିଶତ ରହିଛି। ଉଭୟ ଗାଡ଼ି ବର୍ଗରେ ଓଡ଼ିଶାରେ ଅଧିକ ହାରରେ ଇଭି ବିକ୍ରି ହେଉଛି। ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରିରେ ଓଡ଼ିଶା ଯଥେଷ୍ଟ ଆଗରେ ରହିଛି। ଗତ ଜୁନ ମାସରେ ବିକ୍ରି ହୋଇଥିବା ମୋଟ୍ ନୂଆ ଦୁଇଚକିଆ ଯାନ ମଧ୍ୟରୁ ୧୭ ପ୍ରତିଶତ ଥିଲା ଇଭି। ଅର୍ଥାତ ରାଜ୍ୟରେ ବିକ୍ରି ହେଉଥିବା ପ୍ରତି ୧୦୦ଟି ନୂଆ ସ୍କୁଟର ଓ ମୋଟରସାଇକଲ୍ ମଧ୍ୟରୁ ୧୭ଟି ହେଉଛି ଇଭି। ଏହି ହାର ମାସକୁ ମାସ ବଢ଼ିବାରେ ଲାଗିଛି। ମାର୍ଚ୍ଚରୁ ଜୁନ୍ ମଧ୍ୟରେ ୧୭ ପ୍ରତିଶତ ବୃଦ୍ଧି ୨୦୨୫ରେ ମୋଟ୍ ବିକ୍ରିରେ ଇଭିର ଭାଗ ୯.୫ ପ୍ରତିଶତ ଥିଲା। ୨୦୨୬ର ଜାନୁଆରି-ଫେବ୍ରୁଆରି ସୁଦ୍ଧା ସେହି ହାର ୧୦.୩ ପ୍ରତିଶତକୁ ବଢ଼ିଥିଲା ଓ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ୧୭ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିଭଳି, କାର୍ କ୍ଷେତ୍ରରେ ୨୦୨୫ରେ ମୋଟ୍ ନୂଆ କାର୍ ବିକ୍ରିରେ ଇଭି କାର୍‌ର ଭାଗ ଥିଲା ୪ ପ୍ରତିଶତ। ୨୦୨୬ର ଜାନୁଆରି-ଫେବ୍ରୁଆରିରେ ତାହା ୪.୩ ପ୍ରତିଶତ ଓ ମାର୍ଚ୍ଚ-ଜୁନ୍‌ରେ ୭.୫ ପ୍ରତିଶତକୁ ବୃଦ୍ଧି ପାଇଛି। ଉଭୟ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ବିକ୍ରି ଉପରେ ନଜର ପକାଇଲେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଇଭି ବିକ୍ରି ତ୍ୱରାନ୍ୱିତ ହୋଇଥିବା ଦେଖିବାକୁ ମିଳୁଛି। ଚଳିତ ବର୍ଷ ଫେବ୍ରୁଆରି ଶେଷ ଆଡ଼କୁ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ କରିଥିଲେ। ତାହାର ପରବର୍ତ୍ତୀ ମାସଗୁଡ଼ିକରେ ଓଡ଼ିଶାରେ ଇଭି କାର୍ ବିକ୍ରିରେ ପ୍ରାୟ ଦୁଇ ଗୁଣା ବୃଦ୍ଧି ହୋଇଛି। ଦୁଇଚକିଆ ଇଭି ବିକ୍ରିରେ ମଧ ପ୍ରାୟ ଦୁଇ ଗୁଣା ପାଖାପାଖି ବୃଦ୍ଧି ଘଟିଛି। ଓଡ଼ିଶା ବ୍ୟତୀତ ଅନ୍ୟ ଯେଉଁ ରାଜ୍ୟଗୁଡ଼ିକ ଇଭି ଗ୍ରହଣୀୟତାରେ ଆଗରେ ରହିଛନ୍ତି, ସେଗୁଡ଼ିକ ହେଉଛି ତାମିଲନାଡ୍ରୁ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଦିଲ୍ଲୀ। ଇଭି କାର୍ ବିକ୍ରିରେ ଦିଲ୍ଲୀ ସବୁଠୁ ଆଗରେ ରହିଛି। ଏହା ପଛକୁ ତେଲେଙ୍ଗାନା, ଓଡ଼ିଶା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶ ରହିଛନ୍ତି। ଚଳିତ ବର୍ଷର ଜାନୁଆରିରୁ ମାର୍ଚ୍ଚ ମଧ୍ୟରେ ଦେଶରେ ୨,୮୨,୦୦୦ ଇଲେକ୍ଟ୍ରିକ୍ ଗାଡ଼ି ବିକ୍ରି ହୋଇଥିଲା। ଗତବର୍ଷର ସେହି ସମୟ ତୁଳନାରେ ଏଥର ୪୮ ପ୍ରତିଶତ ଅଧିକ ଇଭି ବିକ୍ରି ହୋଇଛି। ମୋଟ ନୂଆ ଦୁଇଚକିଆ ମଧ୍ୟରେ ସର୍ବାଧିକ ୧୯ ପ୍ରତିଶତ ଇଭି ଗୋଆରେ ବିକ୍ରି ହୋଇଛି। ସେହିପରି ତିନିଚକିଆ ନୂଆ ଗାଡ଼ି ବିକ୍ରିରେ ଆସାମ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ଆଗରେ ରହିଛନ୍ତି। ଏହି ରାଜ୍ୟଗୁଡ଼ିକରେ ମୋଟ୍ ନୂଆ ତିନିଚକିଆ ଗାଡ଼ି ମଧ୍ୟରୁ ୯୦ ପ୍ରତିଶତରୁ ଅଧିକ ଗାଡ଼ି ବ୍ୟାଟେରିରେ ଚାଲୁଛି।

## ୧୫ରୁ ଲାଗୁ ହେବ ଭାରତ-ବ୍ରିଟେନ ଏଫ୍‌ଟିଏ

# ଶସ୍ତା ହେବ ବ୍ରିଟେନ୍ କାର୍-ହ୍ୱିସ୍କି

ନୂଆଦିଲ୍ଲୀ,୯।୭: ୧୫ ଜୁଲାଇରୁ ଲାଗୁ ହେବ ଭାରତ ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି । ଏହା ପରେ ଭାରତ ପ୍ରସ୍ତୁତ କରୁଥିବା ୯୦% ସାମଗ୍ରୀ ବିଟ୍ରେନକୁ ଶୂନ ଟାରିଫରେ ରପ୍ତାନି ହେବ । ଅନ୍ୟପଟେ ୟୁକେର ୯୯% ସାମଗ୍ରୀ ୩% ହାରାହାରି ଟାରିଫରେ ଆମଦାନି କରାଯିବ। ଭାରତରେ ବ୍ରିଟେନର କାର୍, ହ୍ୱିସ୍କି, ପୋଷାକ, ଫୁଟ୍‌ୱେର ୭ ଦିନ ପରେ ଶସ୍ତା ହେବ। ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାରକୁ ୨ ଗୁଣ କରି ୧୨୦ ବିଲିୟନ ଡଲାର ଛୁଇଁବା ସମ୍ଭାବନା ରହିଛି। ୩ ବର୍ଷର ପ୍ରାୟ ୧୪ଟି ପର୍ଯ୍ୟାୟରେ ଆଲୋଚନା କରିବା ପରେ ୨୦୨୫ ଜୁଲାଇ ୨୪ରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବ୍ରିଟେନ ବାଣିଜ୍ୟ ମନ୍ତ୍ରୀ ଜୋନାଥନ ରେନଲ୍ଡସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ଏହି ବାଣିଜ୍ୟ ଚୁକ୍ତିକୁ ଲାଗୁ କରିବା ପୂର୍ବରୁ ବର୍ତ୍ତମାନ ଉଭୟ ଦେଶର ବାଣିଜ୍ୟ ଏବଂ କମ୍ପାନି ଗୁଡିକ ନିକଟରେ ପ୍ରସ୍ତୁତି ଲାଗି ଗୋଟିଏ ମାସରୁ କମ୍ ସମୟ ରହିଛି । ଭାରତରେ ଅବସ୍ଥାପିତ ବ୍ରିଟେନ ଉଚ୍ଚାୟୁକ୍ତ ଲିଣ୍ଡି କ୍ୟାମେରନ ଏକ୍ସରେ ଲେଖିଛନ୍ତି, ୧୫ ଜୁଲାଇରୁ ମୁକ୍ତ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ହେବ । ଏହା ଭାରତ ଏବଂ ବ୍ରିଟେନ ଦ୍ୱିପାକ୍ଷିକ ସମ୍ପର୍କର ଐତିହାସିକ କ୍ଷଣ । ଏହାଦ୍ୱାରା ଉଭୟ ଦେଶର ଅର୍ଥନୀତି ନୂଆଗତି ମିଳିବ।



# ଭାରତରେ ଲଞ୍ଚ ହେଲା ନିଶାନର ଟେକଟନ୍

ନୂଆଦିଲ୍ଲୀ: ଭାରତରେ ଲଞ୍ଚ ହେଲା ନିସାନ ମୋଟର ଇଣ୍ଡିଆର ନୂଆ ମିଡ୍-ସାଇଜ୍ ଏସ୍ୟୁଭି ନିଶାନର ଟେକଟନ୍। ଏହାର ପ୍ରାରମ୍ଭିକ ଏକ୍ସ-ଶୋରୁମ ମୂଲ୍ୟ ୧୦.୪୯ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ଟପ୍ ଭାରିଆଣ୍ଟର ଦାମ ୧୮.୫୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଏସ୍ୟୁଭି ଲଞ୍ଚ କରିବା ସହିତ କମ୍ପାନୀ ପୁଣିଥରେ ଭାରତର ମିଡ୍-ସାଇଜ୍ ଏସ୍ୟୁଭି ସେଗମେଣ୍ଟରେ ନିଜ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ ଆରମ୍ଭ କରିଛି। ନିଶାନର ନୂଆ ଟେକ୍ଟନ ଏସୟୁଭି ଭାରତୀୟ ବଜାରରେ ପୂର୍ବରୁ ଥିବା ରେନଲ୍ଟ ଡଷ୍ଟର, ଟାଟା ସିଏରା, ହୁଣ୍ଡାଇ କ୍ରେଟା, କିଆ ସେଲ୍ଟୋସ୍, ମାରୁତି ସୁଜୁକି ଗ୍ରାଣ୍ଡ ଭିଟାରା, ଟୟୋଟା ହାଇଡର୍, ହୋଣ୍ଡା ଏଲିଭେଟ୍, ସ୍କୋଡା କୁଶକ୍ ଏବଂ ଭକ୍ସୱେଗେନ ଟାଇଗୁନ୍ ପରି ଲୋକପ୍ରିୟ ଏସ୍ୟୁଭି ସହ ସିଧାସଳଖ ଟକ୍କର ଦେବ। ନିଶାନର ଟେକଟନ୍ ପାଇଁ ଜୁଲାଇ ୯ ରୁ ବୁକିଂ ଆରମ୍ଭ ହୋଇଛି। ଗ୍ରାହକଙ୍କୁ ଗାଡ଼ିର ଡେଲିଭରି ଜୁଲାଇ ୨୦ରୁ ଆରମ୍ଭ କରାଯିବ। ଦୁଇଟି ଇଞ୍ଜିନ ବିକଳ୍ପ ନିଶାନ ଟେକ୍ଟନରେ ଦୁଇଟି ପେଟ୍ରୋଲ ଇଞ୍ଜିନ ବିକଳ୍ପ ଦିଆଯାଇଛି। ଗୋଟିଏ ୧.୦-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ ରହିଛି। ଏହା ୧୦୦ ବିଏଚ୍ପି ପାୱାର ସହ ଓ ୧୬୬ ନ୍ୟୁଟନ ମିଟର ଟର୍କ ଉତ୍ପାଦନ କରେ। ଏଥିରେ ୬-ସ୍ପିଡ୍ ମାନୁଆଲ ଗିଅରବକ୍ସ ମିଳିବ। କମ୍ପାନୀ ଦାବି ଅନୁସାରେ ଏହାର ମାଇଲେଜ୍ ପ୍ରତି ଲିଟର ୧୯.୪ କିମି ରହିବ।ସେହିପରି ୧.୩-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନରେ ୧୬୩ ବିଏଚ୍ପି ପାୱାର ଓ ୨୮୦ ନ୍ୟୁଟନ ମିଟର ଟର୍କ ଉତ୍ପାଦନ କରିବ। ଏଥିରେ ମଧ ୬-ସ୍ପିଡ୍ ମାନୁଆଲ ଓ ୬-ସ୍ପିଡ୍ ୱେଟ୍ ଡୁଆଲ୍ କ୍ଲଚ୍ ଅଟୋମେଟିକ୍ (DCT) ଗିଅରବକ୍ସ ଦିଆଯାଇଛି। ଏଥିରେ ଗ୍ରାହକଙ୍କୁ ଲିଟର ପ୍ରତି ୧୮.୫ କିମି ମାଇଲେଜ ମିଳିବ ବୋଲି କମ୍ପାନୀ ଦାବି କରିଛି। ଆକର୍ଷଣୀୟ ଏକ୍ସଟେରିଅର ଡିଜାଇନ ନୂଆ ଟେକ୍ଟନର ଡିଜାଇନ ନିସାନର ଫ୍ଲାଗ୍ସିପ୍ ପେଟ୍ରୋଲ ଏସୟୁଭି ଭଳି ହୋଇଛି। ଏଥିରେ ବଡ଼ ଫ୍ରଣ୍ଟ ଗ୍ରିଲ୍, ସି-ଆକାରର ଏଲଇଡି ଡେ-ଟାଇମ୍ ରନିଂ ଲାଇଟ୍, ଏଲଇଡି ହେଡଲ୍ୟାମ୍ପ, ରେଡ୍ ଆକ୍ସେଣ୍ଟ, ସିଲଭର ସ୍କିଡ୍ ପ୍ଲେଟ୍ ଏବଂ ଏଲଇଡି ଫଗ୍ ଲ୍ୟାମ୍ପ ରହିଛି। ସାଇଡ୍ ପ୍ରୋଫାଇଲରେ ୧୮-ଇଞ୍ଚ ଆଲୟ ହ୍ୱିଲ୍, ହିଡେନ୍ ରିୟର ଡୋର ହ୍ୟାଣ୍ଡେଲ୍ ଓ ମସ୍କ୍ୟୁଲାର ହ୍ୱିଲ୍ ଆର୍ଚ୍ କାର୍କୁ ଅଧିକ ପ୍ରିମିୟମ ଲୁକ୍ ଦେଉଛି। ରିୟର ସାଇଡ୍ ବା ପଛ ପାଖରେ କନେକ୍ଟେଡ୍ ସି-ଶେପ୍ ଏଲଇଡି ଟେଲ୍ ଲ୍ୟାମ୍ପ, ରୁଫ୍ ସ୍ପଏଲର୍ ଓ ବଡ଼ ଟେଲଗେଟ୍ ଦେଖିବାକୁ ମିଳିବ। ଗାଡ଼ିର ଲମ୍ବ ୪,୩୪୮ ମି.ମି., ଚଉଡ଼ା ୧,୮୧୫ ମି.ମି., ଉଚ୍ଚତା ୧,୬୭୪ ମି.ମି., ହ୍ୱିଲବେସ୍ ୨,୬୫୭ ମି.ମି. ଓ ଗ୍ରାଉଣ୍ଡ କ୍ଲିଅରାନ୍ସ ୨୧୨ ମି.ମି. ରହିଛି। ଟେକ୍ଟନର କ୍ୟାବିନକୁ ପ୍ରିମିୟମ ଲୁକ୍ ଦିଆଯାଇଛି। ଟପ୍ ଭାରିଆଣ୍ଟରେ ଡୁଆଲ୍-ଟୋନ୍ ରୋଜ୍ ଗୋଲ୍ଡ ଥିମରେ ତିଆରି କରାଯାଇଛି। ଏଥିରେ ୧୦.୧-ଇଞ୍ଚ ଟଚସ୍କ୍ରିନ୍ ଇନ୍ଫୋଟେନମେଣ୍ଟ ସିଷ୍ଟମ୍, ୧୦.୨୫-ଇଞ୍ଚ ଡିଜିଟାଲ୍ ଇନ୍ଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଲେଦାରେଟ୍ ସିଟ୍ ଓ ତିନି-ସ୍ପୋକ୍ ଷ୍ଟିୟରିଂ ହ୍ୱିଲ୍ ରହିଛି। ଏହାଛଡ଼ା ପାନୋରାମିକ୍ ସନରୁଫ୍, ୱାୟାରଲେସ୍ ଫୋନ୍ ଚାର୍ଜର୍, ପାୱାର୍ଡ ଟେଲଗେଟ୍, ୬-ୱେ ଇଲେକ୍ଟ୍ରିକ୍ ଆଡଜଷ୍ଟେବଲ୍ ଓ ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଭଳି ସୁବିଧା ମଧ୍ୟ ଦିଆଯାଇଛି।




# ୫୫ ଟଙ୍କାରେ ମିଳିବ ୧୦୦୦ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍

ନୂଆଦିଲ୍ଲୀ, ୯।୭: ରିଲାଏନ୍ସ ଜିଓ ନିଜ ଗ୍ରାହକମାନଙ୍କ ପାଇଁ ଏକ ଶସ୍ତା ଏବଂ ଦମଦାର୍ ଏଣ୍ଟରଟେନମେଣ୍ଟ ପ୍ଲାନ୍ ଲଞ୍ଚ କରିଛି। କମ୍ପାନୀ ମାତ୍ର ୫୫ ଟଙ୍କାରେ ନୂଆ 'ଜିଓଟିଭି ପ୍ରୋ ପ୍ୟାକ୍' ବଜାରକୁ ଆଣିଛି। ଏହି ପ୍ଲାନ୍ ସାହାଯ୍ୟରେ ଗ୍ରାହକମାନେ ଜିଓଟିଭି ମୋବାଇଲ୍ ଆପ୍ ଜରିଆରେ ୧୦୦୦ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିବାର ସୁଯୋଗ ପାଇପାରିବେ। ଯେଉଁମାନେ କମ୍ ଖର୍ଚ୍ଚରେ କେବଳ ମନୋରଞ୍ଜନ ପାଇଁ ପ୍ଲାନ୍ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହା ଏକ ସର୍ବୋତ୍ତମ ବିକଳ୍ପ। ଏହି ପ୍ଲାନର ବୈଧତା ୩୦ ଦିନ ରହିଛି। ତେବେ ଗୋଟିଏ କଥା ସ୍ପଷ୍ଟ ଯେ, ଏହି ପ୍ଲାନ୍‌ରେ ଗ୍ରାହକଙ୍କୁ କୌଣସି ପ୍ରକାରର ଡାଟା, କଲିଂ କିମ୍ବା ଏସଏମଏସ ସୁବିଧା ମିଳିବ ନାହିଁ। ଏହି ପ୍ଲାନ୍ ସମ୍ପୂର୍ଣ୍ଣ ରୂପେ କେବଳ ଲାଇଭ୍ ଟେଲିଭିଜନ ଷ୍ଟ୍ରିମିଂ ଉପରେ ଫୋକସ୍ କରି ପ୍ରସ୍ତୁତ କରାଯାଇଛି। ଜିଓଟିଭି ପ୍ରୋ ପ୍ୟାକ୍‌ରେ କଣ ସବୁ ରହିଛି? ରିଲାଏନ୍ସ ଜିଓର ସୂଚନା ଅନୁଯାୟୀ, ଏହି ପ୍ୟାକ୍‌ରେ ଗ୍ରାହକମାନଙ୍କୁ ୧୬ରୁ ଅଧିକ ଭାଷାରେ ୧୦୦୦ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିବାକୁ ମିଳିବ, ଯେଉଁଥିରେ ୧୫୦ରୁ ଅଧିକ ପ୍ରିମିୟମ ଚ୍ୟାନେଲ ମଧ ସାମିଲ ଅଛି। ଏଥିରେ ମନୋରଞ୍ଜନ, ଚଳଚ୍ଚିତ୍ର, ଖବର, ପିଲାଙ୍କ ପ୍ରୋଗ୍ରାମ, ଲାଇଫ୍‌ଷ୍ଟାଇଲ୍ ଏବଂ ଆଞ୍ଚଳିକ ଚ୍ୟାନେଲଗୁଡ଼ିକ ଉପଲବ୍ଧ ହେବ। ଗ୍ରାହକମାନେ ଜିଓଷ୍ଟାର, ସୋନି ଏଣ୍ଟରଟେନମେଣ୍ଟ, ସନ୍ ଟିଭି ନେଟୱାର୍କ, ୱାର୍ନର ବ୍ରଦର୍ସ ଡିସ୍କଭରୀ ଏବଂ ଇଟିଭି ଭଳି ବଡ଼ ବଡ଼ ବ୍ରଡକାଷ୍ଟରଙ୍କ ଚ୍ୟାନେଲ୍ ଦେଖିପାରିବେ। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ଲାନ୍‌ରେ ଜିଓଷ୍ଟାର ଏବଂ ସୋନି ର ସ୍ପୋର୍ଟସ୍ (ଖେଳ) ଚ୍ୟାନେଲଗୁଡ଼ିକ ସାମିଲ ନାହିଁ। ୫୫ ଟଙ୍କାର ରିଚାର୍ଜ କରିବା ପରେ ଗ୍ରାହକଙ୍କୁ କେବଳ ଜିଓଟିଭି ଆପ୍ ଖୋଲି ନିଜ ଜିଓ ମୋବାଇଲ୍ ନମ୍ବର ସହ ଲଗ୍-ଇନ୍ କରିବାକୁ ହେବ। ଏଥିପାଇଁ କୌଣସି ଅଲଗା ଆକ୍ଟିଭେସନ ପ୍ରକ୍ରିୟା ନାହିଁ ଏବଂ ରିଚାର୍ଜ ପରେ ତୁରନ୍ତ ଚ୍ୟାନେଲଗୁଡ଼ିକ ଆକ୍ଟିଭ୍ ହୋଇଯିବ। ଏହି ସବସ୍କ୍ରିପସନ କେବଳ ଗୋଟିଏ ମୋବାଇଲ୍ ଡିଭାଇସରେ ଚାଲିବ ଏବଂ ଏହା ଜିଓର ପ୍ରିପେଡ୍ ଓ ପୋଷ୍ଟପେଡ୍ ଉଭୟ ଗ୍ରାହକଙ୍କ ପାଇଁ ଉପଲବ୍ଧ।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୨୪୦ ଟଙ୍କା ରହିଛି ।ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୨୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୨୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୧,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୩୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୨୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୨,୨୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୩,୨୪୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୧,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଜନ୍ମଦିନରେ ଗାଙ୍ଗୁଲିଙ୍କୁ ମିଳିଲା ବଡ଼ ସରପ୍ରାଇଜ୍




ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଆଜି ୫୪ତମ ଜନ୍ମଦିନ ପାଳନ କରୁଛନ୍ତି। ସେ ସେହି ପ୍ରଭାବଶାଳୀ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ଯିଏ ଟିମ ଇଣ୍ଡିଆକୁ ଏକ ନୂତନ ପରିଚୟ ଦେଇଥିଲେ। ଏପର୍ଯ୍ୟନ୍ତ ଲୋକମାନେ କେବଳ ତାଙ୍କ କାହାଣୀ ଶୁଣିଥିଲେ। ଖୁବଶୀଘ୍ର ସେମାନେ ଏହାକୁ ବଡ଼ ପରଦାରେ ଦେଖିପାରିବେ। ରାଜକୁମାର ରାଓ ତାଙ୍କ ବାୟୋପିକରେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। 'ଦାଦା: ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ' ଶୀର୍ଷକ ଫିଲ୍ମର ପ୍ରଥମ ଲୁକ ଏବେ ପ୍ରକାଶ ପାଇଛି। ପ୍ରଥମ ପୋଷ୍ଟରରେ ରାଜକୁମାର ରାଓଙ୍କୁ ଲର୍ଡସ ବାଲକୋନିରେ ଟିମ ଇଣ୍ଡିଆ ଜର୍ସି ହଲାଇଥିବା ଦେଖାଯାଇଛି। ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ରାଜକୁମାର ଲେଖିଛନ୍ତି, ଜନ୍ମଦିନ ଶୁଭେଚ୍ଛା, ଦାଦା। ରାଜକୁମାର ରାଓ ତାଙ୍କର ଚମତ୍କାର ଅଭିନୟ ପାଇଁ ଜଣାଶୁଣା ଏବଂ ଏହି ଭୂମିକା ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ଫିଟ ବୋଲି ବିବେଚନା କରାଯାଏ। ପ୍ରଥମ ଲୁକରେ ତାଙ୍କର ଦେଖା କ୍ରିକେଟରଙ୍କ ସହ ଏକ ଆକର୍ଷଣୀୟ ସାଦୃଶ୍ୟ ଦେଖାଯାଉଛି। ସାମଗ୍ରିକ ଭାବରେ, କିଛି ଲୋକ ପ୍ରଥମ ଲୁକରେ ଖୁସି ଥିବା ବେଳେ, ଅନ୍ୟମାନେ ଏହାକୁ ଟ୍ରୋଲ କରୁଛନ୍ତି। ଫିଲ୍ମଟି ମେ ୧୪, ୨୦୨୭ରେ ମୁକ୍ତିଲାଭ କରିବାକୁ ଯାଉଛି। ପୋଷ୍ଟରଟି ପ୍ରଶଂସକଙ୍କଠାରୁ ବହୁତ ଭଲ ପାଇବା ପାଇଛି। ଏହି ଫିଲ୍ମଟି ୨୦୦୨ର ଏକ ଐତିହାସିକ ମୁହୂର୍ତ୍ତକୁ କଏଦ କରିଛି। ସୌରଭ ଗାଙ୍ଗୁଲି ନାଟୱେଷ୍ଟ ଟ୍ରଫି ଜିତିବା ପରେ ତାଙ୍କର ଟି-ଶର୍ଟ ଖୋଲି ଏହାକୁ ହଲାଇଥିଲେ – ଏକ ମୁହୂର୍ତ୍ତ ଯାହା ଲର୍ଡସ ବାଲକୋନିରେ ପ୍ରତୀକାତ୍ମକ ହୋଇଗଲା। ଏହି ବାୟୋପିକ ଗାଙ୍ଗୁଲିଙ୍କ କାହାଣୀକୁ ପ୍ରଦର୍ଶିତ କରିବ। ଏଥିରେ ତାଙ୍କ ପିଲାଦିନରୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଭାବରେ ତାଙ୍କ କାର୍ଯ୍ୟକାଳ ପର୍ଯ୍ୟନ୍ତ ସବୁକିଛି ସାମିଲ ହେବ।






# କ୍ରିତି ସାନନ୍ କାହିଁକି କରାଇଲେ ଏଗ୍ ଫ୍ରିଜ୍ ?

ବଲିଉଡ୍ ଅଭିନେତ୍ରୀ କୃତି ସାନନଙ୍କ ବଡ଼ ଖୁଲାସା । ନିଜ ମାତୃତ୍ୱର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସେ ଏଗ୍ ଫ୍ରିଜ୍ କରାଇଥିବା କଥା ସାର୍ବଜନୀନ ଭାବେ ସ୍ୱୀକାର କରିଛନ୍ତି । ଏକ ପୋଡ଼କାଷ୍ଟରେ କୃତି ନିଜ ଜୀବନର ଏହି ବ୍ୟକ୍ତିଗତ ନିଷ୍ପତ୍ତି ବିଷୟରେ ଖୋଲାଖୋଲି କହିଛନ୍ତି । କରିଶ୍ମା ମେହେତାଙ୍କ ପୋଡ଼କାଷ୍ଟରେ ଯୋଗ ଦେଇ କୃତି ସାନନ କହିଛନ୍ତି ଯେ, ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ମିମି' ପାଇଁ ପ୍ରସ୍ତୁତି କରୁଥିବା ସମୟରେ ସେ ଏଗ୍ ଫ୍ରିଜ୍ କରାଇବାର ନିଷ୍ପତ୍ତି ନେଇଥିଲେ । ସେହି ଚରିତ୍ର ପାଇଁ ତାଙ୍କୁ ଓଜନ ବଢ଼ାଇବାକୁ ପଡୁଥିଲା । ଏହି ସମୟରେ ଏଗ୍ ଫ୍ରିଜିଂ ପ୍ରକ୍ରିୟା ମଧ୍ୟ ଶରୀରରେ କିଛି ପରିବର୍ତ୍ତନ ଆଣିପାରେ ବୋଲି ସେ ଜାଣିଥିଲେ । ତେଣୁ ସେ ଭାବିଥିଲେ ଏହି ସମୟ ହିଁ ସବୁଠାରୁ ଉପଯୁକ୍ତ । କୃତି କହିଛନ୍ତି, କେହି ଜଣେ ତାଙ୍କୁ ପରାମର୍ଶ ଦେଇଥିଲେ ଯେ, ସୁଯୋଗ ଥିଲେ ଏଗ୍ ଫ୍ରିଜ୍ କରାଇବା ଜଣେ ମହିଳାଙ୍କ ପାଇଁ ନିଜକୁ ଦିଆଯାଇଥିବା ସବୁଠାରୁ ମୂଲ୍ୟବାନ ଉପହାର ହୋଇପାରେ । ଏହି କଥା ତାଙ୍କ ମନରେ ଦୀର୍ଘଦିନ ଧରି ରହିଥିଲା । ପରେ ମିମି' ପାଇଁ ଓଜନ ବଢ଼ାଇବାର ଆବଶ୍ୟକତା ଆସିବା ପରେ ସେ ଏହି ପଦକ୍ଷେପ ନେଇଥିଲେ । ଏଗ୍ ଫ୍ରିଜିଂ ପ୍ରକ୍ରିୟା ସମୟରେ ହର୍ମୋନାଲ ଇଞ୍ଜେକ୍ସନ ନେବାକୁ ପଡେ । ଏହା ଫଳରେ କିଛି ସମୟ ପାଇଁ ଶରୀର ଫୁଲିଯିବା କିମ୍ବା ଓଜନ ବଢ଼ିଥିବା ଭଳି ଅନୁଭବ ହୋଇପାରେ । ତେଣୁ ଫିଲ୍ମ ପାଇଁ ଓଜନ ବଢ଼ାଇବା ଏବଂ ଏଗ୍ ଫ୍ରିଜିଂ ପ୍ରକ୍ରିୟାକୁ ଏକାସାଙ୍ଗରେ କରିବାକୁ ସେ ଉଚିତ ମନେ କରିଥିଲେ । କୃତିଙ୍କ ମତରେ, ଯଦି ଜଣେ ମହିଳାଙ୍କ ପାଖରେ ଏହି ସୁବିଧା ଉପଲବ୍ଧ ଥାଏ, ତେବେ ଭବିଷ୍ୟତ ପାଇଁ ଏଗ୍ ଫ୍ରିଜ୍ କରାଇବା ଏକ ଭଲ ନିଷ୍ପତ୍ତି ହୋଇପାରେ। ଏହା କେବଳ ଏକ ମେଡିକାଲ ବିକଳ୍ପ ନୁହେଁ, ବରଂ ଭବିଷ୍ୟତର ଯୋଜନା ପାଇଁ ନିଜକୁ ଦିଆଯାଇଥିବା ଏକ ବଡ଼ ଏବଂ ବୁଦ୍ଧିମାନ ଉପହାର ବୋଲି ସେ କହିଛନ୍ତି ।



# 'କ୍ୱିନ୍-୨' ବିରୋଧରେ ୨୫୦ କୋଟିର ମକଦ୍ଦମା

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'କ୍ୱିନ୍-୨' ରିଲିଜ୍ ପୂର୍ବରୁ ଏକ ବଡ଼ ଆଇନଗତ ବିବାଦରେ ଛନ୍ଦି ହୋଇପଡ଼ିଛି। ଫିଲ୍ମର ସୁଟିଂ ଶେଷ ହେବା ମାତ୍ରେ ଏହାକୁ ନେଇ ହାଇକୋର୍ଟରେ ମାମଲା ଦାୟର ହୋଇଛି । ପ୍ରଡକ୍ସନ୍ ହାଉସ୍ 'ଫାଣ୍ଟମ୍ ଷ୍ଟୁଡିଓଜ୍' ନିଜର ବୌଦ୍ଧିକ ସମ୍ପତ୍ତିର ବେଆଇନ ବ୍ୟବହାର ଅଭିଯୋଗ ଆଣି 'ଜିଓଷ୍ଟାର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ବିରୋଧରେ ବମ୍ବେ ହାଇକୋର୍ଟରେ ୨୫୦ କୋଟି ଟଙ୍କାର ମକଦ୍ଦମା କରିଛି । ଏହା ସହିତ ଫିଲ୍ମର ରିଲିଜ୍ ଉପରେ ରୋକ୍ ଲଗାଇବାକୁ ମଧ୍ୟ ଦାବି କରାଯାଇଛି । ଆଇନଗତ ଫାର୍ମ 'ରଶ୍ମିକାନ୍ତ ଆଣ୍ଡ ପାର୍ଟନର୍ସ' ଜରିଆରେ ଦାୟର ହୋଇଥିବା ଏହି ମାମଲା ଅନୁସାରେ, ୨୦୧୪ରେ ମୁକ୍ତିପ୍ରାପ୍ତ ସୁପରହିଟ୍ ଫିଲ୍ମ 'କ୍ୱିନ୍'ର ୫୦ ପ୍ରତିଶତ ଅଧିକାର ଫାଣ୍ଟମ୍ ଷ୍ଟୁଡିଓଜ୍ ପାଖରେ ରହିଛି । ମୂଳ ଫିଲ୍ମ ନିର୍ମାଣ ସମୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ଏହାର କୌଣସି ବି ସିକ୍ୱେଲ କିମ୍ବା ପ୍ରିକ୍ୱେଲ ନିର୍ମାଣ ପାଇଁ ଫାଣ୍ଟମ୍ ଏବଂ ଜିଓଷ୍ଟାର୍ ଉଭୟଙ୍କର ସମାନ ଅଧିକାର ରହିଛି । ଫାଣ୍ଟମ୍‌ର ଦାବି ଯେ, ଏହି ସିକ୍ୱେଲ ପାଇଁ ସେମାନଙ୍କଠାରୁ କୌଣସି ଅନୁମତି ନିଆଯାଇନାହିଁ । କୋର୍ଟ ଯିବା ପୂର୍ବରୁ ଷ୍ଟୁଡିଓ ପକ୍ଷରୁ ଜିଓଷ୍ଟାର୍ ଏବଂ ନିର୍ଦ୍ଦେଶକ ବିକାଶ ବହଲଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା, କିନ୍ତୁ କୌଣସି ସୁଫଳ ମିଳିନଥିଲା । ଜିଓଷ୍ଟାର୍ ରଖିଲା ନିଜର ପକ୍ଷ: "ଏହା ସିକ୍ୱେଲ ନୁହେଁ" ଫାଣ୍ଟମ୍ ଷ୍ଟୁଡିଓଜ୍‌ର ଏହି ଗୁରୁତର ଅଭିଯୋଗକୁ ଜିଓଷ୍ଟାର୍ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି। କମ୍ପାନି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, "ଏହି ନୂଆ ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ ସ୍ୱାଧୀନ । ପୂର୍ବର କୌଣସି ଫିଲ୍ମ ସହ ଏହାର କାହାଣୀ, ଚରିତ୍ର କିମ୍ବା କ୍ରିଏଟିଭ୍ ସମ୍ପର୍କ ନାହିଁ। ଏହା କୌଣସି ପୁରୁଣା ଫିଲ୍ମର ସିକ୍ୱେଲ କିମ୍ବା ପ୍ରିକ୍ୱେଲ ନୁହେଁ ।" ଏହା ସହିତ କମ୍ପାନି କହିଛି ଯେ, 'କ୍ୱିନ୍' ଶବ୍ଦଟି ଇଂରାଜୀ ଭାଷାର ଏକ ସାଧାରଣ ନାମ ଏବଂ ଏହା ଉପରେ କେହି ନିଜର ଏକଛତ୍ର ଅଧିକାର ଦାବି କରିପାରିବେ ନାହିଁ । ବର୍ଷ ଆରମ୍ଭରୁ 'କ୍ୱିନ୍-୨'ର ସୁଟିଂ ଆରମ୍ଭ ହୋଇଥିବା ବେଳେ ନିକଟରେ ଏହାର ଶେଷ ସୁଟିଂ ହୋଇଥିଲା ।



# ଜି.ଡି.ନାଇଡୁ ଲୁକରେ ନଜର ଆସିଲେ ଆର ମାଧବନ

ପ୍ୟାନ୍ ଇଣ୍ଡିଆ ଷ୍ଟାର ଆର.ମାଧବନଙ୍କ ଅପକମିଂ ଫିଲ୍ମ 'ଜିଡିଏନ'ର ଟ୍ରେଲର ନିକଟରେ ରିଲିଜ ହୋଇଯାଇଛି। ଏହି ଫିଲ୍ମରେ ସେ ଭାରତର ଲୋକପ୍ରିୟ ଭିଜନାରୀ ଇନୋଭେଟର ଏବଂ ବୈଜ୍ଞାନିକ ଜି.ଡି. ନାଇଡୁଙ୍କ ଭୂମିକା ନିଭାଇଛନ୍ତି । ଫିଲ୍ମର ଟ୍ରେଲର ସାମ୍ନାକୁ ଆସିବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ଦୁଇ ଗୁଣା ବଢିଯାଇଛି । ଏହା ଏକ ମୋଷ୍ଟ ଆଓ୍ବେଟେଡ ବାୟୋପିକ କୁହାଯାଉଛି । ଯାହା ଚଳିତ ବର୍ଷ ୧୭ଜୁଲାଇରେ ଫିଲ୍ମ ହଲରେ ରିଲିଜ ହେବାକୁ ଯାଉଛି ।ଟ୍ରେଲରରେ ଆର.ମାଧବନଙ୍କୁ ଦମଦାର ଏବଂ ଗମ୍ଭୀର ଅନ୍ଦାଜରେ ଦେଖିବାକୁ ମିଳିଛି । ସେ ସମ୍ପୂର୍ଣ୍ଣ ଭାବେ ଜି.ଡି. ନାଇଡୁଙ୍କ ଚରିତ୍ରରେ ନଜର ଆସୁଛନ୍ତି । ତାଙ୍କ ସ୍କ୍ରିନ ପ୍ରେଜେନ୍ସ ଏବଂ ଅଭିନୟକୁ ଦେଖି ଏଭଳି ଲାଗୁଛି କି ତାଙ୍କୁ ଏହି ଚରିତ୍ର ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଛି । ଫିଲ୍ମରେ ତାଙ୍କ ଲୁକ୍ ଏବଂ ବଡି ଲାଙ୍ଗୁଏଜ୍ ବି ସମ୍ପୂର୍ଣ୍ଣ ପରଫେକ୍ଟ ନଜର ଆସୁଛନ୍ତି । 'ଜିଡିଏନ' ଫିଲ୍ମ ଭାରତର ମହାନ ଇନୋଭେଟର ଜି.ଡି.ନାୟଡୁଙ୍କ ଜୀବନ ଉପରେ ଆଧାରିତ ଅଟେ। ଯାହାଙ୍କୁ 'ଭାରତର ଏଡିସନ' ବି କୁହାଯାଇଥାଏ । ଏହି ଫିଲ୍ମ କେବଳ ତାଙ୍କ ଇନୋଭେଶନର କାହାଣୀ ନୁହେଁ ବରଂ ତାଙ୍କ ଷ୍ଟ୍ରଗଲ, ଚିନ୍ତାଧାରା ଏବଂ ଜୀବନର ଇମୋଶନାଲ ଜର୍ଣ୍ଣିକୁ ବି ଦେଖାଉଛି । ଏହି ଫିଲ୍ମର ଟ୍ରେଲରରେ ଏଭଳି ସାଇନ ମିଳୁଛି କି ଫିଲ୍ମରେ ତାଙ୍କ ଜୀବନର କେତେକ ଅଜଣା କଥା ବି ଦେଖାଯିବ ।



ଭିନ୍ନ ଏକ ପଞ୍ଚାୟତ, ସରକାରୀ ଅନୁଦାନକୁ କରିନି ଅପେକ୍ଷା

# ନିଜ ପାଇଁ ନିଜେ ଖୋଜିଛି ବିକାଶର ବାଟ

**କୋରାପୁଟ,୯।୭(ସଂଚାର ବ୍ୟୁରୋ):** ପଞ୍ଚାୟତ ହେବ ତ ଏମିତି! ସରକାରୀ ହାତକୁ ଅପେକ୍ଷା ନକରି, ନିଜ ପାଇଁ ନିଜେ ବିକାଶର ବାଟ ଖୋଜିଛି ଏହି ପଞ୍ଚାୟତ। ନିଜେ ରୋଜଗାରକ୍ଷମ ହେବା ସହିତ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରର ରାହା ଦେଖାଇଛି। ଆମେ କହୁଛୁ କୋରାପୁଟର ଜୟପୁରର 'ଟାଙ୍କୁଆ' ପଞ୍ଚାୟତର କଥା। ପଞ୍ଚାୟତର ନିଜସ୍ୱ ପାଣ୍ଠିକୁ ଖର୍ଚ୍ଚ କରି ନିଜ ବିକାଶ ଦେଖିବା ସହ ଶହେରୁ ଅଧିକ



ପରିବାରକୁ ରୋଜଗାର ମଧ୍ୟ ଯୋଗାଇ ଦେଇଛି। ପଞ୍ଚାୟତର ନିଜସ୍ୱ ଅର୍ଥ ଉପାର୍ଜନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ଯେଉଁଥିରୁ ବାର୍ଷିକ ଆୟ ହେଉଛି ପ୍ରାୟ ୫ ଲକ୍ଷ ଟଙ୍କାରୁ ଅଧିକ। ଏପରିକି ଗାଁରେ ଘର କରିବାକୁ ବି ସ୍କୋୟାର ଫୁଟ୍ ପିଛା ୫ ଟଙ୍କା ହିସାବରେ ପଞ୍ଚାୟତ ପାଣ୍ଠିକୁ ଦେବାକୁ ପଡ଼େ। ନିଜର ଅପୂର୍ବ ସଫଳତା ପାଇଁ ଆଇଏସଓ ସାର୍ଟିଫିକେଟ୍ ଦ୍ୱାରା ପୁରସ୍କୃତ ହୋଇଛି 'ଟାଙ୍କୁଆ'। ଏହି ପଞ୍ଚାୟତ ଅଧୀନରେ ୮ଟି ରାଜସ୍ୱ ଗାଁ ଏବଂ ୨୬ଟି ଗାଁ ରହିଛି। ଆୟ ବଢ଼ାଇବା ପାଇଁ ପଞ୍ଚାୟତରେ ୩୩ଟି ଦୋକାନ ଘର, ୨ଟି ଆମ୍ବ ତୋଟା, ଏକ କଲ୍ୟାଣ ମଣ୍ଡପ ଏବଂ ମାଛ ଚାଷ ପାଇଁ ୩ଟି ବଡ଼ ପୋଖରୀ ରହିଛି। ଗାଁର ବେକାର ଯୁବକଙ୍କୁ ଏହିସବୁ କାମରେ ନିୟୋଜିତ କରି ସେମାନଙ୍କୁ ରୋଜଗାର ଦେବା ସହ ପଞ୍ଚାୟତ ପାଇଁ ରାଜସ୍ୱ ଆଦାୟ କରାଯାଉଛି। ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ପଞ୍ଚାୟତଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। ହେଲେ ହାତଗଣତି କିଛି ପଞ୍ଚାୟତକୁ ଛାଡ଼ିଦେଲେ ଅଧିକାଂଶଙ୍କର ନିଜସ୍ୱ ଆୟ ନଥାଏ। କିନ୍ତୁ ଏହି ଚିତ୍ରକୁ ବଦଳାଇଛି ଟାଙ୍କୁଆ ପଞ୍ଚାୟତ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ବିନିକା,୯।୭(ସଂଚାର ବ୍ୟୁରୋ):** ବାହାଘର ବରଯାତ୍ରୀ ଯିବା ହେଲା କାଳ । ଅଜଣା ଗାଡି ଧକ୍କାରେ ଜଣେ ମୃତ ଜଣେ ଆହତ । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ମାଟୁପାଲି ଗାଁ ନିକଟରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇ ଫେରାର ମାରିଥିଲା । ଫଳରେ ୨ ଜଣ ବାଇକ ଆରୋହୀ ବାଇକ ଉପରୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ବିନିକା ଥାନା ବଳାରଙ୍ଗା ଗାଁର ୨ ଜଣ ବାଇକ ଆରୋହୀ ଭୁବନେଶ୍ୱର ମହାକୁର (୪୨) ଓ ଭରତ ମହାକୁର (୩୫)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ପରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଭୁବନେଶ୍ୱର ମହାକୁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭରତ ମହାକୁର




ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏପଟେ ଖବର ପାଇଁ ପୋଲିସ ମେଡିକାଲକୁ ପହଞ୍ଚି ଶବକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

ଚୌକି ମୋହରେ କର୍ମଚାରୀ, କର୍ମଚାରୀ ମୋହରେ ଅଧିକାରୀ

## ବଦଳି ଆଦେଶକୁ ବି ମାନୁନାହାନ୍ତି ବିଭାଗୀୟ ବାବୁ

**ବଲାଙ୍ଗିର,୯।୭(ସଂଚାର ବ୍ୟୁରୋ):** ଗତ ମେ ମାସରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶକ, ମ୍ୟୁନିସିପାଲ ଏଡମିନିଷ୍ଟ୍ରେସନଙ୍କ ପତ୍ର ସଂଖ୍ୟା-୧୩୨୫୮/ଏଚୟୁଡି ତା.୧୪/୫/୨୦୨୬ ରେ ରାଜ୍ୟର ସମସ୍ତ କରପୋରେସନର କମିସନର, ସମସ୍ତ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ, ସମସ୍ତ ଏନଏସିର ନିର୍ବାହୀ ଅଧିକାରୀଙ୍କୁ ୩ ବର୍ଷରୁ ଉର୍ଦ୍ଧ୍ୱ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ବଦଳି କରିବାକୁ ଆଦେଶ କରିଥିଲେ ଏବଂ ସେହି ପତ୍ରରେ ଏହା ସେଣ୍ଟ୍ରାଲ ରିଲିଭ ଅଡର ବୋଲି ଉଲ୍ଲେଖ କରାଯାଇଛି। ତେଣୁ ଏହି ଚିଠି ମ୍ୟୁନିସିପାଲିଟିକୁ ପହଞ୍ଚିଲା ମାତ୍ରେ ଦିନେ ଦୁଇଦିନ ଭିତରେ ସମସ୍ତ କର୍ମଚାରୀମାନଙ୍କୁ ଅଧିକାରୀମାନେ ତୁରନ୍ତ ରିଲିଭ କରିଦେବା କଥା। କିନ୍ତୁ ବଲାଙ୍ଗିର ମ୍ୟୁନିସିପାଲିଟିରେ ଏହାର ବ୍ୟତିକ୍ରମ ଦେଖିବାକୁମିଳିଛି। କିଛି କର୍ମଚାରୀଙ୍କ ବଦଳି ଆଦେଶ ହେଲା ପରେ ସେମାନେ ଯେଉଁଠିକି ବଦଳି ହୋଇଛି ସେହି ସ୍ଥାନରେ ଯାଇ ଜଏନ କରିଥିବା ଜଣାଯାଇଛି। କିନ୍ତୁ ଦୀର୍ଘବର୍ଷ ହେଲା ଏଠାରେ ରହି ଆସିଥିବା କିଛି କର୍ମଚାରୀମାନେ ଏଠାରୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ବେଳେ ଅଧିକାରୀ ମଧ୍ୟ ଉକ୍ତ କର୍ମଚାରୀମାନଙ୍କୁ ଅନ୍ୟତ୍ର ଛାଡିବାକୁ ନାରାଜ। ତେବେ ବଲାଙ୍ଗିର ମ୍ୟୁନିସିପାଲଟିରେ ଥିବା ଏହି ଚୌକ ଗୁଡିକରେ ଏମିତି କଣ ମହୁ ଲାଗିଛି ଯେ କର୍ମଚାରୀମାନେ ଅନ୍ୟତ୍ର ବଦଳି ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଅଧିକାରୀଙ୍କ ଏହି କର୍ମଚାରୀମାନଙ୍କ ସହ ଏପରି କଣ ନିବିଡ ସମ୍ପର୍କ ଅଛି ଯେ କେହି କାହାକୁ ଛାଡିବାକୁ ନାରାଜ। ଅନ୍ୟପଟେ ବଦଳି ପରେ ମଧ୍ୟ ଯାଉନ ଥିବା କର୍ମଚାରୀଙ୍କ ଚୌକି ମୋହ ଏବଂ ଅଧିକାରୀଙ୍କ କର୍ମଚାରୀ ମୋହ ବୋଲି ବଲାଙ୍ଗିର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଚର୍ଚ୍ଚା ହେଉଛି।




## ୯ ଦଫା ଦାବି ନେଇ ଆଶାକର୍ମୀଙ୍କ ଆନ୍ଦୋଳନ



**ଛତ୍ରପୁର,୯।୭(ସଂଚାର ବ୍ୟୁରୋ):** ଭାରତୀୟ ମଜଦୁର ସଂଘ ଅନୁମୋଦିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲା ପକ୍ଷରୁ ୯ ଦଫା ଦାବି ନେଇ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନସ୍ଥ କାର୍ଯ୍ୟରତ ସମସ୍ତ ଆଶାକର୍ମୀଙ୍କୁ କର୍ମଚାରୀ ମାନ୍ୟତା ପ୍ରଦାନ ସହିତ ସର୍ବନିମ୍ନ ଦରମା ୧୮୦୦୦ ଟଙ୍କା, ଇଏସ୍‌ଆଇ ଏବଂ ଇପିଏଫଓ ଅନ୍ତର୍ଗତ ପଞ୍ଜୀକୃତ କରି ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପ୍ରତିମାସ ୧୦ ତାରିଖରେ ଦରମା ପ୍ରଦାନ ସୁନିଶ୍ଚିତ କରିବାକୁ ଦାବି କରାଯାଇଛି। ଏପରିକି ଆଶାକର୍ମୀଙ୍କ ଉପରେ ହେଉଥିବା ଦୁର୍ବ୍ୟବହାର ଏବଂ ଅସଦାଚରଣ ଉପରେ କାର୍ଯ୍ୟାନୁଷ୍ଠାନ, ପ୍ରତି ଗାଁରେ ଅଙ୍ଗନୱାଡି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଆଶା କେନ୍ଦ୍ର ନିର୍ମାଣ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ତାଲିମ ପ୍ରଦାନ କରି ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି, କାର୍ଯ୍ୟ ସମୟରେ ଦୁର୍ଘଟଣା ବାବାଦରେ ପରିବାରକୁ ୧୦ ଲକ୍ଷ ଟଙ୍କା ତଥା ଶାରୀରିକ ଅକ୍ଷମତା ହେଲେ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ଗ୍ରୁପ ସ୍ୱାସ୍ଥ୍ୟ ବୀମା, ସେବା ନିବୃତ୍ତ ସମୟରେ ଏକକାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ ହଜାର ଟଙ୍କା ଭତ୍ତା ପ୍ରଦାନ, ସୂଚାରୁ ରୂପେ କାର୍ଯ୍ୟ ପରିଚାଳନା ନିମନ୍ତେ ୫ଜି ମୋବାଇଲ ଫୋନ ବ୍ୟବସ୍ଥା ଆଦି ୯ ଦଫା ଦାବି ପୂରଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ବିଦ୍ୟାଳୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ

**କନ୍ଧମାଳ,୯।୭(ସଂଚାର ବ୍ୟୁରୋ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ରାମାକାନ୍ତ ମହାନ୍ତି, ଡି.ଏସ୍.ପି. ଫୁଲବାଣୀ ବ୍ରଜମୋହନ ପ୍ରଧାନ, ଖଜୁରୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ତ୍ରିପାଠୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରୀବୃନ୍ଦ ଓ ପାରା ଲିଗାଲ ସ୍ୱେଚ୍ଛାସେବି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ଶିକ୍ଷାର ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା।

## ଏବିଭିପିର ପ୍ରତିଷ୍ଠା ଦିବସ ପାଳିତ



**ବାଲିପାଟଣା,୯।୭(ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୮ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ବାଲିପାଟଣା ନଗର ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାଟି ବାଲିପାଟଣା ନୂଆ ପେଟ୍ରୋଲ ପମ୍ପ ସମ୍ମୁଖରୁ ଆରମ୍ଭ ହୋଇ ନଗରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିଲା। ଏଥିରେ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଏବିଭିପିର ମୂଳମନ୍ତ୍ର 'ଜ୍ଞାନ, ଶୀଳ, ଏକତା' ଓ 'ବନ୍ଦେ ମାତରମ୍' ନାରା ଦେଇ ପରିବେଶକୁ ଉତ୍ସାହମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ଏବିଭିପିର ଉପ-ସଭାପତି ତୁଷାର କାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠନର ଇତିହାସ, ଛାତ୍ର ସମାଜ ପ୍ରତି ଏହାର ଅବଦାନ ଓ ରାଷ୍ଟ୍ର ଗଠନରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବାଲିପାଟଣା ନଗର ସଭାପତି ମୁକେଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାଶ୍ୱତ କୁମାର ରଥ, ବାଲିପାଟଣା ନଗର ସମ୍ପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ, ଶିଶୁଅନନ୍ତ ମହାବିଦ୍ୟାଳୟ ପରିଷଦ ସଭାପତି ଶୁଭ୍ରାଂଶୁ ପ୍ରଧାନ ଓ ସମ୍ପାଦକ ଧୀରଜ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମୃତକଙ୍କ ପରିବାରକୁ ଭେଟିଲେ ବ୍ଲକ କଂଗ୍ରେସ କମିଟି

**ବଲାଙ୍ଗିର,୯।୭(ସଂଚାର ବ୍ୟୁରୋ):** ଗତ ୫ ତାରିଖରେ ହୋଇଥିବା ଲଗାଣ ବର୍ଷାରେ ପଥର୍ଲା ପଞ୍ଚାୟତର ଲୁହରେନପାଲି ଗ୍ରାମର ମୃତ ଗଣ୍ଡାରାମ କୁମ୍ଭାରଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ଏବଂ ସମବେଦନା ଜ୍ଞାପନ କରିଛି ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟି। ପ୍ରକାଶ ଥାଉ କି ଗତ ୫ ତାରିଖ ବର୍ଷାରେ ଗଣ୍ଡାରାମ କୁମ୍ଭାର (୭୬) ଙ୍କ କାନ୍ଥ ପଡ଼ି ମୃତ୍ୟୁ ହୋଯାଇଥିଲା। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କୁମ୍ଭାର (୭୦) ଅଳ୍ପକେ ବର୍ତ୍ତି ଯାଇଥିଲେ। ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରେଡକ୍ରସ ପାଣ୍ଠିରୁ ଓ ପ୍ରଶାସନ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା ପାଇଁ ବ୍ଲକ କଂଗ୍ରେସ କମିଟି ଦାବି କରିଛି। ବ୍ଲକ କଂଗ୍ରେସ ତରଫରୁ ସଭାପତି ନରେଶ ବାଗ, ବରିଷ୍ଠ କଂଗ୍ରେସ ସଦସ୍ୟ ବଜରଙ୍ଗୀ ଅମାତ, ଗୋକୁଳ କୁଅଁର ଏବଂ ସ୍ୱେଚ୍ଛାସେବୀ ସରୋଜ କୁମାର ମେଶ୍ରା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ।

## ଟ୍ରେନ ଧକ୍କାରେ ବୃଦ୍ଧ ମୃତ

**କଣ୍ଟାବାଞ୍ଜି,୯।୭(ସଂଚାର ବ୍ୟୁରୋ):** ଟ୍ରେନ ଧକ୍କାରେ ବୃଦ୍ଧ ସହ ଏକ ଗାଈ ମୃତ । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜିରେ ଘଟିଛି ଏକ ଦୁଃଖଦ ଘଟଣା । ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ କଣ୍ଟାବାଞ୍ଜି ଗାନ୍ଧୀନଗର ପଡ଼ାର ଗୋପୀମହାନନ୍ଦ ବୋଲି ଜଣାପଡ଼ିଛି । ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଟ୍ରେନ ଧକ୍କାରେ ପ୍ରାଣ ହରାଇଛନ୍ତି କଣ୍ଟାବାଞ୍ଜି ଗାନ୍ଧୀନଗର ପଡ଼ାର ବାସିନ୍ଦା ଗୋପୀ ମହାନନ୍ଦ। ଗୋପୀ ମହାନନ୍ଦ ଶୌଚ ସାରି ଘରକୁ ଫେରୁଥିବା ବେଳେ ରେଳ ଧାର ଅତିକ୍ରମ କରୁଥିଲେ । ସେହି ସମୟରେ ଏକ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ଗୋପୀଙ୍କ ଦେହ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ଏହା ସହ ପାଖରେ ଥିବା ଏକ ଗାଈର ମଧ୍ୟ ମୃତ୍ୟୁ ଘଟିଛି। ଘଟଣା ଜଣାପଡ଼ିବା ପରେ କଣ୍ଟାବାଞ୍ଜି ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ।



## ଜିଲ୍ଲାରେ ୧୮୧ଟି ଆଦର୍ଶ ଗାଁ

**ଗଞ୍ଜାମ,୯।୭(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତି ବିଭାଗ ମନ୍ତ୍ରଣାଳୟର ପ୍ରଧାନମନ୍ତ୍ରୀ ଆଦର୍ଶ ଗାଁ ଯୋଜନାରେ ଗତ ନଅଟି ଆର୍ଥିକ ବର୍ଷରେ ଗଂଜାମ ଜିଲ୍ଲାରେ ୧୮୧ ଗ୍ରାମକୁ ଚୟନ କରାଯାଇଛି। ୪୦ ପ୍ରତିଶତରୁ ଅଧିକ ଅନୁସୂଚିତଜାତି ବର୍ଗର ଜନସଂଖ୍ୟା ଥିବା ଏସମସ୍ତ ଗାଁକୁ ଆଦର୍ଶଗାଁରେ ପରିଣତ କରିବାକୁ ଭିତିଭୂମିର ବିକାଶ ହେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁସୁଚିତଜାତି ଓ ଜନଜାତି ବିଭାଗ ପକ୍ଷରୁ ୨୦ ଲକ୍ଷ ଟଂକା ଲେଖାଏଁ ଅନୁଦାନ ଆସିବ। ପାନୀୟ ଜଳ ଡ୍ରେନେଜ ଶୋକପିଟ ସୌରଚାଳିତ ଷ୍ଟ୍ରିଟଲାଇଟ, ସିସି/ଫେବର ରୋଡ ସ୍କୁଲ ଓ ଅଙ୍ଗନବାଡି ନିର୍ମାଣ ହେବ।

## ବିଶ୍ୱନାଥପୁରରେ ହେବ ପ୍ରଥମ ବର୍ଷ ରଥଯାତ୍ରା

**ଲାଞ୍ଜିଗଡ଼,୯।୭(ସଂଚାର ବ୍ୟୁରୋ):** ଇତିହାସ ସୃଷ୍ଟି ହେବାକୁ ଯାଉଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରରେ ଏବର୍ଷ ପ୍ରଥମ ଥର ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି।ଏଥିପାଇଁ ନିର୍ମାଣ ହୋଇଥିବା ରଥର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବର୍ତ୍ତମାନ ରଥରେ ଶେଷ ରଙ୍ଗ, ଚିତ୍ରକଳା, କଳାକୃତି, ପତାକା ଟାଙ୍ଗିବା, ଛତା ଓ ଅନ୍ୟାନ୍ୟ ସାମଗ୍ରୀର ଶେଷ ସ୍ପର୍ଶ ଦିଆଯାଉଛି। ଶିଳ୍ପୀମାନେ ଦିନ ରାତି କାମ କରି ରଥକୁ ହଳଦିଆ, ନୀଳ ଓ ସବୁଜ ରଙ୍ଗରେ ସଜାଉଛନ୍ତି। ରଥଯାତ୍ରାକୁ ସୁରୁଖୁରୁରେ



ପାଳନ କରିବା ପାଇଁ ବିଶ୍ୱନାଥପୁର ଜଗନ୍ନାଥ ସେବା ସମିତି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ, ବିଶ୍ୱନାଥପୁର ପୋଲିସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଭକ୍ତମାନଙ୍କ ସୁବିଧା ପାଇଁ ବିଶ୍ୱନାଥପୁର ରଥ ଛକ ପାଖରେ ପାନୀୟ ଜଳ, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉଛି। ଗତ ୭ ତାରିଖ ଦିନ ବିଶ୍ୱନାଥପୁର ରଥ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ କରାଯାଇଛି। ରଥଯାତ୍ରା କମିଟି ସଭାପତି ଓ ସଦସ୍ୟମାନେ ଲାଞ୍ଜିଗଡ଼ ବ୍ଲକର ସମସ୍ତ ଶ୍ରଦ୍ଧାଳୁଙ୍କୁ ବିଶ୍ୱନାଥପୁର ରଥଯାତ୍ରାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ପ୍ରଥମ ବର୍ଷ ରଥଯାତ୍ରା ହେବାକୁ ଯାଉଥିବାରୁ ଅଞ୍ଚଳରେ ଉତ୍ସାହ ଦେଖାଦେଇଛି। ହଜାର ହଜାର ଭକ୍ତଙ୍କ ସମାଗମ ହେବ ବୋଲି ଶ୍ରୀ ଜଗନ୍ନାଥ ସେବା ସମିତି ପକ୍ଷରୁ ସୂଚନା ମିଳିଛି।

## ଖୁଣ୍ଟାପୁରରେ ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ

**ବୈଶିଙ୍ଗା,୯।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ନିକଟରେ ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ। କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟ ର ନିଷ୍ପତି କ୍ରମେ ବୈଶିଙ୍ଗା ନିକଟସ୍ଥ ପଦାପୁରୁଣିଆ ଠାରେ ୧୦୦୦ ମେଟ୍ରିକ୍ ଟନ୍ ଶସ୍ୟ ମହଜୁଦ କ୍ଷମତା ସମ୍ପନ୍ନ ବହୁମୁଖି ପଣ୍ୟାଗାର ନିର୍ମାଣ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସହ ବେତନଟୀ ତହସିଲଦାର ଏକ ଏକର ଜମି ଚିହ୍ନଟ କରିଥିଲେ। ଖାତା ନଂ ୬ ଓ ପ୍ଲଟ ନଂ ୮ ରେ ଗୋଚର କିସମର ମୋଟ ୫ ଏକର ଜମି ମଧ୍ୟରୁ ଏହି ୧ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଥିବା ଜଣାଯାଇଥିଲା। ତେବେ ପରବର୍ତ୍ତି ସମୟରେ ପ୍ରକଳ୍ପ ସମ୍ପ୍ରସାରଣ ଲାଗି ଆବଶ୍ୟକତା ଅନୁସାରେ ଅଧିକ ଜମି ଅଧିଗ୍ରହଣର ସମ୍ଭାବନା ଥିବା ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସୂତ୍ରରୁ ସୂଚନା ପାଇଥିଲା। ସେତେବେଳେ ସମବାୟ ବିଭାଗର ବରିଷ୍ଠ ଅଧିକାରୀ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ କୁ ଜମିର ଦଖଲ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ବୈଶିଙ୍ଗା ବୃହଦାକାର ବହୁମୁଖି ସମବାୟ ସମିତିର ସଭାପତି ଶତୃଘ୍ନ ସିଂ ମଧ୍ୟ ଉପସ୍ଥିତ ରହିଥିଲେ। ତେବେ ଆଉ ୧୫ ଦିନ ପରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ଦେଇ ଦୁଇ ବର୍ଷ ପୁରିବାକୁ ଯାଉଛି। ପୂର୍ବରୁ ବିଜେଡି ସରାକର ଏଥିପାଇଁ କେତେ ଟଙ୍କା ମଞ୍ଜୁରୀ ଦେଇଥିଲେ ବର୍ତ୍ତମାନର ନୂଆ ବିଜେପି ସରକାର ଏହି ପ୍ରକଳ୍ପ ପାଇଁ କଣ ପଦକ୍ଷେପ ନେଇଛନ୍ତି ସାଧାରଣରେ ଚର୍ଚ୍ଚା ହେଉଛି। କାହିଁକି ଫାଇଲ ତଳେ ପଡ଼ିରହିଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବଡ ସାହି ବିଧାୟକ ଏହି ପ୍ରକଳ୍ପ ପାଇଁ କଣ ପଦକ୍ଷେପ ନେଇଛନ୍ତି ତାହା ଜନସାଧାରଣ ଜାଣିବାକୁ ଚାହିଁଛନ୍ତି।

## ବନ ମହୋତ୍ସବରେ ଅଗ୍ନିଶମ କେନ୍ଦ୍ରର ଚାରାରୋପଣ

**ବାଲିପାଟଣା, ୯।୭(ସଂଚାର ବ୍ୟୁରୋ):** ବନମହୋତ୍ସବ ଅବସରରେ ଗତ ବୁଧବାର ଦିନ ବାଲିପାଟଣା ଅଗ୍ନିଶମ କେନ୍ଦ୍ର ପରିସରରେ ବନ ବିଭାଗ ଓ ବାଲିପାଟଣା ଅଗ୍ନିଶମ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯିବା ସହ ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଜଳବାୟୁ ସନ୍ତୁଳନ ରକ୍ଷାରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ବାଲିପାଟଣା ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ସାଧାରଣ ଜନତାଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରି ସେଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଦେଇ କହିଥିଲେ, 'ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ' ବାର୍ତ୍ତାକୁ ସମସ୍ତେ ଆପଣାଇଲେ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ପରିବେଶ ଗଠନ ସମ୍ଭବ ହେବ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ଯୁବକ ଗିରଫ

**ବୈଶିଙ୍ଗା,୯।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତରେ ନୂଆସାହିରେ ବୁଧୁବାର ମଧ୍ୟାହ୍ନରେ ଘରେ ଏକା ଥିବା ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅସଦାଚରଣ କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ ନାବାଳିକାଙ୍କ ଚିତ୍କାର ଶୁଣି ସାହି ପଡ଼ୋଶୀମାନେ ଦୌଡ଼ି ଆସିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ପୋଲିସ ତୁରନ୍ତ ସକ୍ରିୟ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପରେ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ନୂଆସାହି ଗ୍ରାମର ମଳୟ ଓରଫ ମୁନା ମହାକୁଡ଼ଙ୍କୁ ଗିରଫ କରାଯାଇ ପଚରାଉଚରା ଆରମ୍ଭ କରାଯାଇଥିଲା। ନାବାଳିକାଙ୍କ ଭିଣୋଇଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଅଧିକାରୀ ଇତିଶ୍ରୀ ସାହୁ ୩୪୧/୨୬ ନଂ ରେ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଇବା ସହ ପୋକ୍ସୋ ଆଇନ ସମେତ ଏକାଧିକ ସଙ୍ଗୀନ ଦଫାରେ ଗୁରୁବାର ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।



## ଶୂନ୍ୟରେ ଝୁଲୁଛି ନିର୍ମାଣାଧୀନ ରେଳ ଧାରଣା

**ହରଭଙ୍ଗା,୯।୭(ସଂଚାର ବ୍ୟୁରୋ):** ରେଳଧାରଣା ଧୋଇନେଲା ବର୍ଷା । ରଥଯାତ୍ରା ପୂର୍ବରୁ ଆଉ ପୁରୀକୁ ଗଡିବନି ଟ୍ରେନ । ଲଘୁଚାପ ଜନିତ ଲଗାଣ ବର୍ଷା ସାଜିଲା ବାଧକ । ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ରେଳ ଧାରଣା ତଳୁ ମାଟି ଧୋଇ ହୋଇଥିବା ସୂଚନା। ତଳେ ମାଟି ନଥାଇ ସମ୍ପୂର୍ଣ୍ଣ ଭାବେ ଶୂନ୍ୟରେ ଝୁଲୁଛି ରେଳ ଧାରଣା । ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନର ବୌଦ୍ଧ ଜିଲ୍ଲାର ଚାରିଛକ ରେଳ ଷ୍ଟେସନକୁ ରଥଯାତ୍ରା ପୂର୍ବରୁ ଗଡିଥାନ୍ତା ଟ୍ରେନ। ସେଥିପାଇଁ ସମସ୍ତ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲୁଥିଲା । ହେଲେ ଲଘୁଚାପଜନିତ ଲଗାଣ ବର୍ଷା ସାଜିଲା ବାଧକ। ଚାରିଛକ ରେଳ ଷ୍ଟେସନ ନିକଟ ୭ ନମ୍ବର ରେଳ ଟନେଲ ସମ୍ମୁଖରେ ପ୍ରାୟ ୨୦ ମିଟର ଲମ୍ବ ରେଳ ଧାରଣା ଧୋଇ ନେଇଛି । ଏହି ରେଳ ପ୍ରକଳ୍ପର ୪ ନଂ ଟନେଲ ମଧ୍ୟରେ ପାଣି ପଶିଥିବା ବେଳେ ଏବେ ରେଳ ଧାରଣା ପାଣିରେ ଧୋଇ ହୋଇଯିବା ଏହି ରେଳ ପ୍ରକଳ୍ପର ସ୍ଥାୟିତ୍ୱ ଏବଂ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ଓଡ଼ିଶା ପାଇଁ ଅପହଞ୍ଚ ଗାଁ ଉପରେ ଆନ୍ଧ୍ରର ନଜର

**ମାଲକାନଗିରି,୯।୭(ସଂଚାର ବ୍ୟୁରୋ):** ସରକାର କହିଲା ମାଓବାଦୀ ଆଉ ନାହିଁ କିନ୍ତୁ ମାଓମୁକ୍ତ ପରେ ମଧ୍ୟ ବିକାଶ ସ୍ରୋତରେ ସାମିଲ୍ ହୋଇପାରୁନି ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ। ଚିତ୍ରକୋଣ୍ଡା ବ୍ଲକର ସୀମାନ୍ତ ଗାଁକୁ ଯିବାକୁ ପକ୍କା ରାସ୍ତା ନଥିବାରୁ ୫୦ କି.ମି. ବୁଲି ଆନ୍ଧ୍ର ଦେଇ ଯାଉଛନ୍ତି ଲୋକେ। ଓଡ଼ିଶା ପାଇଁ ଅପହଞ୍ଚ ଗାଁ ଗୁଡ଼ିକ ଉପରେ ଆନ୍ଧ୍ରର ନଜର। ଲୋକଙ୍କୁ ସୁବିଧା ସୁଯୋଗ ଯୋଗାଇ ଗାଁ ଅକ୍ତିଆର କରିବାରେ ଲାଗିଛି ଆନ୍ଧ୍ର। ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତର ନାରଡୁପାଲ୍ଲୀ ଓ ଚିକ୍କାପାନସା, ରାଲଗେଡ଼ା ପଞ୍ଚାୟତର ତାଟିପାହାଡ଼, ଡବଲପାହାଡ଼ ଓ କଣ୍ଟାଗୁଡ଼ା ଗାଁକୁ ଯିବାକୁ ହେଲେ ଆନ୍ଧ୍ରର କୋରକୋଣ୍ଡା ଓ ଚିନ୍ତାପେଟା ରାସ୍ତା ଉପରେ ନିର୍ଭର କରିବାକୁ ପଡୁଛି। ପିଡିଏସ୍ ଚାଉଳ, ସ୍ୱାସ୍ଥ୍ୟସେବା ଓ ଭତା ଟଙ୍କା ପାଇଁ ଆନ୍ଧ୍ର ରାସ୍ତା ଦେଇ ଗଲେ ବି ଦୁଃଖ ସରୁନି। ୫୦ କି.ମି. ବୁଲି ଯିବା ପରେ ବାଟ ଓଗାଳୁଛି ପାହାଡ଼ି ନଦୀ। ଜୀବନକୁ ବାଜି ଲଗାଇ ଏହାକୁ ପାର ହେଲେ ଗ୍ରାମବାସୀ ଓଡ଼ିଶା ସୀମାନ୍ତ ଗ୍ରାମରେ ପହଞ୍ଚୁଛନ୍ତି। ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ସରକାରୀ କର୍ମଚାରୀ ମଧ୍ୟ ଆନ୍ଧ୍ର ରାସ୍ତା ଦେଇ ଗାଁକୁ ଆସୁଛନ୍ତି। ଏହା ସତ୍ତ୍ୱେ ସ୍ଥାୟୀ ପକ୍କା ରାସ୍ତା ଓ ନଦୀରେ ପୋଲ ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ଆନ୍ଧ୍ର ପଟକୁ ଢଳୁଛନ୍ତି ଗ୍ରାମବାସୀ। ସୀମାନ୍ତ ଗ୍ରାମ ଗୁଡ଼ିକରେ ଝାଡ଼ାବାନ୍ତି, ମ୍ୟାଲେରିଆ ବ୍ୟାପିଲେ ମାଲକାନଗିରି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ବହୁ ବାଧାବିଘ୍ନ ଦେଇ ଗ୍ରାମରେ ପହଞ୍ଚିବା ପୂର୍ବରୁ ଆନ୍ଧ୍ର ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସାସେବା ଯୋଗାଇଥାନ୍ତି।

ଭଲ ରାସ୍ତାରେ ପୁଣି ପିଚୁ

# ସରକାର କା ମାଲ୍, ଦରିଆ ମେଁ ଡାଲ୍

**ବିଷମକଟକ,୯।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତରେ ବିକାଶ ନାଁରେ ମହାଦୁର୍ନୀତିର ଗନ୍ଧ ବାରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଦରଗଡ଼ିରୁ ସାହାଡ଼ା ସଂଯୋଗକାରୀ ରାସ୍ତା ନିର୍ମାଣକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍ଥାନୀୟ ଗ୍ରାମବାସୀଙ୍କ ସଙ୍ଗୀନ ଅଭିଯୋଗ ଅନୁଯାୟୀ ଉକ୍ତ ରାସ୍ତାଟି ସମ୍ପୂର୍ଣ୍ଣ ବ୍ୟବହାର ଉପଯୋଗୀ ଓ ଚକାଚକ ଅବସ୍ଥାରେ ଥିବା ସତ୍ତ୍ୱେ କେବଳ ସରକାରୀ ପାଣ୍ଠି ହଡ଼ପ କରିବା ଉଦ୍ଦେଶ୍ୟରେ ପୁଣିଥରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ବାହାର କରାଯାଇ ସମ୍ପୂର୍ଣ୍ଣ ରାସ୍ତାରେ ପିଚୁ ଢଳାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ପୂର୍ବରୁ ନିର୍ମିତ ରାସ୍ତାରେ ଖଣ୍ଡିଏ ପିଚୁ ସୁଦ୍ଧା ଉଠିନଥିଲା କିମ୍ବା ରୋଡ୍ ମାର୍କିଂ ମଧ୍ୟ ଲିଭିନଥିଲା। ଏପରି ସ୍ଥିତିରେ ସମ୍ପୂର୍ଣ୍ଣ ଭଲ ରାସ୍ତାରେ ପୁନର୍ବାର ପିଚୁ ପକାଯିବା ସରକାରୀ ଅର୍ଥର ଯଥାର୍ଥ







ବ୍ୟବହାର ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ନୂତନ ଭାବେ ପକାଯାଇଥିବା ପିଚୁ ମଧ୍ୟ ଅତି ନିମ୍ନମାନର ହୋଇଥିବାରୁ ତାହା ଏବେଠାରୁ ଗୁଣ୍ଡ ଗୁଣ୍ଡ ହୋଇ ବାହାରିବା ଆରମ୍ଭ କଲାଣି। ଜାଣିଶୁଣି ପିସି କାରବାର ଓ ମାଲାମାଲ ହେବା ଚକ୍କରରେ ଠିକାଦାର ଓ ସରକାରୀ ବାବୁଙ୍କ ମଧୁଚନ୍ଦ୍ରିକାରେ ଏହି ଦୁର୍ବଳ କାର୍ଯ୍ୟ କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏହି ସମଗ୍ର ପ୍ରସଙ୍ଗରେ ସମ୍ପୃକ୍ତ କାର୍ଯ୍ୟ ପୂର୍ବତନ ଆରଡି ଜେଇ ଦିଲୀପ କୁମାର ରାଉତରାୟଙ୍କ କାର୍ଯ୍ୟକାଳ ସମୟରେ ସମ୍ପନ୍ନ ହୋଇଥିବାରୁ ସ୍ଥାନୀୟ ଲୋକପ୍ରତିନିଧି ଓ ଅଞ୍ଚଳବାସୀ ତାଙ୍କ ଭୂମିକାକୁ ନେଇ ସିଧା ସଳଖ ପ୍ରଶ୍ନ ଉଠାଇଛନ୍ତି। ଏହି ନିମ୍ନମାନର କାର୍ଯ୍ୟ ଏବଂ ଅର୍ଥ ହରିଲୁଟ ସମ୍ପର୍କରେ ଜେଇ ଶ୍ରୀ ରାଉତରାୟଙ୍କ

### ବିଷମକଟକ ବ୍ଲକରୁ ଆସିଲା ସଙ୍ଗୀନ ଚିତ୍ର

ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ନଦେଇ ନୀରବ ରହିଥିବା ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ବାବୁଙ୍କର ଏହି ନୀରବତା ଅଭିଯୋଗର ସତ୍ୟତାକୁ ଆହୁରି ଦୃଢ଼ କରୁଛି। ଭଲ ରାସ୍ତାକୁ ବାରମ୍ବାର ପିଚୁ କରାଯାଉଥିବା ବେଳେ ଅଞ୍ଚଳର ଅନେକ ଜରାଜୀର୍ଣ୍ଣ ଓ ମରଣଯନ୍ତା ପାଲଟିଥିବା ରାସ୍ତା ଦୀର୍ଘଦିନ ଧରି ମରାମତି ଅପେକ୍ଷାରେ ପଡ଼ିରହିଛି। ସରକାରୀ ବାବୁଙ୍କର ଏଭଳି ପାତରଅନ୍ତର ନୀତିକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା କେବଳ ରାଜକୋଷର ଅପବ୍ୟୟ ନୁହେଁ ବରଂ ସରକାରଙ୍କ ସ୍ୱଚ୍ଛ ଶାସନ ଓ ବିକାଶମୂଳକ କାର୍ଯ୍ୟର ସ୍ୱଚ୍ଛତା ଉପରେ ଏକ ବିରାଟ ପ୍ରଶ୍ନବାଚୀ। ଏଣୁ ସମଗ୍ର ଘଟଣାର ଏକ ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।